# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY 27 APRIL 2025
ରବିବାର ୨୭ ଏପ୍ରିଲ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 337 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୩୩୭ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


## ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ହତ୍ୟା !

**ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**



**ସାନଖେମୁଣ୍ଡି, ୨୬।୪/ଏନ୍ଏନ୍ଏସ୍:**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମରେ ଏକ ଅଭାବନୀୟ ଲୋମଟାଙ୍କୁରା ଘଟଣା ଘଟିଛି । ଦୁନିଆକୁ ଚିହ୍ନି ନଥିବା, ମା'ର ପଣତ କୋଳକୁ ଛାଡ଼ି ନଥିବା ଏକ ୪ ବର୍ଷର ନିଷ୍ପାପ ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ।

ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମରେ ସପ୍ତାହବ୍ୟାପୀ ଚାଲିଥିବା ଯାତ୍ରା ଉତ୍ସବ ଦେଖିବାକୁ ଜୟନଗର ଗ୍ରାମର ଜଣେ ମହିଳା ତାଙ୍କ ଶିଶୁକନ୍ୟାକୁ ଆଣି ବାପଘରକୁ ଆସିଥିଲେ । ଯାତ୍ରାର ଗହଳି ଚହଳି ଲାଗିଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଶିଶୁ କନ୍ୟାଟି ଆଉ ଘରକୁ ନ ଫେରିବାରୁ ପରିବାରରେ ଚହଳ ପଡ଼ିଥିଲା । ଆତ୍ମୀୟସ୍ୱଜନ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ଯାତ୍ରା କମିଟି ପକ୍ଷରୁ ଡାକବାଜି ଯୋଗେ ପିଲାଟିର ସନ୍ଧାନ ପାଇଁ ଘୋଷଣା କରାଯାଇଥିଲା । ପରେ ଏନେଇ ପାଟପୁର ଥାନା ପୁଲିସକୁ ମଧ୍ୟ ଖବର ଦିଆଗଲା । ତେବେ ଶୁକ୍ରବାର ବିଳମ୍ବିତ ରାତ୍ରି ପ୍ରାୟ ୧୨ଟା ସମୟରେ ଚନ୍ଦନ ନଗର ସାହି ଗ୍ରାମଦେବତୀ ମନ୍ଦିର ସନ୍ନିକଟ ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣାଧୀନ ଏକ ଗୃହରୁ ଶିଶୁକନ୍ୟାର ଉଲଗ୍ନ ମୃତଦେହକୁ ଉଦ୍ଧାର କରାଯାଇଥିଲା । ସଙ୍ଗେ ସଙ୍ଗେ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକୁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ପାଟପୁର ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା, ଚମାଖଣ୍ଡି ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ, ଶେରଗଡ଼ ଥାନା ଆଇଆଇସି ବୀରେନ୍ଦ୍ର ଶିଆଳ ପ୍ରମୁଖ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ତଦନ୍ତ କରିଥିଲେ । ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଖଲିଙ୍ଗିରେ ପହଞ୍ଚି ମୃତ ଶିଶୁକନ୍ୟାର ପରିବାରଙ୍କୁ ସମବେଦନା ଜଣାଇବା ସହ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ତୁରନ୍ତ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ସହ ହତ୍ୟାକାରୀର ଗିରଫଦାରୀ ପାଇଁ ସବୁ ମହଲରୁ ଦାବି ହେଉଛି ।

## ଭାରତର ଶକ୍ତ କାର୍ଯ୍ୟାନୁଷ୍ଠାନ: ଭୟରେ ବିଳିବିଳାଉଛି ପାକିସ୍ତାନ

# ବାଚାଳଙ୍କ ଭଳି ଧମକ ଦେଉଛନ୍ତି ପାକ୍ ନେତା

- କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରିଙ୍କ କଡ଼ା ଜବାବ
- ଚୀନ୍ ଶରଣରେ ପାକ୍ ନେତା ଈଶାକ୍ ଡାର୍, ପିଏଲ୍-୧୫ ଯୋଗାଇବାକୁ ମିଳିଛି ପ୍ରତିଶ୍ରୁତି

**ନୂଆଦିଲ୍ଲୀ, ଇସ୍‌ଲାମାବାଦ୍, ୨୬।୪/ଏଜେନ୍ସି:**

ପହଲଗାମ୍ ଘଟଣାକୁ ନେଇ ପ୍ରତିଶୋଧପରାୟଣ ହୋଇପଡ଼ିଥିବା ଭାରତର ଶକ୍ତ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ସମ୍ପୂର୍ଣ୍ଣ ରୂପେ ଭୟଭୀତ ହୋଇପଡ଼ିଛି । ପାକିସ୍ତାନର ଭୟ ଏହାର ନେତାଙ୍କ ପାଗଳ ପ୍ରାୟ ବୟାନ୍‌ବାଜିରୁ ସ୍ପଷ୍ଟ ପ୍ରତୀତ ହୋଇପଡୁଛି । ରିପୋର୍ଟ ଅନୁସାରେ ପାକିସ୍ତାନର ପୂର୍ବତନ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଭାରତକୁ ଧମକ ଦେଇଛନ୍ତି । ସିନ୍ଧୁ ନଦୀରେ ଜଳ ବହିବ ନଚେତ୍ ଭାରତୀୟଙ୍କ ରକ୍ତ ବହିବ ବୋଲି ସେ କହିଛନ୍ତି । ତାଙ୍କର ଏପ୍ରକାର ବିବୃତ୍ତି ସେତେବେଳେ ଆସିଛି ଯେତେବେଳେ ଭାରତ ସରକାର ପାକିସ୍ତାନ ସହ ୧୯୭୨ରେ ସ୍ୱାକ୍ଷରିତ ହୋଇଥିବା ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରିବା ସହ ସିନ୍ଧୁ ନଦୀରେ ଜଳ ନ ଛାଡ଼ିବା ଉପରେ ବିଚାର କରୁଛନ୍ତି । ସିନ୍ଧୁ ନଦୀ ଉପତ୍ୟକା ପାର୍ଶ୍ୱବର୍ତ୍ତୀ ସୁକ୍କୁର ଅଞ୍ଚଳରେ ଆୟୋଜିତ ▶▶ ୫



### ବାଂଲାଦେଶରେ ଫାଇଟର୍ ଜେଟ୍ ମୁତୟନ କରୁଛି ପାକିସ୍ତାନ

**ଇସଲାମାବାଦ, ୨୬।୪/ଏଜେନ୍ସି:**



୨୨ ଏପ୍ରିଲ ୨୦୨୫ରେ ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ରହିଛି । ଦୁଇ ଦେଶ କୌଣସି ମୁହୂର୍ତ୍ତରେ ମଧ୍ୟ ଯୁଦ୍ଧ ଆରମ୍ଭ ନେଇ ଘୋଷଣା କରିପାରନ୍ତି । ତେବେ ଏହା ସତ ଯେ, ପ୍ରଥମ ଆକ୍ରମଣ ଭାରତ ପଟୁ ହିଁ ହେବ । ▶▶ ୫

**ସ୍ପଷ୍ଟ କଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ: ବୈଧ ରହିବ ଦୀର୍ଘକାଳୀନ ଭିସା (ଏଲ୍‌ଟିଭି ଭିସା), ଭାରତରେ ରହିପାରିବେ ପାକ୍ ହିନ୍ଦୁ ନାଗରିକ**

**ପୁଣି ଏକ ଗୁଇନ୍ଦା ରିପୋର୍ଟ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ କଶ୍ମୀରରେ ପୁଣି ଏକ ବଡ଼ ଆକ୍ରମଣ ହୋଇପାରେ**

**ଜମ୍ମୁ-କାଶ୍ମୀରରେ ଜାରି ରହିଛି ବ୍ୟାପକ ସର୍ଚ୍ଚ ଅପରେସନ୍**

**ଥୋକରପୋରା ଗ୍ରାମରୁ ଧରାପଡ଼ିଲେ ପହଲଗାମ ଆକ୍ରମଣକାରୀଙ୍କ ୨ ସହଯୋଗୀ**

**ଆଉ ୩ ଲସ୍କର ଆତଙ୍କୀଙ୍କ ଘର ଉଡ଼ାଇଲା ସେନା**

**ପାକିସ୍ତାନରୁ ସ୍ୱଦେଶ ଫେରିଲେ ୧୯୭ ଭାରତୀୟ**

**ଅନନ୍ତନାଗରେ ଆଉ ୧୭୫ ସନ୍ଦିଗ୍ଧ ଅଟକ**

# ଭାରତ ଛାଡ଼ିବାକୁ ମିଳିଲା ନୋଟିସ୍

### ରାଜଧାନୀରେ ଜଣେ ମହିଳା

**ଭୁବନେଶ୍ୱର, ୨୬।୪/ଏନ୍ଏନ୍ଏସ୍:**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ମୁତାବକ ଓଡ଼ିଶାରୁ ୧୨ ପାକିସ୍ତାନୀ ନାଗରିକଙ୍କୁ ବିଦା କରାଯିବ । ଭିସା ରଦ୍ଦ କରି ଦିଆଯାଇଛି । ୪୮ଘଣ୍ଟା ଭିତରେ ତଡ଼ିପାର କରିବାକୁ ମଧ୍ୟ କୁହାଯାଇଛି । ଏହି କ୍ରମରେ ରାଜଧାନୀ ଭୁବନେଶ୍ୱରରେ ଜଣେ ପାକିସ୍ତାନୀ ମହିଳା ଥିବାର କମିଶନେରେଟ୍ ପୁଲିସ୍ ଜାଣିବାକୁ ପାଇଛି ।

ଶନିବାର ପୁଲିସ୍ ପକ୍ଷରୁ ସଂପୃକ୍ତା ପାକିସ୍ତାନୀ ମହିଳାକୁ ଭାରତ ଛାଡ଼ିଯିବାକୁ ନୋଟିସ୍ ଜାରି ହୋଇଛି । ସୂଚନାନୁସାରେ ଜଣେ ଓଡ଼ିଆଙ୍କୁ ବିବାହ କରି ସେ ଦୀର୍ଘମିଆଦୀ ଭିସାରେ ୨୦୦୮ରୁ ଭୁବନେଶ୍ୱରରେ ରହୁଛନ୍ତି । ଇତିମଧ୍ୟରେ ସମ୍ପୃକ୍ତ ପାକିସ୍ତାନୀ ମହିଳାଙ୍କ ଭିସା ଅବଧି ୨୦୨୪ରେ ଶେଷ ହୋଇଯାଇଛି । ସେଥିପାଇଁ ମହିଳା ଜଣଙ୍କ ଭାରତ ଛାଡ଼ି ପାକିସ୍ତାନ ଚାଲିଯିବା ପାଇଁ ଏକଜିଟ୍ ଭିସା ପାଇଁ କମିସନରେଟ୍ ପୁଲିସ ନିକଟରେ ▶▶ ୫

### କଟକରେ ୩ ପାକିସ୍ତାନୀ

**କଟକ, ୨୬।୪/ଏନ୍ଏନ୍ଏସ୍:**

କଟକ ସହରରେ ୩ ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରିଛି କମିଶନ୍‌ରେଟ୍ ପୁଲିସ । କେନ୍ଦ୍ର ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ କଟକ ସହରରେ କମିଶନରେଟ୍ ପୁଲିସ ଦୁଇଦିନ ଧରି ପାକିସ୍ତାନୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲା । ତେବେ ଏହି ପ୍ରକ୍ରିୟାରେ ୩ ଜଣଙ୍କ ମଧ୍ୟରେ ଜଣେ ବୟସ୍କ ପାକିସ୍ତାନୀ କଟକରେ ରହିଥିବା ବେଳେ ଅନ୍ୟ ଦୁଇଜଣ ନାବାଳକ ବୋଲି ଜଣାପଡ଼ିଛି । ବୟସ୍କ ବ୍ୟକ୍ତି ଜଣଙ୍କ ଦୀର୍ଘବର୍ଷ ଧରି କଟକରେ ରହିଛନ୍ତି । ଯିଏକି ପରିଣତ ବୟସରେ ପହଞ୍ଚିଥିବାରୁ ଚାଲିବୁଲି ପାରୁନଥିବା ବେଳେ ଦୀର୍ଘମିଆଦୀ ଭିସାରେ ଆସି କଟକରେ ରହୁଛନ୍ତି । ସେହିପରି ଚିହ୍ନଟ ହୋଇଥିବା ଅନ୍ୟ ଦୁଇଜଣ ହେଲେ ନାବାଳକ । ଏହି ଦୁଇଜଣଙ୍କ ମା' ଭାରତୀୟ ଓ ବାପା ପାକିସ୍ତାନୀ ହୋଇଥିବା କାରଣରୁ ପିଲା ଦୁଇଜଣ ସରକାରୀ ରେକର୍ଡ ଅନୁଯାୟୀ ପାକିସ୍ତାନୀ ବୋଲି କୁହାଯାଉଛି । ତେବେ ▶▶ ୫

### ଅସୁସ୍ଥ ବୃଦ୍ଧାଙ୍କ ପାଇଁ ଚିନ୍ତାରେ ପରିବାର

**ସୋର, ୨୬।୪/ଏନ୍ଏନ୍ଏସ୍:**

ସୋର ପୌରପାଳିକା ଅନ୍ତର୍ଗତ ପାରମହଲ୍ଲାରେ ରହୁଥିବା ଜଣେ ୭୦ ବର୍ଷିୟା ବୃଦ୍ଧାଙ୍କୁ ଶନିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରତ ଛାଡ଼ିବାକୁ ନୋଟିସ୍ ଆସିବା ପରେ ପରିବାର ମଧ୍ୟରେ ଭାଲେଣି ପଡ଼ିଛି । ସମ୍ପୃକ୍ତ ବୃଦ୍ଧା ସୋରରେ ଜନ୍ମଗ୍ରହଣ କରିଥିବା ବେଳେ ଥରେ ବି ପାକିସ୍ତାନ ଯାଇନଥିବା କହୁଥିବା ବେଳେ ତାଙ୍କୁ କେମିତି ନୋଟିସ୍ ଆସିଲା ତାହା ପରିବାର ଲୋକଙ୍କୁ ଚକିତ କରିଛି । ଏହି ବୃଦ୍ଧାଙ୍କର ସୋରରେ ଜନ୍ମ ପ୍ରମାଣପତ୍ର, ପାନ କାର୍ଡ, ଆଧାର କାର୍ଡ, ଭୋଟର୍ କାର୍ଡ, ଭତ୍ତା କାର୍ଡ, ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିବା ପରିବାର ସୂତ୍ରରୁ ପ୍ରକାଶ । ତେବେ ସମ୍ପୃକ୍ତ ବୃଦ୍ଧାଙ୍କ ବାପାଙ୍କ ଘର ବିହାର ଅଞ୍ଚଳର ହୋଇଥିବା ବେଳେ ସେ ପଠାଣ ମହଲ୍ଲା ଗ୍ରାମରେ ବିବାହ କରି ସୋରରେ ଏକ ଚା' ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ । କିନ୍ତୁ ସମ୍ପୃକ୍ତ ବୃଦ୍ଧାଙ୍କୁ ଯେତେବେଳେ ୧୩ବର୍ଷ ହୋଇଥିଲା, ସେତେବେଳେ ସେ ପାରମହଲ୍ଲା ଗ୍ରାମରେ ବିବାହ କରିଥିଲେ । ବିବାହ ପରେ ଏବେ ତାଙ୍କର ଦୁଇପୁଅ ଏବଂ ୩ ଝିଅ ଅଛନ୍ତି । ଅନ୍ୟପକ୍ଷରେ ବିବାହ ପରେ ବାପା ତାଙ୍କୁ ଛାଡ଼ି ଅନ୍ୟ ପରିବାର ସଦସ୍ୟଙ୍କ ସହିତ ପାକିସ୍ତାନ ବୁଲିବାକୁ ଯାଇ ଆଉ ଫେରି ନଥିଲେ । ସେବେଠାରୁ ସମ୍ପୃକ୍ତ ବୃଦ୍ଧା ପାରମହଲ୍ଲାରେ ସପରିବାର ▶▶ ୫

### ୬୦ବର୍ଷ ତଳୁ ଭାରତକୁ ଆସିଥିଲେ

**ବଲାଙ୍ଗୀର, ୨୬।୪/ଏନ୍ଏନ୍ଏସ୍:**

ଦୀର୍ଘମିଆଦୀ ଭିସା ବଳରେ ଭାରତ ସମେତ ଓଡ଼ିଶାରେ ରହୁଥିବା ପାକିସ୍ତାନୀ ନାଗରିକଙ୍କୁ ଫେରିଯିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହିକ୍ରମରେ ବଲାଙ୍ଗୀର ଟାଉନ୍ ଥାନା ଅଧୀନ ଠିକାଦାରପଡ଼ାରେ ସପରିବାର ରହୁଥିବା ଜଣେ ମହିଳାଙ୍କୁ ଭାରତ ଛାଡ଼ିବା ପାଇଁ ନିର୍ଦ୍ଦେଶ ହୋଇଛି । ବଲାଙ୍ଗୀର ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି । ଅନ୍ୟପକ୍ଷରେ ଉକ୍ତ ମହିଳାଙ୍କର ନାଗରିକତ୍ୱ ପାକିସ୍ତାନୀ ସତ୍ତ୍ୱେ ସେ ଜଣେ ଭାରତୀୟ ଭୋଟର୍ । ପରିବାରରେ ପୁଅ ଝିଅ ନାତିନାତୁଣୀ ସମସ୍ତେ ଭାରତୀୟ ହୋଇଥିଲେ ହେ କେବଳ ଏହି ମା'ଜଣକ ହେଉଛନ୍ତି ପାକିସ୍ତାନୀ । ସେ ୬୦ବର୍ଷ ତଳେ କୌଣସି କାରଣବଶତଃ ଭାରତକୁ ଆସି କୋରାପୁଟରେ ରହୁଥିଲେ । ପରବର୍ତ୍ତୀ ସମୟରେ ବଲାଙ୍ଗୀର ସହରରେ ଜଣେ ଭାରତୀୟଙ୍କୁ ବିବାହ କରି ସପରିବାର ରହିଆସୁଛନ୍ତି । ଏନେଇ ସମ୍ପୃକ୍ତ ମହିଳା ଜଣକ କହିଛନ୍ତି ଯେ ଭାରତରେ ଦୀର୍ଘ ୫ରୁ ଅଧିକ ଦଶନ୍ଧି ଧରି ରହିଆସୁଛି । ଓଡ଼ିଶାରେ ବିବାହ କରି ୩୫ ବର୍ଷ ହେଲା ଏଠାରେ ରହୁଛି । ନିର୍ବାଚନ ପରିଚୟପତ୍ର ଓ ଆଧାରକାର୍ଡ ▶▶ ୫

### ଶ୍ରୀମନ୍ଦିର ସୁରକ୍ଷା ପାଇଁ ବଢ଼ିଲା ଚିନ୍ତା

## ନିଯୁକ୍ତହେଲେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ



**ପୁରୀ, ୨୬।୪/ଏନ୍ଏନ୍ଏସ୍:**

ଶ୍ରୀମନ୍ଦିରର ସୁରକ୍ଷା ଓ ଶୃଙ୍ଖଳା ପାଇଁ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ । ନିୟୋଜିତ ହେଲେ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ । କମାଣ୍ଡାଣ୍ଟଙ୍କ ସହ ଦୁଇଜଣ ଡେପୁଟି କମାଣ୍ଡାଣ୍ଟ ଓ ତିନିଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିଯୁକ୍ତ ହୋଇଥିବା ବେଳେ ଆସନ୍ତା ୨୮ତାରିଖ ପୂର୍ବରୁ ଏମାନେ ଡ୍ୟୁଟିରେ ଯୋଗଦେବାକୁ ପୁଲିସ ହେଡ୍‌କ୍ୱାଟର୍ ଅତିରିକ୍ତ ଡିଜିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ କମାଣ୍ଡାଣ୍ଟ ଭାବେ ତାପସ ରଞ୍ଜନ ଦାସଙ୍କୁ ନିୟୋଜିତ କରାଯାଇଛି । ବାଟାଲିୟନ୍‌ରେ ଅଭିଜ୍ଞତା ଥିବା ପୁଲିସଙ୍କୁ ୩ବର୍ଷ ପାଇଁ ଡେପୁଟେସନ୍‌ରେ ଅଣାଯିବ । ରାଜ୍ୟ ସଶସ୍ତ୍ର କ୍ୟାଡର୍‌ର ଜଣେ କମାଣ୍ଡାଣ୍ଟ, ଦୁଇଜଣ ଡେପୁଟି କମାଣ୍ଡାଣ୍ଟ, ତିନିଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ସମେତ, ୮ ଇନ୍ସପେକ୍ଟର, ୩୧ ସବ୍ ଇନ୍ସପେକ୍ଟର, ୨୪ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ନିଯୁକ୍ତ ହେବେ । ତେବେ ଏହି ସୁରକ୍ଷା ବାହିନୀ ଆଣ୍ଟି ଟେରରିଷ୍ଟ ଅପରେସନ୍ ସହ ଶୃଙ୍ଖଳିତ ଦର୍ଶନ ଉପରେ ▶▶ ୫

## ପାଣିରେ ବୁଡ଼ିଗଲେ ଭାଇଭଉଣୀ



ଫାଇଲ୍ ଫଟୋ

**ନିଶ୍ଚିନ୍ତକୋଇଲି, ୨୬।୪/ଏନ୍ଏନ୍ଏସ୍:**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁରରେ ଏକ ଦୁଃଖଦ ଖବର ନଜରକୁ ଆସିଛି । ଖେଳୁଥିବା ସମୟରେ ପୋଖରୀରେ ବୁଡ଼ିଯାଇ ଭାଇ ଓ ସମ୍ପର୍କୀୟ ଭଉଣୀଙ୍କ ଜୀବନ ଯାଇଛି ।

ରାମକୃଷ୍ଣପୁର ଗ୍ରାମର ଦିଲ୍ଲୀପ ସାହୁଙ୍କ ଦୁଇବର୍ଷର ଶିଶୁପୁତ୍ର କାମେଶ୍ୱର ସାହୁ ଏବଂ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓସ୍ତପୁର ବାସିନ୍ଦା ବଳରାମ ସାହୁଙ୍କୁ ୪ ବର୍ଷର ଶିଶୁକନ୍ୟା ଭାଗ୍ୟଲକ୍ଷ୍ମୀ ସାହୁ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ଉଭୟ ଶିଶୁ ଖେଳିବାକୁ ଯାଇ ଦୁର୍ଭାଗ୍ୟବଶତଃ ଏକ ପୋଖରୀରେ ପଡ଼ି ମୃତ୍ୟୁବରଣ କରିଛନ୍ତି । ବଳରାମଙ୍କ ଝିଅ ଭାଗ୍ୟଲକ୍ଷ୍ମୀ ରାମକୃଷ୍ଣପୁରସ୍ଥିତ ତାଙ୍କ ମଉସା ଘରକୁ ଆସିଥିବାବେଳେ ଏଭଳି ଅଘଟଣ ଘଟିଛି । ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଉଭୟ ଶିଶୁଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଉଭୟ ଶିଶୁଙ୍କୁ ମୃତ ଘୋଷଣା କରାଯାଇଥିଲା । ଏଭଳି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶିଶୁଙ୍କ ଅକାଳ ବିୟୋଗରେ ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ରାଉତ, ମନୋରଞ୍ଜନ ସ୍ୱାଇଁ, ୨୪ ନଂ. ମଣ୍ଡଳ ସଭାପତି ସଞ୍ଜୟ ବେହେରା, ସରପଞ୍ଚ ଭାରତୀ ସ୍ୱାଇଁ ପ୍ରମୁଖଙ୍କ ଗଭୀର ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

### ଆଇଏମ୍ଏମ୍‌ଟିରେ ରୋଜଗାର ମେଳା

# ୨୫୮ ଯୁବକ, ଯୁବତୀଙ୍କୁ ମିଳିଲା ନିଯୁକ୍ତି ପତ୍ର

**ଭୁବନେଶ୍ୱର, ୨୬।୪/ଏନ୍ଏନ୍ଏସ୍:**

ପୂର୍ବ ସରକାରଙ୍କ ତୁଳନାରେ ବର୍ତ୍ତମାନର ସରକାର ଦେଢ଼ଗୁଣ ଅଧିକ ନିଯୁକ୍ତି ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାରୀ ନୀତିରେ ପାରଦର୍ଶିତା ଆସିଛି । ସୁଶାସନର ଅନେକ ନୂଆ ମାନଦଣ୍ଡ ପ୍ରତିଷ୍ଠା ହୋଇଛି । ବିଗତ ୧୦ ବର୍ଷ ମଧ୍ୟରେ ଦେଶର ଅନେକ ପ୍ରଗତି ହୋଇଛି । ଆଜି ଯେଉଁସବୁ ନିଷ୍ପତ୍ତି ନିଆଯାଉଛି ତା'ର ପ୍ରଭାବ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ । ଯୁବବର୍ଗ ଓ ମହିଳାଙ୍କ ସ୍ୱପ୍ନ ଶିଖର ଛୁଇଁଛି ଓ ସେମାନଙ୍କର ଆକାଂକ୍ଷା ପୂରଣ ହେଉଛି । ୨୫୮ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ହସ୍ତାନ୍ତର କରି ଏଭଳି ଗୁରୁମନ୍ତ୍ର ଦେଇଛନ୍ତି କେନ୍ଦ୍ର କର୍ପୋରେଟ୍ ବ୍ୟାପାର, ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା ।

ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଦେଶର ୪୭ଟି ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ସରକାରୀ ଯୋଜନାର ନିଯୁକ୍ତି ପତ୍ର ବିତରଣ କରିଛନ୍ତି । ଏହିକ୍ରମରେ ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ




(ଆଇଏମ୍ଏମ୍‌ଟି) ପରିସରରେ ଏକ ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ କେନ୍ଦ୍ର କର୍ପୋରେଟ୍ ବ୍ୟାପାର, ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ମାଲହୋତ୍ରା ଉଦ୍‌ବୋଧନ ଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା କ୍ରମେ ୨୦୨୨ଠାରୁ ଆରମ୍ଭ ହୋଇଥିବା ରୋଜଗାର ମେଳାଗୁଡ଼ିକରେ ୧୦ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କୁ ସରକାରୀ ଚାକିରି ଦିଆଯାଇ ସାରିଛି । ଆଜି ପଞ୍ଚଦଶ ରୋଜଗାର ମେଳା ଆୟୋଜନ କରାଯାଉଛି ।

ସେ ଆହୁରି କହିଥିଲେ, ମୋଦୀଜୀଙ୍କ ସୁଶାସନ ଏବଂ ଦୂରଦୃଷ୍ଟି କାରଣରୁ ଯୁବବର୍ଗ

**କେନ୍ଦ୍ର ମନ୍ତ୍ରୀ କହିଲେ, ସରକାରୀ ନୀତିରେ ଆସିଛି ପାରଦର୍ଶିତା**

ଓ ମହିଳାଙ୍କ ସ୍ୱପ୍ନ ଶିଖର ଛୁଇଁଛି ଏବଂ ସେମାନଙ୍କର ଆକାଂକ୍ଷା ପୂରଣ ହେଉଛି । ଦେଶରେ ଆସିଥିବା ବ୍ୟାପକ ପରିବର୍ତ୍ତନ କାରଣରୁ ଦେଶର ନାଗରିକଙ୍କୁ ସବୁପ୍ରକାର ମୌଳିକ ସୁବିଧା ମିଳିପାରୁଛି । ଗାଁ ଲୋକମାନେ ମଧ୍ୟ ଆଜି ଡିଜିଟାଲ୍ ସେବାର ଲାଭ ପାଇପାରୁଛନ୍ତି । ଦେଶର ଯୁବବର୍ଗ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ମାଲହୋତ୍ରା ଆହୁରି କହିଥିଲେ, ସରକାରୀ କର୍ମଚାରୀମାନଙ୍କୁ କର୍ମଯୋଗୀରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଶନ କର୍ମଯୋଗୀ ଏବଂ ଆଇ-ଗଟ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ଏହି ପୋର୍ଟାଲ୍‌ରେ ୧୪ଶହରୁ ଅଧିକ ପାଠ୍ୟକ୍ରମ ରହିଛି । ଏସବୁ ପାଠ୍ୟକ୍ରମ ମାଧ୍ୟମରେ ସରକାରୀ କର୍ମଚାରୀମାନେ ସ୍ୱତନ୍ତ୍ର ସହାୟତା ଲାଭ କରିବା ସହିତ ନିଜ ଦକ୍ଷତାରେ ସୁଧାର ଆଣିପାରୁଛନ୍ତି । ଏବେ ସୁଦ୍ଧା ୧କୋଟିରୁ ଅଧିକ କର୍ମଚାରୀ ଏସବୁ ପାଠ୍ୟକ୍ରମର ଲାଭ ଉଠାଇସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ ।

କାର୍ଯ୍ୟକ୍ରମରେ ସିଜିଏସ୍‌ଟି ଏବଂ ସୀମାଶୁଳ୍କ, ଭୁବନେଶ୍ୱର ପ୍ରାନ୍ତ ମୁଖ୍ୟ ଆୟୁକ୍ତ ଏମ୍.ଏସ୍ ରେଡ୍ଡୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପଦ କର୍ମାଳକର, ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମୁଖ୍ୟ ଡାକପାଳ ନିର୍ମଳଜିତ ସିଂଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବାଲେଶ୍ୱରରେ ଏନ୍ଆଇଏ ଟିମ୍



**ବାଲେଶ୍ୱର, ୨୬।୪/ଏନ୍ଏନ୍ଏସ୍:**

ଜମ୍ମୁ-କାଶ୍ମୀର ପହେଲଗାମ ଆତଙ୍କବାଦୀ ଆକ୍ରମଣରେ ନିହତ ପ୍ରଶାନ୍ତ ଶତପଥିଙ୍କ ଘର ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଇଶାଣୀ ଗାଁକୁ ନ୍ୟାସନାଲ୍ ଇନ୍‌ଭେଷ୍ଟିଗେଟିଂ ଏଜେନ୍ସି(ଏନ୍ଆଇଏ)ର ଏକ ତିନିଜଣିଆ ଟିମ ଶନିବାର ଗସ୍ତ କରିଥିବା ଜଣାପଡ଼ିଛି । ଏହି ଟିମ୍ ଶନିବାର ପାଖାପାଖି ୧୧ଟା ବେଳେ ଇଶାଣୀରେ ପହଞ୍ଚି ପ୍ରାୟ ୩ ଘଣ୍ଟା ଧରି ପ୍ରଶାନ୍ତ ଶତପଥିଙ୍କ ପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଏବଂ ପୁଅ ▶▶ ୫

## ଏପ୍ରିଲ୍ ୨୯ରୁ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି କାର୍ଯ୍ୟ

**ପୁରୀ, ୨୬।୪/ଏନ୍ଏନ୍ଏସ୍:**

ଆସନ୍ତା ଏପ୍ରିଲ ୨୯ରୁ ଜୁନ୍ ୨୭ତାରିଖ ଯାଏ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ । ଏନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶନିବାର ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବୈଠକ ପରେ ସୂଚନା ମିଳିଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଏସ୍‌ଆଇର ଅଧିକାରୀ, ▶▶ ୫

# ଅଧାରେ ରହିଛି ନିର୍ମାଣାଧୀନ ନୂତନ ପମ୍ପ୍ ହାଉସ୍

**କଣ୍ଟିଲୋ,୨୬।୪/ଏନ୍ଏନ୍ଏସ୍:** ଓଡ଼ିଶାର ଏକକ ଗ୍ରାମ ପଞ୍ଚାୟତ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ ନୟାଗଡ଼ ଜିଲ୍ଲା କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବ ମହାପ୍ରଭୁଙ୍କ କ୍ଷେତ୍ର। ଏଠି ପ୍ରାୟ କୋଡ଼ିଏ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ବସ ବାସ କରନ୍ତି। ସୂଚନା ଅନୁଯାୟୀ ଶ୍ରୀଜିଉଙ୍କ ପଶ୍ଚିମ ଦ୍ୱାର ପାର୍ଶ୍ୱ ମହାନଦୀ କୂଳରେ ଥିବା ପମ୍ପ୍ ହାଉସରୁ ପାନୀୟଜଳ ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ୱାର୍ଡକୁ ସପ୍ଲାଏ କରାଯାଇଥାଏ। ବହୁ ବର୍ଷ ହେବ ନିର୍ମିତ ଏହି ପୁରୁଣା ପମ୍ପ ହାଉସର ନିରାପତ୍ତା ଓ ସ୍ଥାୟିତ୍ୱ ଭଲ ନଥିବା ତଥା ବର୍ଷା ଦିନେ ନଦୀ ବଢ଼ିଲେ ପାଣିରେ ବୁଡ଼ି ଯାଇ ପାନୀୟଜଳ ଯୋଗାଣରେ ଘୋର ଅସୁବିଧା ହେଉଥିବା ଯୋଗୁ ବିଭାଗୀୟ ଅଧିକାରୀ ମାନେ ଉକ୍ତ ପମ୍ପ ହାଉସ କୁ ସ୍ଥାନାନ୍ତରିତ କରି ହାଟମୁଣ୍ଡ ପାଟଣାସ୍ଥ 'ଗଙ୍ଗା ଦେବୀ'ଙ୍କ ଆସ୍ଥାନ ପାଖରେ ୪୫ଲକ୍ଷ ଟଙ୍କା ବ୍ୟୟରେ ନୂତନ ପମ୍ପ ହାଉସ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଦୁଃଖ ଓ ଆଶ୍ଚର୍ଯ୍ୟ ଯେ, ଆଜକୁ ଛଅ ମାସ ପୂର୍ବେ ଆରମ୍ଭ ହୋଇଥିବା କାର୍ଯ୍ୟ ଆଜି ସୁଦ୍ଧା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। ତେଣୁ ବର୍ଷା ଦିନ ନଦୀବଢ଼ି ପୂର୍ବରୁ ଉକ୍ତ ଅର୍ଦ୍ଧନିର୍ମିତ ନୂତନ ପମ୍ପ ହାଉସକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ଜନସାଧାରଣଙ୍କୁ ସେବା ଯୋଗାଇଦେବା ପାଇଁ କଣ୍ଟିଲୋ ଅଧିବାସୀ ପାନୀୟଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ ଓ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।



## ଆଦିବାସୀ ହିତାଧିକାରୀଙ୍କୁ ନିରାଶକଲା ପ୍ରଶାସନ

# ଆବାସ ପାଇଁ ଦୁଇ ପରିବାର ନୟାନ୍ତ

**ଓଡ଼ଗାଁ,୨୬।୪/ଏନ୍ଏନ୍ଏସ୍:** ଖଣ୍ଡେ ଆବାସ ପାଇବାକୁ ବଡ଼ ଆଶା କରିଥିଲେ। କିଛିବର୍ଷ ପରେ ଆବାସ ମିଳିବା ପରେ ଖୁସି କହିଲେ ନସରେ।ସରକାର ଆମ ଦୁଃଖ ବୁଝିଲେ ଓ ସରକାରୀ ଯୋଜନାରେ ଆମକୁ ସାମିଲକଲେ ବୋଲି ଭାବିଲୁ। ଏହାପରେ ସରକାରୀ ବାବୁମାନେ ତୁହାକୁ ତୁହା ଘରକୁ ଆସି ତଦନ୍ତକରି ଗଲେ ଓ ଘର ତିଆରି କରିବାକୁ ନିର୍ଦ୍ଦେଶ ଦେଲେ କିନ୍ତୁ ପାଣି ଫୋଟକା ପରି ସବୁ କିଛି ବିଗିଡି ଗଲା। ଘର ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ପ୍ରଥମ କିସ୍ତିଦେଇ କାମ ସାରିଦେଇଛି ପ୍ରଶାସନ। ଓଡ଼ଗାଁ ବ୍ଲକ୍ କଜଳାଇପଲ୍ଲି ପଞ୍ଚାୟତ ଗୋଛା ଗ୍ରାମର ଆଦିବାସୀଙ୍କ କ୍ଷେତ୍ରରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକଙ୍କୁ ଅଗ୍ରାଧିକାର ଦେଇ ଆବାସ ଯୋଜନାରେ ସାମିଲ କରିବାକୁ ସରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଗୋଛା ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ଭାସି ଦେଇ ଓ କପିଳ ପ୍ରଧାନଙ୍କ ସ୍ତ୍ରୀ ଦୂର ଦେଇଙ୍କ କ୍ଷେତ୍ରରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ୨୦୧୫ ମସିହାରେ ଉଭୟଙ୍କୁ ଆବାସ କାର୍ଯ୍ୟାଦେଶ ପ୍ରଦାନ କରିବାପରେ ଘର ତିଆରିହେଲା ଓ ପ୍ରଥମ କିସ୍ତି ଟଙ୍କା ଦିଆଗଲା। ଦୁଇ ପରିବାର ଧାର କରଜକରି ଘର ସମ୍ପୂର୍ଣ କଲେ। ଏହାପରେ ଆବାସ ଟଙ୍କା ନଦେଇ ଦିନପରେ ଦିନ ଗଡ଼ାଇ ଚାଲିଲେ। ଏବେ ଦୁଇ ପରିବାର ଆବାସ ଟଙ୍କା ନପାଇ ଋଣରେ ବୁଡ଼ିଛନ୍ତି। ଆବାସ ଟଙ୍କା ପାଇବାକୁ ବାରମ୍ବାର ବ୍ଲକ୍କୁ ଧାଇଁଥିଲେ ମଧ୍ୟ କେହି କର୍ଣ୍ଣପାତ କରିନାହାନ୍ତି। ଚାହୁଁ ଚାହୁଁ ୧୦ବର୍ଷ ବିତିବାକୁ ବସିଲାଣି କିନ୍ତୁ ତାଙ୍କୁ ଉପେକ୍ଷା କରାଯାଇଛି। ପ୍ରଶାସନ ଆଦିବାସୀଙ୍କ ସହ କାହିଁକି ଖେଳ ଖେଳିଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଉଭୟ ପରିବାରଙ୍କୁ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଛି। ଏହି ଘଟଣାରେ ବିଡିଓ ଜିତେନ୍ଦ୍ର କୁମାର ନାୟକ ସେ ଦୁହିଙ୍କ କାର୍ଯ୍ୟାଦେଶ ଦେଖିଲା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



# ଗୋପୀନାଥପୁର ଗ୍ରାମରେ ପାନୀୟଜଳ ସଙ୍କଟ

**କଣ୍ଟିଲୋ,୨୬।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବେଣାଗାଡ଼ିଆ ପଞ୍ଚାୟତର ୨୧ ଓ ୨୨ ଦୁଇ ୱାର୍ଡର ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଅଧିବାସୀ ଗୋପୀନାଥପୁର ଗ୍ରାମରେ ବାସ କରନ୍ତି। ଦୁଃଖର ବିଷୟ, ଏହି ଗ୍ରାମ ବାଟ ଦେଇ ୩୩କିଲୋମିଟର ଦୂରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦିଆଯାଉଥିଲେ ହେଁ ଏହି ଗ୍ରାମର ଅଧିବାସୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ଗ୍ରୀଷ୍ମଋତୁରେ ଜଳସ୍ତର ଦିନକୁ ଦିନ କମୁଥିବା ହେତୁ ନଳକୂପଗୁଡ଼ିକ ଆଉ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସେଥିପାଇଁ ବର୍ତ୍ତମାନ ଗୋପୀନାଥପୁର ଗ୍ରାମରେ ପାନୀୟ ଜଳସଙ୍କଟ ଦେଖାଦେଇଛି। ଉକ୍ତ ଗ୍ରାମର ମୁଖ୍ୟ ରାସ୍ତା ଉପରେ ଥିବା ଏକ ମାତ୍ର କୂଅରୁ ମହିଳାମାନେ ପାଣି ଗରା ଓ ବାଲ୍ଟିରେ ମୁଣ୍ଡରେ ବୋହୁଥିବାବେଳେ କିଛି ଛାତ୍ରଛାତ୍ରୀ ସାଇକେଲ ଯୋଗେ ପାଣି ବୋହୁଥିବାର ଦେଖିବାକୁ ମିଳୁଛି। ଏହି ଗ୍ରାମକୁ ଟ୍ୟାଙ୍କରରେ ପାଣି ଯୋଗାଇବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ସବୁଠାରୁ ବେଶୀ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟ ଯେ, ମହାନଦୀରୁ ବଡ଼ବାଣପୁର ପଞ୍ଚାୟତ ମହକୁମାଠାରୁ ଗୋପୀନାଥପୁର ଗ୍ରାମ ରାସ୍ତା ଦେଇ ୩୩ କିଲୋମିଟର ଦୂର ନୟାଗଡ଼ ଜିଲ୍ଲା ସଦର ମହକୁମା ଓ ସେଠାରୁ ଅନ୍ୟତ୍ର ସ୍ୱଚ୍ଛ ପାନୀୟଜଳ ସରକାର ଓ ଜଳ ଯୋଗାଣ ବିଭାଗ ଅଧିକାରୀମାନେ ଯୋଗାଇ ଦେଉଥିବା ବେଳେ, ବଡ଼ବାଣପୁରଠାରୁ ପାଇପ୍ ଯାଇଥିବା ରାସ୍ତା ଉପରେ ମାତ୍ର ୩ କିଲୋମିଟର ଦୂରରେ ଥିବା ଗୋପୀନାଥପୁର ଗ୍ରାମବାସୀମାନେ ପାନୀୟଜଳ ନ ପାଇବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ହୋଇପଡ଼ିଛି। ବର୍ତ୍ତମାନ ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଥିବା ବେଳେ ଲୋକେ ବହୁ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ତେଣୁ ଯଥାଶୀଘ୍ର ସ୍ୱଚ୍ଛ ପାନୀୟଜଳ ଯୋଗାଇଦେବା ପାଇଁ ଗ୍ରାମବାସୀ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି।



## କାଳବୈଶାଖୀରେ ଉଡ଼ିଗଲା ଟିଣ ଛପର

# ବିଦ୍ୟାଳୟ ଗୃହ ତୁରନ୍ତ ମରାମତି ଦାବି

**କଣ୍ଟିଲୋ,୨୬।୪/ଏନ୍ଏନ୍ଏସ୍:** ବର୍ତ୍ତମାନ ସମଗ୍ର ରାଜ୍ୟରେ ଚାଲିଥିବା କାଳବୈଶାଖୀ ବର୍ଷା ଓ ଜୋର୍‌ଦାର୍ ମେଘ ପବନ ଯୋଗୁ ବିଭିନ୍ନ ସରକାରୀ ହେଉ କିମ୍ବା ବେସରକାରୀ ହେଉ ବହୁଗୁଡ଼ିଏ ଧନଜୀବନ ନଷ୍ଟ ହେବା ସହିତ ବହୁ ଶିକ୍ଷା ଅନୁଷ୍ଠାନ ଭାଙ୍ଗିରୁଜି ପଡ଼ିଥିବା ଦେଖିବାକୁ ମିଳିଛି। ଏଥିସହିତ ବିଦ୍ୟାଳୟର ଟିଣ ଛପର ଉଡ଼ାଇ ନେଇଥିବା ନଜିର ଅଛି। ସେଥି ମଧ୍ୟରୁ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଧାନ ଚାଙ୍ଗଡ଼ା ପଞ୍ଚାୟତର ଧାନ ଚାଙ୍ଗଡ଼ା ଉଚ୍ଚ ବିଦ୍ୟାଳୟର ଏକ ଶ୍ରେଣୀଗୃହର ଛପର ହୋଇଥିବା ଟିଣ ଉଡ଼ାଇ ନେଇ ଅନ୍ୟତ୍ର ପକାଇଥିବା ସ୍ଥାନୀୟ ଅଧିବାସୀଙ୍କ ଠାରୁ ପ୍ରକାଶ। ସୂଚନାରୁ ଜଣାପଡ଼ିଛି ଯେ ଗତ ୧୯୮୫ ମସିହାରେ ପ୍ରତିଷ୍ଠିତ ଏହି ଉଚ୍ଚ ବିଦ୍ୟାଳୟରେ ଛପର ହୋଇଥିବା ସବୁ ଟିଣ ନଷ୍ଟ ହୋଇଯାଇଥିଲେ ମଧ୍ୟ ଏହାର ମରାମତି ପାଇଁ ଶିକ୍ଷା ବିଭାଗ ଅଧିକାରୀମାନଙ୍କର ଆଦୌ ନିଘା ନଥିଲା ଭଳି ଅଭିଯୋଗ ହେଉଛି। ବର୍ତ୍ତମାନ ସେହି ବିଦ୍ୟାଳୟର ଶ୍ରେଣୀଗୃହରେ ବସି ଛାତ୍ରଛାତ୍ରୀମାନେ ପାଠପଢ଼ିବା ପାଇଁ ନିରାପଦ ମଣୁନାହାନ୍ତି। ତେଣୁ ଯଥାଶୀଘ୍ର ଉଡ଼ି ଯାଇଥିବା ଶ୍ରେଣୀଗୃହ ସହିତ ଅନ୍ୟ ଶ୍ରେଣୀଗୃହର ଆବଶ୍ୟକ ମରାମତି ଓ ନୂତନ ଟିଣ ଛପର କରନ୍ତୁ। ନଚେତ୍ ଛାତଘର କରି ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ିବାର ପ୍ରତ୍ୟେକ ସୁବିଧା ଯୋଗାଇଦେବା ପାଇଁ ଧାନଚାଙ୍ଗଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ନୟାଗଡ଼ ଶିକ୍ଷାଧିକାରୀ, ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି।



# ଭିନ୍ନକ୍ଷମ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ବେଗୁନିଆ,୨୬।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଅଠରାଙ୍ଗ ଗ୍ରାମରେ ଜଣେ ଭିନ୍ନକ୍ଷମ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ବେଗୁନିଆ ବ୍ଲକ ବୋଟଲମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମର କୁନା ଓରଫ ସୁରେଶ ସେଠୀ(୩୯) ଜଣେ ପକ୍ଷାଘାତ ଭିନ୍ନକ୍ଷମ ରୋଗୀ ଅଟନ୍ତି। ତାଙ୍କର ୨ହାତର ପାପୁଲି ଓ ବେକରେ ପକ୍ଷାଘାତ ରୋଗ ହୋଇଥିବା ବେଳେ ନିଜର ପେଟପୋଷିବା ଓ ପରିବାର ପେଟ ପୋଷିବା ପାଇଁ ପ୍ରତିଦିନ ପ୍ରଚଣ୍ଡ ଖରାରେ ୨ହାତର ଏହି ପକ୍ଷାଘାତ ପାପୁଲିରେ ୨ଟିବ୍ୟାଗ ଓହଳାଇଧରି ପାଖରେ ଥିବା ଗାଁକୁ ଗାଁ ବୁଲି ଭିକ୍ଷା ମାଗିଥାନ୍ତି। ପ୍ରତିଦିନ ଭଳି ଗତ ୨୪ ତାରିଖଦିନ ଭିକ୍ଷାବୃତ୍ତି ସାରି ଘରକୁ ଫେରି ଖାଇପିଇ ରାତିରେ ଏକାକୀ ଶୋଇଥିଲେ। ତାଙ୍କର ସ୍ତ୍ରୀ ଓ ଏକମାତ୍ର ଛୋଟପୁଅ ସୁରେଶଙ୍କ ଶ୍ୱଶୁର ଘରେ ରହୁଥିବାରୁ ସେ ଏକାକୀ ରହୁଥିଲେ। ୨୫ତାରିଖ ସକାଳୁ ସେ ନ ଉଠିବାରୁ ତାଙ୍କର ବଡ଼ଭାଉଜ ପୁଷ୍ପାଞ୍ଜଳି ସେଠୀ ଦେଖିଲା ବେଳକୁ ସୁରେଶଙ୍କ ମୃତ୍ୟୁ ଘଟିଛି। ପୁଷ୍ପାଞ୍ଜଳି ଘଟଣା ସଂପର୍କରେ ସ୍ଥାନୀୟ ପୁଲିସ ନିକଟରେ ଅଭିଯୋଗ କରିବାସହ ସୁରେଶଙ୍କ ସ୍ତ୍ରୀଙ୍କ ପାଖକୁ ଖବର ଦେଇଥିଲେ। ଖବର ପାଇ ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣତିର ବିଟ୍‌ହାଉସରେ କାର୍ଯ୍ୟରତ ବେଗୁନିଆ ଥାନା ସହକାରୀ ଉପନିରୀକ୍ଷକ ସରୋଜ ସେନାପତି ଓ ସୁରେଶଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ସମସ୍ତଙ୍କ ଉପସ୍ଥିତିରେ ଶବ ଜବତ କରି ତଦନ୍ତ କଲାବେଳେ ଶବ ନିକଟରେ ୫୦ମିଲିଗ୍ରାମ ମଦଥିବା ଏକ ମଦ ବୋତଲ, ଗ୍ଲାସ ଓ ଏକ ଷ୍ଟିଲ୍ ବାସନରେ କିଛି ବରା ରହିଥିବାର ଦେଖିବାକୁ ମିଳିଥିଲା। ଶବ ପଞ୍ଚନାମା ପରେ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ପଠାଯାଇଥିଲା ଓ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଶବ ସତ୍କାର ହୋଇଥିଲା। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେତୁ ଅଂଶୁଘାତଜନିତ କିମ୍ବା ହଠାତ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।


# ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଶିବିର

**ଚୌଦ୍ୱାର,୨୬।୪/ଏନ୍ଏନ୍ଏସ୍:** ଇମ୍ଫା କାରଖାନା ସାମାଜିକ ଦ୍ୱାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ(ବି.ଆଇ.ପି.ଏଫ୍) ଆନୁକୂଲ୍ୟରେ ଶନିବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ବରହମପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ବରହମପୁର ଗ୍ରାମ ପଞ୍ଚାୟତ ସରପଞ୍ଚ କଲ୍ୟାଣି ଦାସ ଓ ଇମ୍ଫା କାରଖାନା ତାପଜ ବିଦ୍ୟୁତ ବିଭାଗ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗ ଯଥା ଅସ୍ଥିଶଲ୍ୟ, ଚର୍ମ, ଭେଷଜ, ସ୍ତ୍ରୀ ଓ ପ୍ରସୂତି ଓ ଚକ୍ଷୁ ବିଭାଗର ୫ଜଣ ଡାକ୍ତର ପଞ୍ଜିକୃତ ୩୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ଦେଇଥିଲେ। ଇମ୍ଫା କାରଖାନାର ଅଧିକାରୀମାନଙ୍କ ମଧ୍ୟରେ ସଞ୍ଜୀବ ଗୁପ୍ତା, ବବିତ ନନ୍ଦ, ନିରଞ୍ଜନ ସାହୁ, ଉମେଶ ପଟ୍ଟନାୟକ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁନୀଲ କ୍ରିଷ୍ଣା ଦାସ, ଅଭିଷେକ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳରେ ବି.ଆଇ.ପି.ଏଫ୍ ପକ୍ଷରୁ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରଟି ପ୍ରଶଂସିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଇମ୍ଫାର ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ସହ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ସ୍ଥିତପ୍ରଜ୍ଞ ଦାସ, ପିଙ୍କି ସାହୁ, ମନୋଜ ମହାପାତ୍ର, ସୌଭାଗ୍ୟ ପ୍ରଧାନଙ୍କ ସହିତ ୧୦ଜଣ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ। ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ନେତା ଜଗନ୍ନାଥ ଦାସ, ରବୀନ୍ଦ୍ର ସାହୁ, ଅଭୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ପଶ୍ଚିମବଙ୍ଗରେ ସମ୍ବର୍ଦ୍ଧିତ ହେଲେ ଓଡ଼ିଆ ପୁଅ ଦୀପକ୍

**ଫୁଲନଖରା,୨୬।୪/ଏନ୍ଏନ୍ଏସ୍:** ସାଂସ୍କୃତିକ ସଂଗଠନ ଆରାଧ୍ୟା କଲଚରାଲ ଏକାଡ଼େମୀ ଫୁଲନଖରା ଉପଦେଷ୍ଟା ତଥା କେନ୍ଦ୍ରାପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ବିଶିଷ୍ଟ ରକ୍ତଦାତା ଦୀପକ୍ କୁମାର ଚୌଧୁରୀଙ୍କୁ ସୁଦୂର ପଶ୍ଚିମବଙ୍ଗରେ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡ଼ିଛି। ତାଙ୍କର ସମାଜସେବା, ରକ୍ତଦାନ, ସ୍କୁଲ୍, କଲେଜ୍, ଇଣ୍ଡଷ୍ଟ୍ରିରେ ଦୁର୍ଘଟଣା ପରେ ପ୍ରାଥମିକ ଚିକିତ୍ସା ନେଇ ତାଲିମ ପ୍ରଦାନ, ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଆୟୋଜିତ ଭାରତର ଏମ୍‌ଡି ୩୨୨ ମଲ୍ଟିପୁଲ୍ ଅନ୍ତର୍ଜାତୀୟ ସମ୍ମିଳନୀ ସମାରୋହରେ ଭାରତର ଉଚ୍ଚ ପଦାଧିକାରୀମାନଙ୍କ ଗହଣରେ ତୃତୀୟ ଭାଇସ୍ ପ୍ରେସିଡେଣ୍ଟ ଡାକ୍ତର ମନୋଜ ଶାହା ଏହି ପ୍ରେସିଡେନ୍ସିଆଲ ଆୱାର୍ଡ଼ ପ୍ରଦାନ କରିଥିଲେ। ଓଡ଼ିଶାର ପୁଅ ହିସାବରେ ତାଙ୍କର ଏହି ଅବିସ୍ମରଣୀୟ କାର୍ଯ୍ୟ ଦକ୍ଷତା ପାଇଁ ଆମ ରାଜ୍ୟ ଗର୍ବିତ। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ ଲାୟନ୍ସ ଦୀପକ କୁମାର ଦୀର୍ଘ ୨୭ବର୍ଷ ଧରି ସମାଜ ପାଇଁ ସମର୍ପିତ ଜଣେ ପ୍ରେରଣାଦାୟୀ ମହାନ ବ୍ୟକ୍ତିତ୍ୱ ଭାବେ ପରିଚିତ।



# ଗୁରୁକୁଳ ଶିକ୍ଷା ନିକେତନରେ କବିତା ପାଠ




**ବେଗୁନିଆ,୨୬।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମସ୍ଥିତ ଗୁରୁକୁଳ ଶିକ୍ଷାନିକେତନ ପକ୍ଷରୁ ଏକ ସାହିତ୍ୟ ସଭା ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଆୟୋଜିତ 'ବଳଦର ବ୍ରହ୍ମଚର୍ଯ୍ୟ' ଶୀର୍ଷକ ଆଲୋଚନା ଓ କବିତା ପାଠରେ ଶିକ୍ଷା ନିକେତନର ଉପଦେଷ୍ଟା ଗାୟକ ଭାସ୍କରନ୍ ଖଗେଶ୍ୱର ମାର୍ଥା ପୌରୋହିତ୍ୟ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପଣ୍ଡିତ ମାୟାଧର ପାଣିଗ୍ରାହୀଙ୍କ ମଙ୍ଗଳା ଚରଣ ପାଠ ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ବିଶିଷ୍ଟ ବ୍ୟଙ୍ଗକ୍ୱି ସତ୍ୟାନାଶ ମୁଖ୍ୟ ଅତିଥି, ବାଗ୍ମୀ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ବିଶିଷ୍ଟ ରସାୟନବିଜ୍ଞାନୀ ପ୍ରଫେସର ଡ. ହରିପ୍ରସାଦ ଦାସ ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ନିଷ୍କ୍ରିୟ ସଜ୍ଜନମାନେ ବଳଦ ଭଳି ଜୀବନଯାପନ କରିବା ସମାଜ ପାଇଁ ଶୁଭଙ୍କର ନୁହେଁ। ବୁଦ୍ଧିଜୀବୀମାନେ ନିରବ ନ ରହି ନିଜସ୍ୱ ବିଚାରକୁ ମୁକ୍ତ ଓ ନିର୍ଭୟ ଭାବେ ପ୍ରକାଶ କଲେ ଏକ ସର୍ବୋତ୍ତମ ସମାଜ ଗଠନରେ ସହାୟକ ହୋଇପାରନ୍ତେ ବୋଲି କହିଥିଲେ। ପରେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ କବି ଦିବ୍ୟଲୋଚନ ଭାରିମଲ, ଗଙ୍ଗାଧର ଓଝା, ଧନଞ୍ଜୟ ଶ୍ରୀଚନ୍ଦନ ମହାପାତ୍ର, କବୟିତ୍ରୀ ମାନସୀ ଦାସ, ଗୀତାଞ୍ଜଳି ମହାପାତ୍ର, ବିଜୟ ମହାପାତ୍ର, କବିକେତନ ଗୌରଚରଣ ସାମନ୍ତସିଂହାର, ଅମୂଲ୍ୟ ଚରଣ ଦାସ, ବସନ୍ତ ହୋତା, ବ୍ରଜବନ୍ଧୁ ପଣ୍ଡା, ପ୍ରଫେସର ବନବିହାରୀ ମିଶ୍ର, ପଣ୍ଡିତ ଦୀନବନ୍ଧୁ ଦାଶ ଓ ସମାଜସେବୀ ଗଗନ ବିହାରୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଉପଦେଷ୍ଟା ହରିବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଟି-ଟ୍ୱେଣ୍ଟି କୋଣାର୍କ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

# ରାଉରକେଲା ସ୍ପୋର୍ଟ୍ସ ଏକାଡେମୀକୁ ହରାଇ ଫାଇନାଲ୍‌ରେ ରାମେଶ୍ୱର ସ୍ପୋର୍ଟିଂ

**କୋଣାର୍କ,୨୬।୪/ଏନ୍ଏନ୍ଏସ୍:** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ରାଉରକେଲା ସ୍ପୋର୍ଟସ ଏକାଡେମୀ କୁ ଆଠ ଉଇକେଟରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲ ରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ରାଉରକେଲା ସ୍ପୋର୍ଟସ ଏକାଡେମୀ ୧୯.୪ ଓଭର ସମସ୍ତ ୱିକେଟ ହରାଇ ମାତ୍ର ୧୨୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିଷେକ ଚମ୍ପତି ୧୧ ବଲରେ ୩୨ ରନ ସଂଗ୍ରହ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ନାୟକ ୩.୪ ଓଭର ବୋଲିଂ କରି ୩୨ ରନ ଦେଇ ୪ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୬ ଓଭରରେ ଦୁଇ ୱିକେଟ ହରାଇ ୧୩୩ ରନ ସଂଗ୍ରହ କରି ୮ଉଇକେଟରେ ବିଜୟୀ ହୋଇଥିଲେ। ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଏମ୍‌ଜି ଗୋପାଳ ସର୍ବାଧିକ ୨୫ ବଲରୁ ୪୦ ରନ, ସଂଗ୍ରହ କରିଥିଲେ । ରାଉରକେଲାର ଅଭିଷେକ ସିଂ ଦୁଇ ୱିକେଟ ଅକ୍ତିଆର କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଏମ୍ ଜି ଗୋପାଳ ମ୍ୟାନ୍ ଅଫ୍ ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ସତ୍ୟରଞ୍ଜନ ମହାପାତ୍ର ଓ ଦେବେନ୍ଦ୍ରନାଥ ମିଶ୍ର, ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଧୀରେନ୍ ଚାନ୍ଦ ପିଚ୍ କ୍ୟୁରେଟର ଓ ରାଜେନ୍ଦ୍ର ଦଳାଇ, ଦୀପ୍ତିରଞ୍ଜନ ବାରିକ ସ୍କୋର ବୋର୍ଡ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଭାବେ ପ୍ରଶାନ୍ତ ପାତ୍ର, ସଂଗ୍ରାମ ଭୋଳ ଦାୟିତ୍ୱ ସମ୍ପର୍ନ୍ନ କରିଥିଲେ। ରାଜ୍ୟସ୍ତରୀୟ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ କୋଣାର୍କ ସ୍ପୋର୍ଟିଂ ଏକାଡେମୀର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।




# ଭତ୍ତା ପାଇବାରୁ ବୃଦ୍ଧ ବଞ୍ଚିତ

**ଖଣ୍ଡପଡ଼ା,୨୬।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକର ରାଣୀପଡ଼ା ପଞ୍ଚାୟତ ଅଧୀନ ଗିରିଗିରିଆ ଗ୍ରାମର ବୃଦ୍ଧ ବ୍ୟକ୍ତି ନବକିଶୋର ପଣ୍ଡାଙ୍କ ବୟସ ଏବେ ୬୫ ଛୁଇଁଥିଲେ ହେଁ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଭତ୍ତା ଟଙ୍କା ପାଇବା ନିମନ୍ତେ ନବକିଶୋର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିଥିଲେ ହେଁ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ କେହି ହେଲେ ତାଙ୍କ ପ୍ରତି ସମ୍ବେଦନଶୀଳ ହୋଇ ନଥିବା ସେ କହିଛନ୍ତି। ଫଳରେ ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧ ବ୍ୟକ୍ତି ଜଣକ ଏବେ ଦୁଃଖରେ ଦିନ କାଟୁଥିବା ଜଣାପଡ଼ିଛି। ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ସୁଲତାଙ୍କ ବୟାନକୁ ନେଇ ବର୍ଷିଲେ ଜୟନାରାୟଣ

**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** 'ପହଲଗାମରେ ଧର୍ମ ପଚାରି ଆତଙ୍କବାଦୀମାନେ ହତ୍ୟା କରିଥିବା ମୁଁ ଭାବି ପାରୁନାହିଁ। କାରଣ କୌଣସି ଆତଙ୍କବାଦୀ କେଉଁ ଧର୍ମ ବା ଜାତି ସହ ବନ୍ଧା ନୁହଁନ୍ତି।' ଜାମ୍ମୁ ଓ କାଶ୍ମୀରର ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରସଙ୍ଗରେ ବିଜେଡି ସାଂସଦ ସୁଲତା ଦେଓଙ୍କ ଏଭଳି ବିବାଦୀୟ ମନ୍ତବ୍ୟକୁ ନେଇ ସବୁଠି ଚର୍ଚ୍ଚା ଜୋର ଧରିଥିବାବେଳେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ତାଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ସେମାନଙ୍କ ପାଇଁ ଦେଶଟା ଉପହାସ। ଯୋଗ୍ୟତା ବଳରେ ନୁହେଁ କେମିତି କ'ଣ ସେ ପଦରେ ପହଞ୍ଚିଛନ୍ତି। ଦେଶର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ବୟାନ ଠିକ୍ ନୁହେଁ। ସେମାନଙ୍କ ଉପରେ ଲୋକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ସାମାଜିକ ସ୍ତରରେ ବୟକଟ କରାଯିବ ଦରକାର। ଗ୍ରାଉଣ୍ଡରେ ସେ କ'ଣ ଉପସ୍ଥିତି ଥିଲେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଶ୍ରୀମତୀ ଦେଓ ଗଣମାଧ୍ୟମକୁ କହିଥିଯେ, ଯେତିକି ସମୟରେ ଲୋକ ମଲେ ସେତିକି ସମୟରେ ଧର୍ମ ପଚାରି ହେବନି। ଏହା କେବଳ ଅନୁମାନ ଲଗାଇ କୁହାଯାଇ ପାରିଥାଏ। ତେଣୁ ଧର୍ମ ସହ ଆତଙ୍କଙ୍କୁ ଯୋଡ଼ିବା ଭାବୁଛି ଠିକ୍ ହେବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ତେବେ ବିଭିନ୍ନ ମହଲରେ ସମାଲୋଚନା ପରେ



ଶ୍ରୀମତୀ ଦେଓ କହିଛନ୍ତି, ଯଦି ମୋ ବୟାନ ଦେଶବାସୀଙ୍କୁ ଉପହାସିତ କରିଛି ଏଥିପାଇଁ ମୁଁ ଦୁଃଖ ପ୍ରକାଶ କରୁଛି। କ୍ଷମା ପ୍ରାର୍ଥନା କରୁଛି।

ଉଲ୍ଲେଖନୀୟ ଯେ, ଗତ ୨୨ ତାରିଖରେ ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣରେ ବିଦେଶୀ ପର୍ଯ୍ୟଟକଙ୍କ ସମେତ ୨୭ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ଓଡ଼ିଶା ବାଲେଶ୍ୱର ଜିଲ୍ଲାର ରେମୁଣା ଇଶାନୀ ଗାଁର ଜଣେ ପର୍ଯ୍ୟଟକ ଅନ୍ତର୍ଭୁକ୍ତ।

# 'ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ସହ ସମାନ ସୁଯୋଗ ଦେବା ଆମର ଲକ୍ଷ୍ୟ'

**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** ଭାରତକୁ ଏକବିଂଶ ଶତାବ୍ଦୀର ବିଶ୍ୱ ଜ୍ଞାନ ଶକ୍ତିରେ ପରିଣତ କରିବାକୁ ହେଲେ ଆମକୁ ସମାନ ଶିକ୍ଷା ଓ ସମାନ ସୁଯୋଗକୁ ସୁନିଶ୍ଚିତ କରିବାକୁ ହେବଙ ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ ବୋଲି ଢେଙ୍କାନାଳ ଜିଲ୍ଲା ଡୁମୁସିଙ୍ଗା-ଶ୍ରୀମୂଳା ସ୍ଥିତ ପିଏମ ଶ୍ରୀ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଭିଡିଓ ମେସେଜ ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ପ୍ରାଚୀନ ଯୁଗରୁ ଆମର ଢେଙ୍କାନାଳ ବୀରଭୂମି ନାମରେ ଖ୍ୟାତ। ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ଏହି ବୀର ଭୂମିର ଅନେକ ଅବଦାନ



ଅଛି। ଏହି ଅଞ୍ଚଳରେ ସ୍ଥାପିତ ହୋଇଥିବା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ଏକ ସମ୍ମାନସ୍ପଦ ଅନୁଷ୍ଠାନରେ ଖ୍ୟାତି ଲାଭ କରିଛି। ପଞ୍ଚସଖା ସରକାରୀ ହାଇସ୍କୁଲ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ପିଏମ ଶ୍ରୀସ୍କୁଲରେ ବିକଶିତ ହେବାକୁ ଯାଉଛି। ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିଷ୍ଠା ଓ ପରିଶ୍ରମ ଏହି ସ୍କୁଲକୁ ଢେଙ୍କାନାଳ ଜିଲ୍ଲାରେ ତଥା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଓଡ଼ିଆ ଜାତି ଶାନ୍ତି ଓ ଅହିଂସା ଆନ୍ଦୋଳନ ବଳରେ ସାରା ବିଶ୍ୱକୁ ଆଲୋକବର୍ତ୍ତିକା ଦେଖାଇଛି। ପରିବର୍ତ୍ତିତ ସମୟରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ, ଆଧ୍ୟାତ୍ମିକ ବିକାଶ ଓ କୌଶଳକୁ ମଧ୍ୟ ଜାତୀୟ ଶିକ୍ଷା ନୀତି - ୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି। ଜାତୀୟ ଶିକ୍ଷା ନୀତି ଅଧୀନରେ ସମଗ୍ର ଶିକ୍ଷା ଅଭିଯାନ ସ୍କୁଲରେ ଡ୍ରପ ଆଉଟ୍ ହ୍ରାସ କରିବା ଦିଗରେ ବିଶେଷ ସହାୟକ ହୋଇଛି। ସ୍ମାର୍ଟ କ୍ଲାସରୁମ, ଶୌଚାଳୟ, ପାନୀୟ ଜଳ ସୁବିଧା, କମ୍ପ୍ୟୁଟର, ଇଣ୍ଟରନେଟ୍ ସଂଯୋଗ, ପାଠାଗାର, ଖେଳ ପଡ଼ିଆ ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ ହୋଇଛି। ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି ମଧ୍ୟ କହିଥିଲେ ଯେ ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢାଇବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି। ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ବହି ଯୋଗାଇ ଦେବା ପାଇଁ ସରକାର 'ଭାରତୀୟ ଭାଷା ପୁସ୍ତକ ଯୋଜନା' ଆରମ୍ଭ କରିବା ପାଇଁ ଯାଉଛନ୍ତି। ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବାକୁ ହେବ। ତେବେ ଯାଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ ବୋଲି ଶ୍ରୀ ପ୍ରଧାନ କହିଥିଲେ।

# ବିଧାନସଭା ପରିସରରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।ଆଜି ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀକନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ



ପରିବେଷିତ ହୋଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜନ୍ମଗ୍ରହଣ କରିଥିଲେ। ୧୯୨୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ। ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ।

# କୃଷ୍ଣଚନ୍ଦ୍ର ଗଜପତିଙ୍କୁ ମୋହନ ଓ ନବୀନଙ୍କ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି। ଆଧୁନିକ ଓଡ଼ିଶା ଗଠନ ସହ ରାଜ୍ୟର ପ୍ରଗତି, ଲୋକଙ୍କ କଲ୍ୟାଣ ଏବଂ ଶିକ୍ଷା ଓ ସାହିତ୍ୟ ମାଧ୍ୟମରେ ସମାଜର ଉନ୍ନତି ପାଇଁ ତାଙ୍କର ଅବଦାନ ସର୍ବଦା ପ୍ରେରଣାଦାୟୀ।'

ସେହିପରି ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, 'ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ସହ ଲୋକଙ୍କ କଲ୍ୟାଣ ତଥା ଶିକ୍ଷା ଓ ସାହିତ୍ୟର ଉନ୍ନତି କ୍ଷେତ୍ରରେ ତାଙ୍କର ବଳିଷ୍ଠ ଯୋଗଦାନ ସର୍ବଦା ପ୍ରେରଣାର ଉତ୍ସ।'

# ଅନୁପ୍ରବେଶକାରୀଙ୍କ ଉପରେ ରହିଛି ସରକାରଙ୍କ ତୀକ୍ଷ୍ଣ ନଜର: ଆଇନମନ୍ତ୍ରୀ

**ଭୁବେନଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** ପହଲଗାମ ଘଟଣା ପରେ ଅନୁପ୍ରେବଶକାରୀଙ୍କ ଉପରେ ଓଡ଼ିଶା ସରକାରଙ୍କ ତୀକ୍ଷ୍ଣ ନଜର ରହିଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି ଯେ ଅନୁପ୍ରେବେଶ ନେଇ ପୁଲିସ ବିଭାଗ ତା'ର ସମସ୍ତ କାର୍ଯ୍ୟ ଆରମ୍ଭ କରିଛି। ରାଜ୍ୟ ସରକାର ଖୁବଶୀଘ୍ର ଆହୁରି କୋଠରତାର ସହ ନିଷ୍ପତ୍ତି ନେବାକୁ ଯାଉଛନ୍ତି। କୌଣସି ସ୍ଥାନରେ ବି ଅନୁପ୍ରବେଶକାରୀଙ୍କୁ ଓଡ଼ିଶା ଭିତରେ ରହିବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟର ସମୁଦ୍ର ତଟ ସମ୍ପୂର୍ଣ୍ଣ ସୁରକ୍ଷିତ। ମେରାଇନ ପୁଲିସକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି ଯେ ବୋଟ ଏବଂ ଟ୍ରଲର ଭଡ଼ା ନେଇ ସେମାନେ ତାଙ୍କ ଷ୍ଟେନଥ ବେଢ଼ଇ ପାରିବେ। ଏହାବାଦ କୋଷ୍ଟ ଗାର୍ଡ ଓ ଇଣ୍ଡିଆନ ନ୍ୟାଭିକୁ ନେଇ ତିନି ସ୍ତରର ସୁରକ୍ଷା ବ୍ୟବସ୍ଥା ହୋଇଛି। ତେଣୁ ସେହି ଅଞ୍ଚଳଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବା ଭଳି ସ୍ଥିତି ରହିଛି। ସବୁ ପ୍ରକାର ସ୍ଥିତିକୁ ସାମ୍ନା କରିବା ପାଇଁ ଆମେ ପ୍ରସ୍ତୁତ ଥିବା ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶାରେ ରହିଥିବା ପାକିସ୍ତାନୀଙ୍କୁ ତାଙ୍କ ଦେଶକୁ ପ୍ରତ୍ୟର୍ପଣ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଓଡ଼ିଶା ପ୍ରତି କୌଣସି ବିପଦ ନାହିଁ। ସମସ୍ତଙ୍କୁ ଚିହ୍ନଟ କରାଯାଇଛି। ଯାହା ବି ସୁରକ୍ଷା ବ୍ୟବସ୍ଥା ଆପଣାଇବା କଥା ଆପଣାଯାଇଛି ବୋଲି ସେ କହିଛନ୍ତି।

# 'ଯେଉଁମାନେ ଉପହାସ କରୁଛନ୍ତି ସେମାନେ ନିଜେ ଉପହାସ ଯୋଗ୍ୟ'

**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** କାଶ୍ମୀର ଆତଙ୍କବାଦୀ ଆକ୍ରମଣ ନେଇ ବିଜେଡି ସାଂସଦ ସୁଲତା ଦେଓଙ୍କ ବୟାନ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ଯେଉଁମାନେ ଉପହାସ କରୁଛନ୍ତି ସେମାନେ ନିଜେ ଉପହାସ ଯୋଗ୍ୟ। ତାଙ୍କୁ ଲୋକମାନେ ଉପହାସ କରିବା କଥା। ଦୁଃଖର କଥା ଜଣଙ୍କର ଦୁଃଖ ବେଳେ ଉପହାସ କରିବା ଉଚିତ ନୁହେଁ। ଆମ ସଂସ୍କୃତି ଆମକୁ ଏହା ଶିକ୍ଷା ଦେଇନି ବୋଲି ଦେବୀ ମିଶ୍ର କହିଛନ୍ତି।



ଶ୍ରୀମତୀ ଦେଓ ଗଣମାଧ୍ୟମକୁ କହିଥି ଯେ, ପହେଲଗାମରେ ଧର୍ମ ପଚାରି ଆତଙ୍କବାଦୀମାନେ ହତ୍ୟା କରିଥିବା ମୁଁ ଭାବି ପାରୁନାହିଁ। କାରଣ କୌଣସି ଆତଙ୍କବାଦୀ କେଉଁ ଧର୍ମ ବା ଜାତି ସହ ବନ୍ଧା ନୁହଁନ୍ତି। ଯେତିକି ସମୟରେ ଲୋକ ମଲେ ସେତିକି ସମୟରେ ଧର୍ମ ପଚାରି ହେବନି। ଏହା କେବଳ ଅନୁମାନ ଲଗାଇ କୁହାଯାଇ ପାରିଥାଏ। ତେଣୁ ଧର୍ମ ସହ ଆତଙ୍କୀଙ୍କୁ ଯୋଡ଼ିବା ଭାବୁଛି ଠିକ୍ ହେବ ନାହିଁ ବୋଲି ସେ ପ୍ରକାଶ କରିଥିଲେ।ତେବେ ବିଭିନ୍ନ ମହଲରେ ସମାଲୋଚନା ପରେ ଶ୍ରୀମତୀ ଦେଓ କହିଛନ୍ତି, ଯଦି ମୋ ବୟାନ ଦେଶବାସୀଙ୍କୁ ଉପହାସିତ କରିଛି ଏଥିପାଇଁ ମୁଁ ଦୁଃଖ ପ୍ରକାଶ କରୁଛି। କ୍ଷମା ପ୍ରାର୍ଥନା କରୁଛି।

# କେନ୍ଦ୍ରୀୟ ଡେପୁଟେସନରେ ଯିବେ ଦୁଇ ଆଇପିଏସ୍

**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରୀୟ ଡେପୁଟେସନରେ ଯିବେ ଦୁଇ ବରିଷ୍ଠ ଆଇପିଏସ୍ ଅଫିସର। ସେମାନଙ୍କ ମଧ୍ୟରୁ ବିଏସ୍‌ଏଫ୍‌ର ଆଇଜି ଭାବେ ଆଇପିଏସ୍ ରବି କାନ୍ତ ଡେପୁଟେସନରେ ଯିବେ। ସେହିପରି ବିଏସ୍‌ଏଫ୍‌ର ଡିଆଇଜି ଭାବେ ଡେପୁଟେସନରେ ଯିବେ ଆଇପିଏସ୍ ମିତ୍ରଭାନୁ ମହାପାତ୍ର। ପୂର୍ବରୁ ୧୯୯୩ ବ୍ୟାଚ୍ ଓଡ଼ିଶା କ୍ୟାଡରର ବରିଷ୍ଠ ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କୁ କେନ୍ଦ୍ରରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଥିଲା।

**ନବ ଦାସ ହତ୍ୟା ଘଟଣା**

# ଗୋପାଳଙ୍କ ପତ୍ନୀଙ୍କୁ କ୍ରାଇମ୍‌ବ୍ରାଞ୍ଚର ଜେରା

**ବ୍ରହ୍ମପୁର,୨୬।୪/ଏନ୍‌ଏନ୍‌ଏସ୍:** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସ ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆଜି ତୃତୀୟ ଦିନରେ ପହଞ୍ଚିଛି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ଆଜି ଆଙ୍କୁଲି ସ୍ଥିତ ଗୋପାଳ ଦାସଙ୍କ ଘରେ ତାଙ୍କ ପତ୍ନୀ ଜୟନ୍ତୀ ଦାସଙ୍କୁ ପଚରାଉଚରା କରିଛି। ନବ ଦାସ ହତ୍ୟା ଘଟଣାରେ ପୁଲିସ ଏସ୍‌ଆଇ ଗୋପାଳ ଦାସ ଗିରଫ ହୋଇଥିବା ବେଳେ ଘଟଣାର ଅଧିକ ଖୋଳତାଡ଼ ପାଇଁ ପୁଣି ଥରେ ବ୍ରହ୍ମପୁରକୁ ଆସିଛନ୍ତି କ୍ରାଇମବ୍ରାଞ୍ଚର ତିନି ଜଣିଆ ଟିମ୍। କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏହି ଟିମ ବ୍ରହ୍ମପୁରରେ ପହଞ୍ଚି ତଦନ୍ତ କରୁଛି। ଗତ ଗୁରୁବାର ଦିନ କ୍ରାଇମବ୍ରାଞ୍ଚ ଗୋପାଳ ଦାସଙ୍କ ପୁଅ ମନୋଜ ଦାସ, ଭାଇ ସତ୍ୟନାରାୟଣ ଦାସ ଓ ତାଙ୍କ ପୁତୁରା ପ୍ରଦୀପ



ଦାସଙ୍କୁ ପଚରାଉଚରା କରିଥିଲା। ସେହିପରି ଶୁକ୍ରବାର ଗୋପାଳ ଦାସ ଗୁଳିକାଣ୍ଡ କରିବା ପୂର୍ବରୁ କିଛି ମାସ ପୂର୍ବରୁ କାହା କାହା ସହ ଫୋନ ଯୋଗେ କଥାବାର୍ତ୍ତା ହୋଇଥିଲେ, ସେମାନଙ୍କୁ ପଚରାଉଚରା କରିଛି କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ବୈଦ୍ୟନାଥପୁର ଥାନାରେ ପହଞ୍ଚି ଗୋପାଳ ଦାସଙ୍କ ଜଣେ ଏଏସ୍‌ଆଇ ବନ୍ଧୁ ଓ ଜଣେ ଓଏସ୍‌ଆରଟିସି କଣ୍ଡକ୍ଟରଙ୍କୁ ପଚରାଉଚରା କରିଥିଲା କ୍ରାଇମବ୍ରାଞ୍ଚ। ଆଜି ତୃତୀୟ ଦିନରେ ଗୋପାଳ ଦାସଙ୍କ ଆଙ୍କୁଲି ସ୍ଥିତ ଘରେ ତାଙ୍କ ପତ୍ନୀ ଜୟନ୍ତୀ ଦାସଙ୍କୁ ପଚରାଉଚରା କରିଛି କ୍ରାଇମବ୍ରାଞ୍ଚ। ଦୀର୍ଘ ଦେଢ଼ ଘଣ୍ଟା ଧରି ପଚରାଉଚରା କରିଥିଲେ କ୍ରାଇମବ୍ରାଞ୍ଚ ଅଧିକାରୀ। ତେବେ ଗତ ୨୩ ତାରିଖରେ କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁରରେ ପହଞ୍ଚିଥିବା ବେଳେ ୨୪ ତାରିଖରୁ ପଚରାଉଚରା ଆରମ୍ଭ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୧୧ ଜଣଙ୍କୁ ପଚରାଉଚରା କରାଯାଇଥିବା ନେଇ କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ପୁଣି ତେଜିଲା ମହାନଦୀ ଜଳ ବିବାଦ ରାଜନୀତି

ମହାନଦୀ ଜଳ ବିବାଦକୁ ନେଇ ପୁଣି ରାଜନୀତି ତେଜିଛି। ଗୋଟାଏ ଗୋଟାଏ କରି ଛତିଶଗଡ଼ ସରକାର କଲମା ବ୍ୟାରେଜ୍‌ର ସବୁ ଫାଟକ ବନ୍ଦ କରି ଦେଇଛନ୍ତି। ଫଳରେ ଚଳିତ ବର୍ଷ ଏପ୍ରିଲ ଆରମ୍ଭରୁ ବ୍ୟାରେଜର ଅପରପାର୍ଶ୍ୱରେ ଛତିଶଗଡ଼ ପାଇଁ ଅକାତକାତ ପାଣି ସଂରକ୍ଷିତ ହୋଇ ରହିଛି ଓ ତଳପଟେ ଓଡ଼ିଶା ପାଇଁ ମୁନ୍ଦେ ବି ପାଣି ମିଳୁନାହିଁ। ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ସୁଖାସୋଢ଼ା ନିକଟରେ ବି ସମାନ ଅବସ୍ଥା। ସୁଖାସୋଢ଼ାରେ ଶୁଖିଲା ମହାନଦୀ ବଖାଣୁଛି ଟ୍ରିପଲ୍ ଇଞ୍ଜିନ୍‌ର ବିଫଳତା କଥା।

## 'ସମସ୍ୟାର ସୂତ୍ରଧର ହେଉଛନ୍ତି ପୂର୍ବ ସରକାର'



**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** କଲମାକୁ ନେଇ ରାଜନୀତି ତେଜିଛି। କଲମା ବ୍ୟାରେଜର ସବୁ ଫାଟକ ବନ୍ଦ ହେବା ପରେ ଚର୍ଚ୍ଚା ବଢ଼ିଛି। ବର୍ତ୍ତମାନର ସମସ୍ୟାକୁ ନେଇ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବର୍ତ୍ତମାନ ସରକାର। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଯାହା ସମସ୍ୟା ଉପୁଜିଛି ତାହା ସୂତ୍ରଧର ହେଉଛନ୍ତି ପୂର୍ବ ସରକାର। ଆଲୋଚନାକୁ ବାରମ୍ବାର ଡକାଗଲା କିନ୍ତୁ ଆଲୋଚନାକୁ ଆସିଲେ ନାହିଁ କି ସମସ୍ୟାର ସମାଧାନ କଲେ ନାହିଁ। ସୁଯୋଗ ଥିଲା କିନ୍ତୁ କେହି ଚେଷ୍ଟା କଲେନି। ଆମ ସରକାର ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## 'ସରକାରକୁ ଆସିଲା ପରେ ବିଜେପି ସବୁ ଭୁଲିଗଲା'

**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** ମହାନଦୀ ଜଳ ବିବାଦକୁ ନେଇ ଆଇନ ମନ୍ତ୍ରୀ ଦେଇଥିବା ମନ୍ତବ୍ୟର କଡ଼ା ସମାଲୋଚନା କରିଛନ୍ତି ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ। ସେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ୨୦୨୪ ନିର୍ବାଚନ ପୂର୍ବରୁ ଚିଲେଇ ଚିଲେଇ କହିଲେ ଆମକୁ ଭୋଟ ଦିଅ ସବୁ ସମସ୍ୟାର ସମାଧାନ କରିବୁ। ହେଲେ ସରକାରକୁ ଆସିଲା ପରେ ସବୁ ଭୁଲିଗଲେ। ଏବେ ଛତିଶଗଡ଼-କେନ୍ଦ୍ର-ଓଡ଼ିଶାରେ ଟ୍ରିପଲ୍ ଇଞ୍ଜିନ ସରକାର। ଲୋକମାନେ ଆଶା ଓ ଭରସାରେ ଭୋଟ ଦେଇଥିଲେ ମହାନଦୀ, ପୋଲାଭରମ ପ୍ରସଙ୍ଗର ବିଜେପି ସରକାର ସମାଧାନ କରିବେ। ସରକାର ସମାଧାନ କରିବେ କ'ଣ, ସେନେଇ ଟିକେ ଚିନ୍ତା ବି ନାହିଁ




ବୋଲି ଶ୍ରୀ ସାହୁ କହିଛନ୍ତି। ମହାନଦୀରେ ଆଜି ଟୋପେ ପାଣି ନାହିଁ। ମରୁଭୂମିରେ ପରିଣତ ହୋଇଛି ମହାନଦୀ। କଲମାର ସବୁ ଗେଟ ବନ୍ଦ କରିଦେଲେ। ଏଯାଏ କୌଣସି ବିଧିବଦ୍ଧ ଆଲୋଚନା କଲେ ନାହିଁ। ସରକାର ଆଉ କେବେ କଥା ହେବେ ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି।

## 'ରାଜ୍ୟ ସରକାର ଆଉ ବାହାନା ନ ଦେଖାନ୍ତୁ'

**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସମାଲୋଚନା କରି କହିଛନ୍ତି ଯେ ମହାନଦୀ ପ୍ରସଂଗରେ ରାଜ୍ୟ ସରକାର ଆଉ ବାହାନା ନ ଦେଖାନ୍ତୁ। ଓଡ଼ିଶା ସରକାର ଜଳ ସଂରକ୍ଷଣ କାହିଁକି କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ



ବସି ଆଲୋଚନା କରନ୍ତୁ। ଟ୍ରିପଲ ଇଞ୍ଜିନ ସରକାରବେଳେ ଯଦି ସମସ୍ୟାର ସମାଧାନ ନହେବ, ତ କେବେ ହେବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଯଦି ଟ୍ରିପଲ୍ ଇଞ୍ଜିନ ସରକାର ସମାଧାନ ନକରିବ ତେବେ କେବେ ହେବନି ବୋଲି ଶ୍ରୀ ଦାସ କହିଛନ୍ତି।

# ଜିଲ୍ଲାସ୍ତରୀୟ ପାରଳା ମହାରାଜାଙ୍କ ଜୟନ୍ତୀ



**ପୁରୀ,୨୬।୪/ଏନ୍‌ଏନ୍‌ଏସ୍:** ତ୍ୟାଗ, ସେବା ଓ ପରୋପକାର ଦିବ୍ୟ ଗୁଣ। ଏହା ଅର୍ଥ ଦ୍ୱାରା ନୁହେଁ ନିଜ ଅକ୍ଳାନ୍ତ ପ୍ରଚେଷ୍ଟା ଓ ନିସ୍ୱାର୍ଥପର ପ୍ରତିବଦ୍ଧତା ଦ୍ୱାରା ହାସଲ କରାଯାଇପାରେ ବୋଲି ପ୍ରମାଣ କରିଛନ୍ତି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ବୋଲି କହିଛନ୍ତି ଉପ ଜିଲ୍ଲାପାଳ ରାଜକିଶୋର ଜେନା। ଆଜି ପୂର୍ବାହ୍ନରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଜିଲ୍ଲାପାଳ ଶ୍ରୀ ଜେନା ଜଣେ ମହାରାଜା ଭାବେ ସମସ୍ତ ସୁବିଧା ଓ ସ୍ୱଚ୍ଛନ୍ଦ ଜୀବନ ଅତିବାହିତର ସୁଯୋଗ ଥିବା ସତ୍ତ୍ୱେ ପାରଳା ମହାରାଜା ସ୍ୱତନ୍ତ୍ର ଓଡ଼ିଶା ଗଠନ, ଭାଷାର ସୁରକ୍ଷା, ସ୍ୱାସ୍ଥ୍ୟ ସେବା,ଶିକ୍ଷା,ସାମାଜିକ ସେବା ଇତ୍ୟାଦି ପ୍ରତି ଉତ୍ତରଦାୟୀ ଭାବେ କାର୍ଯ୍ୟ କରିଥିଲେ। ସେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ ତ୍ୟାଗ ଓ ସଂସ୍କାର କରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପାରଳା ମହାରାଜା ଙ୍କର ଓଡିଶା ଓ ଓଡ଼ିଆ ଭାଷା ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମାରୋହରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଅତିଥି ମାନେ ପ୍ରତିଷ୍ଠାନ ପରିସରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ସଭା ସ୍ଥଳରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଓ ପାରଳା ମହାରାଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାଶ୍ମୀରରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଚକ୍ରଧର ମହାପାତ୍ର, ଅନାମ ଚରଣ ସାହୁ, ସାହିତ୍ୟିକ ତଥା ଅଧିବକ୍ତା ବିପିନ ବିହାରୀ ଦଳାଇ, ବିଭିନ୍ନ ଶିକ୍ଷାନୁଷ୍ଠାନ ର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ସୂଚନା ଓ ଲୋକସମ୍ପର୍କ ଉପଖଣ୍ଡ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଚିଲିକାରେ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ବାଣପୁର,୨୬।୪/ଏନ୍‌ଏନ୍‌ଏସ୍:** ଆଜି ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ନିର୍ବାଚନମଣ୍ଡଳୀ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ହେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୧୭.୨୬ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ 'ହଜ'ଠାରୁ ଦୀନବନ୍ଧୁପୁର ଭାୟା କାଲୁନିଆରୀ ଓ ଗମେଇ ରାସ୍ତା ନିର୍ମାଣ କାର୍ଯ୍ୟ, ୫୧୩.୧୮ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ପଣସଡ଼ିହ(ଶାଳିଆ ଡ୍ୟାମ)ଠାରୁ ନୀଳାଦ୍ରିପ୍ରସାଦ ଭାୟା ବରକୋଲି ରାସ୍ତା ନିର୍ମାଣ କାର୍ଯ୍ୟ,୬୮୮.୭୨ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ନୀଳାଦ୍ରିପ୍ରସାଦ ଠାରୁ ପଣସଡ଼ିହ ଭାୟା ବରକୋଳି ରାସ୍ତାର ୧୦.୨୦ କି.ମି. ଠାରେ ଶାଳିଆ ୱାଟର ଚ୍ୟାନେଲ ଉପରେ ସୁଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟ, ୩୧୫.୨୮ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଏନଚ୍-୫ଠାରୁ ରାହାଣବେଳି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଓ ପୂର୍ତ୍ତ ବିଭାଗ ପକ୍ଷରୁ ୧୪.୭୮ କୋଟି ଟଙ୍କା ଅଟକଳ ବ୍ୟୟରେ ସୁନାଖଳା ଠାରୁ ଆୟତପୁର ରାସ୍ତାର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ହେବା ଦ୍ୱାରା ଚିଲିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଉପକୃତ ହେବା ସହ ଗମନାଗମନ କ୍ଷେତ୍ରରେ ସୁଦୃଢ଼ ହୋଇପାରିବ। ଏହି କାର୍ଯ୍ୟକ୍ରମ ଅବସରରେ ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ର, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ଚିଲିକା ବ୍ଲକ ଉପାଧକ୍ଷ ଅରୁଣ ପଟ୍ଟନାୟକ, ସମାଜସେବୀ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି ମାଧବ ପ୍ରଧାନ, ୧୪ ନଂ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ତପନ ପ୍ରଧାନ, କୁଳେଇ ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ବେହେରା, ନୀଳାଦ୍ରିପ୍ରସାଦ ସରପଞ୍ଚ ଉମାକାନ୍ତ ସାହୁ, ଭେଟେଶ୍ୱର ସରପଞ୍ଚ ସାବିତ୍ରୀ ଭୋଳ, ସଂଗଠକ ଜିତେନ୍ଦ୍ର ଭୋଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ନିଆଁଲାଗି ୫ ବଖରା ଭସ୍ମୀଭୂତ

**ଟାଙ୍ଗୀ,୨୬।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଟାଙ୍ଗୀ ଗ୍ରାମପଞ୍ଚାୟତ ବିନ୍ଧାଣିଆ ଗ୍ରାମରେ ନିଆଁ ଲାଗି ପାଞ୍ଚଟି ପରିବାରର ୫ ବଖରା ଚାଳ ଜଳି ପୋଡି ପାଉଁଶ ହୋଇଯାଇଛି। ନିଆଁ କିପରି ଲାଗିଲା କାରଣ ଜଣାପଡ଼ିନାହିଁ। କିଛିଦିନ ପୂର୍ବରୁ ମଧ୍ୟ ଏହି ଗ୍ରାମରେ ନିଆଁ ଲାଗି ବିପୁଳ କ୍ଷୟକ୍ଷତି ହୋଇଥିଲା। ଏହି ଗ୍ରାମର ଗୋପୀନାଥ ବେହେରା, ବୃନ୍ଦାବନ ବେହେରା, ରବୀନ୍ଦ୍ର ବେହେରା, ସୁଧାକର ବେହେରା ଓ କାର୍ତ୍ତିକ ବେହେରା ପ୍ରମୁଖଙ୍କ ପନ୍ଦର ବଖରା ଚାଳ ଘର ସ୍ୱଳ୍ପ ସମୟ ମଧ୍ୟରେ ଜଳି ଗଲା ଖୁବ ଜୋରରେ ପବନ ପ୍ରବାହିତ ହେବା ଯୋଗୁ ଘରେ ପଶି କୌଣସି ଆସବାବ ପତ୍ର ଧାନ ଚାଉଳ ଟଙ୍କା ପଇସା ସମେତ ଅନ୍ୟାନ୍ୟ ଘର କରଣା ସାମଗ୍ରୀ ଉଦ୍ଧାର କରିପାରିନଥିଲେ। ଖବର ପାଇ ଟାଙ୍ଗୀ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଛୁଟି ଦିନ ହୋଇଥିଲେ ମଧ୍ୟ ରାଜସ୍ୱ କର୍ମଚାରୀ ମାନେ ବିପନ୍ନଙ୍କ କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି। ଟାଙ୍ଗୀ ଗ୍ରାମପଞ୍ଚାୟତର ସରପଞ୍ଚ ବିପର୍ଣ୍ଣ ପରିବାରକୁ ୫୨କେଜି ଚାଉଳ ଓ ୨ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏହି ଅଗ୍ନି ବିପନ୍ନ ପରିବାର ଗୁଡିକୁ ଆବାସ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା



**ଭୁବନେଶ୍ୱର,୨୬।୪/ଏନ୍‌ଏନ୍‌ଏସ୍:** ଖରାଛୁଟିରେ ପିଲାମାନଙ୍କୁ କିଛି ଶିକ୍ଷଣୀୟ ଜ୍ଞାନ ପ୍ରଦାନ ନିମନ୍ତେ ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ଆୟୋଜିତ ୨୩ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଦୀର୍ଘ ସାତଦିନ ଧରି ଚାଲିଥିଲା। ଆଜି ଉଦ୍‌ଯାପନୀ ଉତ୍ସବରେ ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ପିଲାମାନଙ୍କୁ ଏକ ଶିକ୍ଷା ଭ୍ରମଣରେ ଭୁବନେଶ୍ୱର ଅଣାଯାଇ କଳାଭୂମି, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଆଦି ବୁଲାଇ ନିଆଯାଇଥିଲା। ପରେ ପିଲାମାନେ ଏନ୍.ଏମ୍.ଆଇ.ଟି ପରିଦର୍ଶନ କରି ଏକ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏନ୍.ଏମ୍.ଆଇ.ଟିର ନିର୍ଦ୍ଦେଶିକା ରିଚା ପରିଡ଼ା ପିଲାମାନଙ୍କ ସହ ଭାବ ବିନିମୟ କରି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଦୀର୍ଘ ସାତଦିନ ଧରି ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଗଳ୍ପ କବିତା ରଚନା, ଚିତ୍ରାଙ୍କନ, ନୃତ୍ୟ ଗୀତ ବକ୍ତୃତା ଆଦି ବିଭାଗରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ଉର୍ମିଳା ମହାରଣା, ଗୌରୀଶଙ୍କର ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜମି ଜବରଦଖଲ ପାଇଁ ଯୁବକ ସାଜିଲେ ବାବା: ଥାନାରେ ମାମଲା

# ଆଶ୍ରମ ନାମରେ ଅନୈତିକ କାର୍ଯ୍ୟ, ତୁରନ୍ତ ଗିରଫ ଦାବି

**ନିମାପଡ଼ା,୨୬।୪/ଏନ୍‌ଏନ୍‌ଏସ୍:** ଜମି ଜବରଦଖଲ ପାଇଁ ଯୁବକ ସାଜିଲେ ବାବା। ପାଖରେ ରଖିଲେ ମାତା। ଆଉ ଆଶ୍ରମ ନାଁରେ ଚଳାଇଲେ ନିଶା କାରବାର ଆଉ ତା' ସାଙ୍ଗକୁ ଅନୈତିକ କାର୍ଯ୍ୟ। ଏଭଳି ସାଂଘାତିକ ଘଟଣା ନେଇ ନୟାହାଟ ଫାଣ୍ଡିରେ ମାମଲା ହୋଇଥିବା ଜଣାପଡ଼ିଛି। ଅନୁସନ୍ଧାନ ଓ ପ୍ରାପ୍ତ ଅଭିଯୋଗରୁ ଜଣାଯାଏ ଯେ, ପୁରୀ ଜିଲ୍ଲା ଗୋପ ବ୍ଲକ ଇଶାଣପୁର ପଞ୍ଚାୟତ କଦମ୍ବପାଟଣା ଗାଁର ବାନାମ୍ବର ସ୍ୱାଇଁ ଓରଫ୍ ବାନାବାବା କିଛିଦିନ ହେବ ସେହି ଗ୍ରାମରେ ଭୁବନେଶ୍ୱର ବାସିନ୍ଦା କ୍ଷେତ୍ରମୋହନ ଖୁଣ୍ଟିଆ ଓ ତାଙ୍କ ପତ୍ନୀଙ୍କ ନାମରେ ଥିବା ଜମିକୁ ହଡ଼ପ୍ କରିବା ଉଦ୍ଦେଶ୍ୟରେ ଜୋର୍ ଜବରଦସ୍ତ ଏକ ଆଶ୍ରମ ଉକ୍ତ ସ୍ଥାନରେ ଗଢ଼ିଥିଲେ। ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ବୁଲି ବୁଲି ବିଦ୍ୟୁତ ମିଟର ଟାମ୍ପରିଂ କରି ଲୋକମାନଙ୍କ ଠାରୁ ଟଙ୍କା ଆଦାୟକରି ଚଳୁଥିବା ବେଳେ ବିଭିନ୍ନ ଥାନାରେ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତେବେ ଏଥିରୁ ରକ୍ଷା ପାଇବା ପାଇଁ ବାନାମ୍ବର ବାବା ସାଜିବା ସହ ଅନ୍ୟ ଲୋକଙ୍କ ଜମିକୁ କବ୍‌ଜା କରିଥିଲା। ପୁଲିସ ଭୟରେ ବାନାମ୍ବରରୁ ବାନାବାବା ବେଶ ଧାରଣକରି ଆଶ୍ରମରେ ବିଭିନ୍ନ ପ୍ରକାର ନିଶା କାରବାର ସହ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତଥିବା ସେହି ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି। ଯାହା ଏବେ ନୟାହାଟ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଖାଲି ସେତିକି ନୁହେଁ, ଗୋଲାପ ଖୁଣ୍ଟିଆ ଓ ଦିପ୍ତିରଞ୍ଜନ ସ୍ୱାଇଁଙ୍କ ନାମରେ ଥିବା ଜମିକୁ ଜବରଦଖଲ କରି ସେଠାରେ ଏକ ଚାଳି ନିର୍ମାଣକରି ଆଶ୍ରମ ନାମରେ ଚାନ୍ଦା ଆଦାୟ ସହିତ ଏକ ଅରାଜକତା ସୃଷ୍ଟି କରୁଥିବା



ବାନାମ୍ବର ପୁଲିସ ମାମଲାକୁ ଖାତିର କରି ନଥିଲା। ତେବେ ଗତ ୨୧ତାରିଖ ବିଳମ୍ବିତ ରାତିରେ ଆଶ୍ରମର ଏକ ଝୁମ୍ପୁଡ଼ି ଘରେ କେହି ନିଆଁ ଲଗାଇ ଦେଇଥିବା ନେଇ ବାନାମ୍ବର ନୟାହାଟ ଫାଣ୍ଡିଠାରୁ ମାତ୍ର ୫ଶହ ମିଟର ଦୂର ହୋଇଥିଲେ ମଧ୍ୟ ଭୟରେ ଥାନାକୁ ନ ଯାଇ ପୋଷ୍ଟାଲରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡ ଘଟଣାରେ ନିଜେ ବାନାମ୍ବର ଓରଫ୍ ବାନାବାବା ଓ ତାଙ୍କ ପତ୍ନୀ ଅନୁରାଧା ସ୍ୱାଇଁ ଷଡ଼ଯନ୍ତ୍ର ରଚିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଜମି ମାଲିକ ଶ୍ରୀ ଖୁଣ୍ଟିଆଙ୍କୁ ବାନା ଦୋଷାରୋପ କରୁଥିବା ବେଳେ ଘଟଣାଦିନ ଶ୍ରୀ ଖୁଣ୍ଟିଆ ନିଜ ପରିବାର ସହ ଭୁବନେଶ୍ୱର ଘରେ ରହିଥିବା ସିସିଟିଭି ଫୁଟେଜ୍‌ରୁ ଜଣାଯାଇଛି। ଫଳରେ ବାନାମ୍ବର ଜମି ହଡ଼ପ୍ କରିବା ପାଇଁ ମିଥ୍ୟା ଆରୋପ କରିବା ସହ ଆଶ୍ରମ ନାମରେ ଜବରଦଖଲ କରି ଅନୈତିକ କାର୍ଯ୍ୟ ଚଳାଇଥିବା ଅଭିଯୋଗ ହୋଇଛି। ପୁଲିସ ତୁରନ୍ତ ଏହି ଆଶ୍ରମ ଉପରେ ଚଢ଼ଉ କରିବା ସହ ଏଠାରେ ଚାଲିଥିବା ନିଶା କାରବାର ଓ ଅନୈତିକ କାର୍ଯ୍ୟକଳାପ ସବୁଦିନ ପାଇଁ ବନ୍ଦ କରିବାକୁ ଗ୍ରାମବାସୀ ଓ କେତେକ ଜନପ୍ରତିନିଧି କହିଛନ୍ତି। ଜମି ଜବରଦଖଲ କରିବା ପାଇଁ ବାନାବାବା ସାଜିଥିବା ବାନାମ୍ବରର ଜମି କାଗଜପତ୍ର ପୁଲିସ ଯାଞ୍ଚ କରିବା ସହ ଗ୍ରାମରେ ଏଭଳି ଅଶାନ୍ତି ଓ ଅରାଜକତା ସୃଷ୍ଟିକାରୀକୁ ତୁରନ୍ତ ଗିରଫ କରିବା ଲାଗି ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ସୁର, ସାରଥୀ ପରେ ବାନାବାବାର ଏଭଳି ଜମି ହାତେଇବା ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଦୁଇ ଦୁଇଟି ଲିଖିତ ଅଭିଯୋଗ ପାଇ ନୟାହାଟ ପୁଲିସ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ଅପେକ୍ଷା କରିଛନ୍ତି ଇଶାଣପୁର ପଞ୍ଚାୟତର ଜନପ୍ରତିନିଧି ଓ ଗ୍ରାମବାସୀ।

# ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ମଶାଲ୍ ଶୋଭାଯାତ୍ରା



**ପୁରୀ,୨୬।୪/ଏନ୍‌ଏନ୍‌ଏସ୍:** କାଶ୍ମୀରର ପହଲଗାମ୍ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ପ୍ରାଣ ହରାଇ ଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ତଥା ଆତଙ୍କବାଦୀମାନଙ୍କ ଅମାନୁଷିକ ଘଟଣାକୁ ତୀବ୍ର ନିନ୍ଦାକରି ବ୍ରହ୍ମଗିରି ସଚେତନ ନାଗରିକ, ଯୁବ, ଛାତ୍ର ଓ ମହିଳା ସଙ୍ଗଠନ ତରଫରୁ ବ୍ରହ୍ମଗିରି ଫିଲ୍ମ ହଲ୍ ଛକ ଠାରୁ ଏକ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ବ୍ରହ୍ମଗିରି ବଜାର ଦେଇ ଅଲାରନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧକ୍ଷ ସଞ୍ଜୟ କୁମାର ଦାସବର୍ମା ଉପସ୍ଥିତ ରହି ଆତଙ୍କବାଦୀ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ପ୍ରାଣ ହରାଇ ଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହା ସହିତ ଦେଶରୁ ଆତଙ୍କବାଦ ମୂଳପୋଛ ପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି ଶ୍ରୀ ଦାସବର୍ମା।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବରିଷ୍ଠ ସମାଜସେବୀ ସୁରେନ୍ଦ୍ର ନାଥ ଜେନା, କମ୍ୟୁନିଷ୍ଟ ନେତା ଭୀମ ସ୍ୱାଇଁ,ପୁରୀ ଜିଲ୍ଲା ପରିଷଦ ଅଧକ୍ଷା ଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନବାଳା ବେହେରା, ଉପାଧକ୍ଷା ମାଳିନୀ ଦଳାଇ,ବ୍ରହ୍ମଗିରି ବ୍ଲକ ପୂର୍ବତନ ଅଧକ୍ଷ କୃଷ୍ଣଚନ୍ଦ୍ର ରାୟ, ଉପାଧକ୍ଷ ଯୁଧିଷ୍ଠିର ନାୟକ, ଆଇନଜୀବି ଭାସ୍କର ଜେନା, ଯୁବ ନେତୃତ୍ୱ ବିଜୟ ଦଳାଇ, ଜୟନ୍ତୀ କୁମାର ମାହାନ୍ତି, ବ୍ରହ୍ମଗିରିର ଯୁବ, ଛାତ୍ରସମାଜ, ମହିଳା ନେତୃତ୍ୱ ମାନସୀ ହରିଚନ୍ଦନ, ସସ୍ମିତା ସାହୁ ଏବଂ ସାଧାରଣ ଜନତା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କୁମ୍ଭାରପଡ଼ା ପଞ୍ଚାୟତରେ ପାନୀୟଜଳ ସମସ୍ୟା



**ଖଣ୍ଡପଡ଼ା,୨୬।୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପଞ୍ଚାୟତର ବିଭିନ୍ନ ୱାର୍ଡରେ ଥିବା କୂପ, ପୋଖରୀର ଜଳ ଶୁଖିଯାଉଥିବାରୁ ପଞ୍ଚାୟତବାସୀ ଦୈନିକ କାର୍ଯ୍ୟ ନିର୍ବାହ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତବାସୀଙ୍କୁ ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲେ ହେଁ ତାହା ଅଂଚଳବାସୀଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନଥିବା ଜଣାପଡିଛି। ମହିଳାମାନେ ଘଣ୍ଟା ଘଣ୍ଟା ଦରି ଅପେକ୍ଷା କରି ପାଇପ ଲାଇନରୁ ଜଳ ସଂଗ୍ରହ କରୁଛନ୍ତି। ଗ୍ରାମପାର୍ଶ୍ୱ ଦେଇ ପ୍ରବାହିତ କୁଅଁରିଆ ନଦୀ ଏବେ ଶୁଖିଲା ପଡିଛି। ନଦୀପଠାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ନିମନ୍ତେ ପମ୍ପ ହାଉସ ପ୍ରତିଷ୍ଠା କରାଯାଇଛି। ମାତ୍ର ପ୍ରଚଣ୍ଡ ରୌଦ୍ରତାପର ପ୍ରଭାବରେ ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁଁ ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି। ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଏବଂ କୁମ୍ଭାରପଡା ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ସେହିପରି ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ କୁମ୍ଭାରପଡ଼ା ଗ୍ରାମ ପାର୍ଶ୍ୱ ଦେଇ ପ୍ରବାହିତ କୁଆଁରିଆ ନଦୀରେ ଜଳ ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଶରତ ଜୟସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା



**ପୁରୀ,୨୬।୪/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ପ୍ରବକ୍ତା, ସଂଗଠକ, ସଂସ୍କୃତି ପ୍ରଚାରକ ଶରତ ଜୟସିଂହ ଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିସଭା ମା' ଆଲାମଚଣ୍ଡି ମନ୍ଦିର ନିକଟ ରାଜେନ୍ଦ୍ର ଏନକ୍ଲେଭ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାମରନ୍ ରଘୁନାଥ ମଠ ବୈଦିକ ଅନୁଷ୍ଠାନ ର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ସ୍ୱାମୀ ଗୁରୁପ୍ରସାଦ ନନ୍ଦ ସରସ୍ୱତୀ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ସୁକାନ୍ତ କୁମାର ପ୍ରଧାନ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଭାସ୍କର ମିଶ୍ର, ରାଜନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ, ଗୀତିକାର ବଦ୍ରି ମିଶ୍ର, ନିର୍ମଳା ଫତେସିଂହ ,ହେମନ୍ତ କୁମାର ଛୋଟରାୟ , ନକୁଳ ପାତାଳସିଂହ ,ପଞ୍ଚାନନ ରାଉତ, ସୁକାନ୍ତ କୁମାର ମଙ୍ଗରାଜ ପ୍ରମୁଖ ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ପଷ୍ଟବାଦିତା, ନିର୍ଭୀକତା ତଥା ଦୃଢ଼ମନା ପାଇଁ ସ୍ୱର୍ଗତ ଜୟସିଂହ ଯେତିକି ପରିଚିତ ଥିଲେ ସେ ଦରଦୀ, ସ୍ନେହୀ, ନିଃସ୍ୱାର୍ଥପର ତଥା ନିଆରା ମଣିଷ ଭାବେ ସେତିକି ଲୋକପ୍ରିୟ ଥିଲେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରକାଶିତ ସ୍ମରଣିକା 'ନିର୍ମଳ ଶରତ' ଲୋକାର୍ପିତ ହୋଇଥିଲା। ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଧର୍ମପତ୍ନୀ ସସ୍ମିତା ମଙ୍ଗରାଜ, ପୁତ୍ର ସ୍ୱୟଂସ୍ୱସ୍ତିକ, କନ୍ୟା ସ୍ୱୟଂସ୍ୱରୂପା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଏବଂ ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

**ନୟାଗଡ଼,୨୬।୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ଥିଲାବେଳେ ଜିଲାର ବିଭିନ୍ନ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ବୈଠକର ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ମହାନ ଆତ୍ମାଙ୍କ ତ୍ୟାଗପୂତ ଜୀବନ ଓ ଜୀବନ ଆଦର୍ଶ ଏବଂ ଦେଶପ୍ରୀତିର ମହାନତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଓ ସାମ୍ବାଦିକ ଯୋଗଦେଇଥିଲେ।

## ଆନ୍ତଃ ତହସିଲ୍‌ସ୍ତରୀୟ ପ୍ରିମିୟର୍ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍

# ଗଣିଆ ଜ୍ୟାଣ୍ଟ୍ସ୍‌କୁ ହରାଇ ରଣପୁର ରୟାଲ ଚାମ୍ପିଅନ୍



**ଓଡ଼ଗାଁ,୨୬।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ମିନି ଷ୍ଟାଡିୟମ୍‌ଠାରେ ନୟାଗଡ଼ ଜିଲ୍ଲା ଆନ୍ତଃ ତହସିଲ ସ୍ତରୀୟ ପ୍ରିମିୟରଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫ର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଥିବା ବେଳେ ଗଣିଆ ଜ୍ୟାଣ୍ଟସକୁ ହରାଇ ରଣପୁର ରୟାଲ ଚମ୍ପିୟାନ ଟ୍ରଫି ହାସଲ କରିଛି। ଏହି ଫାଇନାଲ ମ୍ୟାଚରେ ଗଣିଆ ଜ୍ୟାଣ୍ଟସ ଟସ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୫୭ ରନ ସଂଗ୍ରହ କରିଥିଲେ। ପରେ ପ୍ରତିପକ୍ଷ ରଣପୁର ବ୍ୟାଟିଂ କରି ପ୍ରଥମ ପର୍ଯ୍ୟାୟରେ ବିପର୍ଯ୍ୟୟର ଶିକାର ହୋଇଥିଲା। ୮ ଓଭର ବେଳକୁ ୬ ଉଇକେଟ ହରାଇ ଦଳୀୟ ରନ ୧୭ରେ ସୀମିତ ରହିଥିଲା। ରଣପୁର ଗୋଟିଏ ନୋବଲରୁ ଏକକାଳୀନ ୫ ରନ୍ ସଂଗ୍ରହ କରିବାରୁ ଖେଳର ଗତିପଥ ବଦଳି ଯାଇଥିଲା। ଫଳରେ ଗଣିଆ ଜିତୁଜିତୁ ହାରିଯାଇଥିବା ବେଳେ ରଣପୁର ୫୮ ରନ୍ ସଂଗ୍ରହ କରି ହାରୁହାରୁ ମ୍ୟାଚ ଜିତି ଚମ୍ପିୟାନ ଟ୍ରଫି ହାସଲ କରିଥିଲା। ଆୟୋଜକ ଓଡ଼ଗାଁ ଦଳର କ୍ୟାପଟେନ ତଥା ତହସିଲଦାର ଡ.ମାନସ ରଞ୍ଜନ ଭୋଇ ବିଜୟୀ ଦଳକୁ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିବାବେଳେ ଦଶପଲ୍ଲା ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଗଣିଆ ଟିମକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ଗଣିଆ ତହସିଲଦାର ପ୍ରୀତିବାଳା ରଣା, ରଣପୁର ତହସିଲଦାର ଆର୍ଯ୍ୟପ୍ରକାଶ ସର୍ବ ଦମନ ଚାମ୍ପିଅନ୍ ଦଳର ଶୁଭାଶିଷ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ରନର୍ସଅପ୍ ଦଳର ସୁଶାନ୍ତ କୁମାର ନାୟକଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ଦେଇଥିଲେ। ରାମେଶ୍ୱର ସାହୁ ଏବଂ ଉମାକାନ୍ତ ମହାପାତ୍ର ଖେଳ ପରିଚାଳନା କରିଥିବାବେଳେ ରଘୁନାଥ ଆଥଲେଟିକ ଆସୋସିଏସନର ସମ୍ପାଦକ ତଥା ଖେଳମଣିଷ ଦିବାକର ନାୟକ, ଓଡ଼ଗାଁ ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ଓଡ଼ଗାଁ ଏନ୍‌ଏସି କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ସାହୁ ପ୍ରମୁଖ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## କାଳବୈଶାଖୀ ପ୍ରଭାବରେ ଆମ୍ବ ଫସଲ କ୍ଷତିଗ୍ରସ୍ତ

**ଖଣ୍ଡପଡ଼ା, ୨୬।୪ (ଏନ୍‌ଏନ୍‌ଏସ୍):** କାଳବୈଶାଖୀ ପ୍ରଭାବରେ ଶନିବାର ଅପରାହ୍ନରେ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ବର୍ଷା ସହ ପବନ ପ୍ରଭାବରେ ଅନେକ ମହାଦ୍ରୁମ ଗଛର ଡ଼ାଳ ଭାଙ୍ଗି ମୁଖ୍ୟ ରାସ୍ତା ଓ ବିଦ୍ୟୁତ୍ ତାର ଉପରେ ପଡ଼ିଛି । ଗାଁ ଗାଁରେ କଜାଘର ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାରମ୍ବାର କାଳ ବୈଶାଖୀ ବର୍ଷା ଓ ପବନ ଯୋଗୁଁ ଆମ୍ବ ଫସଲ କ୍ଷତିଗ୍ରସ୍ତ ହୋଇଛି । ଛୋଟ ଛୋଟ ଆମ୍ବ ଗୁଡ଼ିକ ଗଛରୁ ଖସିପଡ଼ି ନଷ୍ଟ ହୋଇଛି । ଆମ୍ବ ତୋଟା ମାଳରେ ଗଛତଳେ ବିଛିଣା ବିଛିଣା କରି ଆମ୍ବଗୁଡ଼ିକ ଖସିପଡ଼ିଛି । ଆମ୍ବ ଫସଲ କ୍ଷତିଗ୍ରସ୍ତକୁ ନେଇ ଆମ୍ବ ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି ।



### ବିପଦରେ ଚନ୍ଦ୍ରଭାଗା: ମୁକୁଳା ପଡ଼ିଛି ୩୦କିମି ସମୁଦ୍ର ଜଳପଥ

# ଆତଙ୍କବାଦୀଙ୍କ ଅନୁପ୍ରବେଶ ଆଶଙ୍କା, ଚିନ୍ତାରେ ଅଞ୍ଚଳବାସୀ

**କୋଣାର୍କ, ୨୬।୪ (ଏନ୍‌ଏନ୍‌ଏସ୍):** ଚନ୍ଦ୍ରଭାଗା ଉପକୂଳ ମୁକୁଳା ପଡ଼ିଥିବାକୁ ନେଇ ଏବେ ଆତଙ୍କବାଦୀଙ୍କ ପ୍ରବେଶ ଆଶଙ୍କା କରାଯାଉଛି । ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ସମ୍ପୂର୍ଣ୍ଣ ନିଷ୍କ୍ରିୟ ଥିବା ଦେଖାଯାଉଛି । ବିନା ଅସ୍ତ୍ରଶସ୍ତ୍ର ଓ ଉନ୍ନତ ଜ୍ଞାନକୌଶଳ ବ୍ୟବସ୍ଥା ଥିବା ବୋଟ ଓ ଅନ୍ୟାନ୍ୟ ସରଞ୍ଜାମର ଅଭାବକୁ ନେଇ ସାମୁଦ୍ରିକ ଥାନା କେବଳ ନାମକୁ ମାତ୍ର ଉପକୂଳ ସୁରକ୍ଷା ଦାୟିତ୍ୱରେ ରହିଛି । ଗତ ମଙ୍ଗଳବାର କାଶ୍ମୀରର ପେହେଲଗାମର ଏକ ପର୍ଯ୍ୟଟନସ୍ଥଳୀରେ ୨୮ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଅତି ନିର୍ମମ ଭାବେ ହତ୍ୟା କରିବା ଘଟଣାକୁ ନେଇ ସମଗ୍ର ବିଶ୍ୱରେ ଶୋକର ଛାୟା ଖେଳିଯାଇଥିଲା ବେଳେ ଭାରତର ବିଭିନ୍ନ ସ୍ଥାନରେ ସତର୍କତାମୂଳକ ପଦକ୍ଷେପ ନିଆଯାଇ ହାଇଆଲର୍ଟ ଜାରି କରାଯାଇଛି । ମାତ୍ର କୋଣାର୍କସ୍ଥିତ ଚନ୍ଦ୍ରଭାଗା-ପୁରୀ ଉପକୂଳ ଏବେ ମୁକୁଳା ପଡ଼ିରହିଥିବା ଜଣାପଡ଼ିଛି । ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଦେଖାଯାଉଛି । ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଦେଶବିଦେଶର ପର୍ଯ୍ୟଟକ ପରିଦର୍ଶନରେ ଆସୁଥିବାରୁ ଆତଙ୍କବାଦୀଙ୍କ ନଜରରେ ଏହି ସ୍ଥାନ ରହିଥିବା ଯୋଗୁଁ ଅନେକ ସମୟରେ ଉପକୂଳ ସୁରକ୍ଷା ନେଇ ଚନ୍ଦ୍ରଭାଗା ସମୁଦ୍ରକୂଳରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଅନେକ ଡମି ସମରାଭ୍ୟାସ କରାଯାଇଛି । ମାତ୍ର ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନରେ ରହିଥିବା କେନ୍ଦୁଆପୁହାଣୀଠାରୁ ବେଲେଶ୍ୱର ପର୍ଯ୍ୟନ୍ତ ପ୍ରାୟ ୩୦କିଲୋମିଟର ମୁକୁଳା ଜଳପଥରେ ପାକିସ୍ତାନୀ ଆତଙ୍କବାଦୀ ଓ ବାଙ୍ଗଲାଦେଶୀଙ୍କ ଅନୁପ୍ରବେଶର ଆଶଙ୍କା ରହିଥିବାକୁ ନେଇ ଦିନ ଓ ରାତିରେ ମେରାଇନ୍ ପୁଲିସ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ସାଧାରଣରେ ଦାବି ହୋଇଛି । ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ସମେତ ଅନ୍ୟ ସାମୁଦ୍ରିକ ଥାନାଗୁଡ଼ିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅବହେଳାକୁ ନେଇ ଆବଶ୍ୟକ ବୋଟ୍ ଓ ଉନ୍ନତ ଯାନ୍ତ୍ରିକ ନିରୀକ୍ଷଣ ଯନ୍ତ୍ରପାତି ଓ ପର୍ଯ୍ୟାପ୍ତ ଉନ୍ନତଧରଣର ଅସ୍ତ୍ରଶସ୍ତ୍ର ନ ଥିବା ସହିତ ପର୍ଯ୍ୟାପ୍ତ ପ୍ରଶିକ୍ଷିତ ପୁଲିସ କର୍ମଚାରୀ ନ ଥିବା ଜଣାପଡ଼ିଛି । ଫଳରେ ମୁକୁଳା ପଡ଼ିଥିବା ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥରେ ବିଭିନ୍ନ ସମୟରେ ଅନୁପ୍ରବେଶକାରୀଙ୍କ ପ୍ରବେଶ ଭୟ ରହିଥିବାରୁ ଏଥିପ୍ରତି ସରକାର ତୁରନ୍ତ ଗୁରୁତ୍ୱ ଦେଇ ବିଭିନ୍ନ ଦିଗ ପ୍ରତି ଦୃଷ୍ଟିଦେଇ ତୁରନ୍ତ ଦୃଢ଼ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି । ଅନ୍ୟପକ୍ଷରେ ଏ ନେଇ ଚନ୍ଦ୍ରଭାଗା ମେରାଇନ୍ ଥାନା ଓ ରାମଚଣ୍ଡୀ ଥାନାକୁ ପଚାରିବାରେ ସେ ଏପରି ଗୁରୁତ୍ୱପୂର୍ଣ୍ଣ ସମୟରେ ପୁରୀ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶକ୍ରମେ ସେମାନେ ସଜାଗ ରହିବା ସହିତ ଯେକୌଣସି ଅଘଟଣକୁ ସାମ୍ନାକରି ସମୁଦ୍ର ଉପକୂଳକୁ ସୁରକ୍ଷାଦେବାକୁ ଏହି ଦୁଇଟି ଥାନା ପକ୍ଷରୁ ସବୁବେଳେ ଦିନରାତି ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉଥିବା ଓ ସନ୍ଦେହଜନକ ଭାବେ ଯେକୌଣସି ବ୍ୟକ୍ତି ଓ ବୋଟ୍ ଟ୍ରଲରକୁ ଦେଖିଲେ ସେମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚନ୍ଦ୍ରଭାଗା ମେରାଇନ୍ ଥାନା ଅଧିକାରୀ ପ୍ରତିମା ସାହୁ ଓ ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।



## ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଆଉଟ୍‌ସୋର୍ସିଂ କର୍ମଚାରୀ ନିଲମ୍ବିତ

**ଓଡ଼ଗାଁ, ୨୬।୪ (ଏନ୍‌ଏନ୍‌ଏସ୍):** ଓଡ଼ଗାଁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗରେ ହଟଚମଟ ସୃଷ୍ଟି ହୋଇଛି । ଅନେକ କାର୍ଯ୍ୟାଳୟରେ ପଡ଼ନ୍ତି ଜଣେ ଆଉଟ୍ ସୋର୍ସ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି । ସୂଚନା ଅନୁଯାୟୀ ଓଡ଼ଗାଁ ମନରେଗା ଅସିଷ୍ଟାଣ୍ଟ ପ୍ରଗତ ମାଝୀଙ୍କ ଉପରେ ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଉପେନ୍ଦ୍ର କୁମାର ପରିଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଶ୍ରୀମାଝି ମନରେଗା ଯୋଜନାରେ ଜାଲିଆତି କରି ଅର୍ଥ ଆତ୍ମସାତ ଅଭିଯୋଗରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି । ଏହାସହିତ ସେ ବିଭିନ୍ନ ଅସାମାଜିକ କାର୍ଯ୍ୟ କଳାପରେ ସମ୍ପୃକ୍ତି ଥିବା ପିଡି କହିଛନ୍ତି । ଏହାବ୍ୟତୀତ ଅନ୍ୟ କର୍ମଚାରୀଙ୍କୁ ତାଗିଦ କରିଥିବା ଜଣାପଡ଼ିଛି । କିଛିଦିନ ତଳେ ଚାଷୀ ମାନଙ୍କ ଟଙ୍କାକୁ ଓଡ଼ଗାଁ ଓରଗରିୟନ ଜେନେବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁନେଇ ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିଡି ଶ୍ରୀ ପରିଡ଼ା କହିଛନ୍ତି ।

## ବାର୍ ଆସୋସିଏସନ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



**ଜଟଣୀ, ୨୬।୪ (ଏନ୍‌ଏନ୍‌ଏସ୍):** ଜାମ୍ମୁ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପହଲଗାମ ବେସରନ ଘାଟିଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବିଦେଶୀ ପର୍ଯ୍ୟଟକଙ୍କ ସହ ଓଡ଼ିଶାର ପ୍ରଶାନ୍ତ ଶତପଥୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶନିବାର ସନ୍ଧ୍ୟାରେ କୋର୍ଟ ପରିସରରେ ବାର୍ ଆସୋସିଏସନ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସଭାପତି ଆଲୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ଆଇନଜୀବୀ ବିଜୟ ମହାପାତ୍ର, ଅର୍ଜ୍ଜୁନ ସାହୁ, ମିହିରକାନ୍ତ ଜେଠୀ, ସୁଧାଂଶୁ ଶେଖର ଜେନା, ପ୍ରଦୀପ ଜେନା ପ୍ରମୁଖ ନିରବ ପ୍ରାର୍ଥନା କରିଥିଲେ । ସେଠାରେ ଯେଉଁ ଆତଙ୍କବାଦୀ ମାନେ ଏବଂ ଯାହା ପ୍ରରୋଚନାରେ ହତ୍ୟାକାଣ୍ଡ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ ।

## ସ୍ୱପ୍ନେଶ୍ୱର ସଂଗୀତକଳା ପକ୍ଷରୁ ଜଳସେବା




**ପିପିଲି, ୨୬।୪ (ଏନ୍‌ଏନ୍‌ଏସ୍):** ପିପିଲି ନିକଟ ଗୁଡ଼ିଆପୋଖରୀ ସ୍ଥିତ ସ୍ୱପ୍ନେଶ୍ୱର ସଂଗୀତ କଳା ପୀଠ ଅନୁକୂଲ୍ୟରେ ଜଳସେବା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟକରି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜାତୀୟ ରାଜପଥ କଡ଼ ଗୁଡ଼ିଆପୋଖରୀ ଛକଠାରେ ଏହାର ଶୁଭାରମ୍ଭ ହୋଇଛି । ଅନୁଷ୍ଠାନ ର ସଦସ୍ୟ ରବିନ୍ଦ୍ର କୁମାର ତ୍ରିପାଠୀ, ଦେବାଶିଷ ରଥ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମହେଶ୍ୱର ମଲିକ, ଶିଖର ଭୋଇ, ଜୟକୃଷ୍ଣ ପ୍ରଧାନଙ୍କ ସହ ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ରେଡ଼େ ଏହି ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠାନର ସଂଗୀତଗୁରୁ ରାମଚନ୍ଦ୍ର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏହା ଆସନ୍ତା ୭ଦିନ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ସେ କହିଛନ୍ତି ।

## କନ୍ୟାରତ୍ନ ସମ୍ପର୍କିତ କବିତା ଆସର



**ଡେଲାଙ୍ଗ, ୨୬।୪ (ଏନ୍‌ଏନ୍‌ଏସ୍):** କନ୍ୟା ସନ୍ତାନ ସମ୍ପର୍କିତ କବିତା ଆସର ବକିଲଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଦୁହିତା ଦୁଇ କୁଳକୁ ହିତା । କନ୍ୟା ସନ୍ତାନ ସମାଜର ଅମୂଲ୍ୟ ରତ୍ନ, ଏହା ସମାଜ ପାଇଁ ସର୍ବଦା ଲୋଡ଼ା କେବେ ବି କନ୍ୟା ଅବହେଳିତ ହେବା ଉଚିତ୍ ନୁହେଁ । ଏହି ପରିପ୍ରେକ୍ଷୀରେ ବ୍ୟଙ୍ଗକବି ଶ୍ରୀମାନ୍ ଗବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କବିତା ଆସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡଃ ହେମନ୍ତ ରୋତରାୟ, ପୁରୀ ପ୍ରିୟପତ୍ର ପତ୍ରିକାର ସମ୍ପାଦକ ବିପିନି ବରାଳ, ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶରତ ରାଉତ, ଶିକ୍ଷାବିତ୍ ରବିନ୍ଦ୍ର ଷଡ଼ଙ୍ଗୀ, ସାରା ସାହିତ୍ୟ ଅନୁଷ୍ଠାନର ସମ୍ପାଦକ କବି ସୁଦର୍ଶନ ପ୍ରଧାନ, କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ଶିକ୍ଷୟିତ୍ରୀ ସରୋଜିନୀ ଜେନା, ଶିକ୍ଷକ ଜିତେନ୍ଦ୍ର ବାରିକ, ଅଭୟ ଚରଣ ସାହୁ, କବୟିତ୍ରୀ ନମିତା ସ୍ୱାଇଁ ପ୍ରମୁଖ ଯୋଗଦେଇ କନ୍ୟା ସମାଜକୁ ରତ୍ନ ବୋଲି ବିବେଚନା କରି କନ୍ୟାମାନଙ୍କ ପ୍ରତି ଅବହେଳା କରିବା ଉଚିତ୍ ନୁହେଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ତଥା କ୍ରି ପ୍ରଭାବ ସେଠୀ, ବ୍ୟଙ୍ଗକବି ଚନ୍ଦ୍ର ଶେଖର, ଶରତ ମହାପାତ୍ର, ରୋହିତ ଚମ୍ପତି, ପ୍ରିୟଦର୍ଶୀ ମହାନ୍ତି ପ୍ରମୁଖ କନ୍ୟା ଅମୂଲ୍ୟ ସମ୍ପଦ ସମ୍ପର୍କିତ ସ୍ୱରଚିତ କବିତା ପାଠ କରିଥିଲେ । ଲିପି ସୁଚିତ୍ରା ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଡଃ କିରଣ ବାରିକ ଓ ଅନ୍ୟମାନେ ଏଥିରେ ଯୋଗଦେଇଥିଲେ ।

## ୩୦ରୁ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ଗୁରୁଭକ୍ତ ସମ୍ମିଳନୀ

**ନୟାହାଟ, ୨୬।୪ (ଏନ୍‌ଏନ୍‌ଏସ୍):** ସର୍ବଧର୍ମ ସମନ୍ୱୟ ମତବାଦର ପ୍ରଚାରକ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ଚଳିତ ମାସ ୩୦ରୁ ୨ଦିନ ବ୍ୟାପି ରାଜ୍ୟସ୍ତରୀୟ ୫୯ତମ ଗୁରୁଭକ୍ତ ସମ୍ମିଳନୀ ମହାସମାରୋହରେ ପାଳନ ହେବ । ଉକ୍ତମାନଙ୍କ ଏକ ପ୍ରସ୍ତୁତି ଶେଷ ବୈଠକ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବାବାଜୀ ବିଭ ବିନୋଦ ଦାସ, ବାବାଜୀ ଅକ୍ଷୟ କୁମାର ଦାସ, ବାବାଜୀ ବିବେକାନନ୍ଦ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ବାବାଜୀ ଆତ୍ମା କୃଷ୍ଣ ଦାସଙ୍କ ସମେତ ଡାକ୍ତର ରତ୍ନାକର ମହାନ୍ତି, ମହେଶ ଚନ୍ଦ୍ର ସାହୁ, ନୀଳମଣି ସାହୁ, ପ୍ରୀତିରଞ୍ଜନ ଦାସ, ବ୍ରଜବନ୍ଧୁ ସାହୁ, ସତ୍ୟବାଦୀ ଦାସ, ରମେଶ ବିଡ଼ି, ଶ୍ରୀଚରଣ ସ୍ୱାଇଁ, ସୁରେନ୍ଦ୍ର ପାତ୍ର, ରାଜକିଶୋର ସାହୁ, ଅଭୟ ରାଉ, ଲିଙ୍ଗରାଜ ବେହେରା, ଶଶିକାନ୍ତ ଷଡ଼଼ଙ୍ଗୀ, ସୁକାନ୍ତ ଖଟୋଇ, ସବିତା ଦାସ, ଶକୁନ୍ତଳା ପଣ୍ଡା, ଶୈଳବାଳା ପରିଡ଼ା, ସୁଚେତା ଦାସ ପ୍ରମୁଖ ଭାଗ ନେଇଥିଲେ । ଅନବରତ ଭାବେ ଚାଲୁ ରହିଥିବା ସମ୍ମିଳନୀରେ ଭକ୍ତଙ୍କ ପ୍ରବଳ ଆଗମନକୁ ଦୃଷ୍ଟିରେ ରଖି ପ୍ରାୟ ୨୦ଟି ବିଭାଗ ବଣ୍ଟନ କରାଯାଇଛି । ସମ୍ମିଳନୀର ଅଧିବେଶନ ୨୯ ତାରିଖ ଅପରାହ୍ନ ୪ଟାରୁ ଶ୍ରୀ ଶ୍ରୀ ଗୁରୁଦେବଙ୍କ ଘୋଷଯାତ୍ରା ଶହ ଶହ ଭକ୍ତଙ୍କ ଗହଣରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ପ୍ରଚଣ୍ଡ ଗୌରଚନ୍ଦ୍ରପୁର ମୁକ୍ତିବିଲ ପାଇଁ ଗ୍ରାମ୍ୟ ଯୁବବନ୍ଧୁ ରାଜେଶ ପାତ୍ର, ସ୍ୱାଧୀନ ମହାପାତ୍ର, କିଶୋର ପାତ୍ର, ରାକେଶ ଦାସ, ନିହାର ରାଉ, ସାର୍ଥକ ଶିବଦର୍ଶନ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ଅଜିତ ରାଉ, ଅଭିଷେକ ରାଉଙ୍କ ସମୂହ ପ୍ରଚେଷ୍ଟାରେ ଆଶ୍ରମ ପରିସରରେ ନବନିର୍ମିତ ନିର୍ମିତ ଛାମୁଡ଼ିଆ ଏକ ନିଆରାପରମ୍ପରା ସୃଷ୍ଟି କରିପାରିଛି । ଏହି ସମ୍ମିଳନୀ ପୀଠକୁ ସମସ୍ତ ଶୃଙ୍ଖଳ, ଜନସାଧାରଣ ଜଗତସିଂହପୁର, କଟକ, ଭୁବନେଶ୍ୱର ଓ ପୁରୀ ଇତ୍ୟାଦି ବସ୍‌ଷ୍ଟାଣ୍ଡରୁ କାକଟପୁର ଅଭିମୁଖେ ଆସୁଥିବା ବସ୍‌ରେ ଆସି ନୟାହାଟ ହାଇସ୍କୁଲ ଛକରେ ଓହ୍ଲାଇଲେ ଏହି ଧର୍ମ କ୍ଷେତ୍ରରେ ପହଞ୍ଚିପାରିବେ ବୋଲି ପ୍ରଚାର ପ୍ରଚାର ସେବକ ପ୍ରୀତିରଞ୍ଜନ ଦାସ ସୂଚନା ଦେଇଛନ୍ତି ।

## ତିନିଦିନିଆ ଟାଙ୍ଗୀ ମହୋତ୍ସବ ପ୍ରସ୍ତୁତି



**ଟାଙ୍ଗୀ, ୨୬।୪ (ଏନ୍‌ଏନ୍‌ଏସ୍):** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ୨୪ଟି ପଞ୍ଚାୟତକୁ ନେଇ ଗଠନ କରାଯାଇଥିବାବେଳେ ୧୩ଟି ପଞ୍ଚାୟତ ଟାଙ୍ଗୀ ସାଲେପୁର ନିର୍ବାଚନମଣ୍ଡଳୀରେ ରହିଛି । ହେଲେ କେବଳ ରେକର୍ଡରେ ସାଲେପୁର ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ଟାଙ୍ଗୀ ନାମକୁ ବାଦ ଦିଆଯାଇଛି । ଭୋଟ୍ ସମୟରେ ନେତା ଟାଙ୍ଗୀ ଅଞ୍ଚଳରେ ଭୋଟ ବାକ୍ସ ପୁର କରୁଥିବା ବେଳେ ଟାଙ୍ଗୀକୁ ଅଣଦେଖା କରୁଥିବା ଲୁହାଯାଉଛି । ନା ଟାଙ୍ଗୀରେ ରାଜପଥରେ ଓଭରବ୍ରିଜ ଅଛି ନା ବସଷ୍ଟାଣ୍ଡ, ନା ଅଛି ତହସିଲ ଅଫିସ ନା ଅଛି ଶିକ୍ଷାର ସବୁ ବ୍ୟବସ୍ଥା । ଯେମିତି ଟାଙ୍ଗୀ ହେଉଛି ନେତାଙ୍କ ସାବତପୁଅ । ଖାଲି ସେତିକି ନୁହେଁ, ସାଲେପୁର ଅଞ୍ଚଳରେ ନେତାମାନେ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ସାଲେପୁର ମହୋତ୍ସବ ଆୟୋଜନ କରୁଥିବା ବେଳେ ଟାଙ୍ଗୀ ଅଞ୍ଚଳରେ ଏସବୁ କରିବା ପାଇଁ ନେତାଙ୍କ ଆନ୍ତରିକତା ନଥିବା ଦେଖାଯାଏ । ତେବେ ଟାଙ୍ଗୀ ମଧୁମାଟି ବିକାଶ ପରିଷଦର ଅଧକ୍ଷ ହିମାଂଶୁ ମହାନ୍ତି ଆସନ୍ତା ମେ' ମାସ ୧୬ରୁ ୧୮ ତିନିଦିନ ଧରି ଟାଙ୍ଗୀ ମହୋତ୍ସବ ଅନୁଷ୍ଠିତ କରାଯିବ ବୋଲି ଏକ ବୈଠକରେ ଘୋଷଣା କରିଛନ୍ତି । ଏଥିସହ ଆସନ୍ତା ୨୮ତାରିଖରେ ମଧୁବାବୁଙ୍କ ପୀଠରେ ମଧୁ ମାଟି ବିକାଶ ପରିଷଦର ଲୋଗୋ ଉନ୍ମୋଚନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଅନେକ ରାଜନେତା ଟାଙ୍ଗୀ ଅଞ୍ଚଳରୁ ଭୋଟ ପାଇ ବିଧାୟକ ହୋଇଥିଲେ ମଧ ଟାଙ୍ଗୀରେ କୌଣସି ବଡ଼ କାର୍ଯ୍ୟକ୍ରମ କରିବାକୁ ଆନ୍ତରିକତା ରଖି ନଥିଲେ । ହେଲେ ହିମାଂଶୁ ମହାନ୍ତି ପଦ ପଦବୀରେ ନଥାଇ ମଧ ଟାଙ୍ଗୀ ଅଞ୍ଚଳରେ ଏଭଳି ବଡ଼ କାର୍ଯ୍ୟକ୍ରମ କରିବା ନିଷ୍ପତ୍ତିକୁ ଅଞ୍ଚଳବାସୀ ଭୂରିଭୂରି ପ୍ରଶଂସା କରିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଷଡ଼ଙ୍ଗୀ, ଫିରୋଜ ଖାନ୍, ସମରେନ୍ଦ୍ର ଷଡ଼ଙ୍ଗୀ, ସୁକାନ୍ତ ବେହେରା, ଅନ୍ତର୍ଯ୍ୟାମୀ ସାହୁ, ଶାନ୍ତନୁ ମହାନ୍ତି, ବେଣୁଧର ଦାସ, ରିତେଶ ଦାସ, ତାପସ ବେହେରା, ଆକାଶ ପାତ୍ର, ଅଭୟ ସ୍ୱାଇଁ, ଅମିତ ସିଂ, କମଲେଶ ସାହୁ, କିଶୋର ସାହୁ, ରାଜୀବ ଦିବେଦୀ, ବିଲ୍ଲୁ ପ୍ରସାଦ ଦୀକ୍ଷିତ, ବାବୁ ପାତ୍ର, ବିଜୟ ହାତୀ ପ୍ରମୁଖ ଯୋଗଦେଇ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

### ସମ୍ଭବ ପ୍ରତିଷ୍ଠାତା ରାମକୃଷ୍ଣ ସାରଙ୍କ ସ୍ମୃତିସଭା

## ମୃତ୍ୟୁକୁ ଯନ୍ତ୍ରଣାମୁକ୍ତ କରିବାକୁ ପରାମର୍ଶ



**ଓଡ଼ଗାଁ, ୨୬।୪ (ଏନ୍‌ଏନ୍‌ଏସ୍):** ଜୀବନକୁ ଭଲ ପାଅ । ମୃତ୍ୟୁ ହେଉଛି ଏକ ସାମାଜିକ ପ୍ରକ୍ରିୟା । ମୃତ୍ୟୁକୁ ସାମ୍ନା କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୁଅ । ମୃତ୍ୟୁ ପୂର୍ବରୁ ନିଜର ଶେଷଇଚ୍ଛା ପୂରଣ ପାଇଁ ଚେଷ୍ଟାକର କିମ୍ବା ଅନ୍ୟ ଆତ୍ମୀୟ ସ୍ୱଜନଙ୍କ ସହଯୋଗ ଦ୍ୱାରା ଇଚ୍ଛାପୂର୍ଣ୍ଣ କର । ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ମାନଙ୍କର ମୃତ୍ୟୁର ନିର୍ଦ୍ଦିଷ୍ଟ ସ୍ଥିରୀକୃତ ହେବାପରେ ସେମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସହାୟତାରେ ଆଉକିଛି କ୍ଷଣ ବଞ୍ଚାଇ ରଖିବାପାଇଁ ଯନ୍ତ୍ରଣା ଦାୟକ ମୃତ୍ୟୁ ଅପେକ୍ଷା ଯନ୍ତ୍ରଣା ମୁକ୍ତ ମୃତ୍ୟୁକୁ ସ୍ୱୀକାର କରିବାପାଇଁ ବନ୍ଧୁ ବର୍ଗ ସହଯୋଗ ପାଇଁ ଆଗରେ ଆସିବା ଦରକାର ବୋଲି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ସମ୍ଭବ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଅନୁଷ୍ଠାନର ସହ ପ୍ରତିଷ୍ଠାତା ରାମକୃଷ୍ଣଙ୍କ ସ୍ମୃତିଚାରଣ ସଭାରେ ଅମୃତ ଧାରା ପାଲ୍ଲିଏଟିଭ୍ କେୟାର ଟ୍ରଷ୍ଟ ଡା. ମାମି ପରିଜା ଯୋଗଦେଇ ଏଣ୍ଟଧକ ଅଂଶଗ୍ରହଣ କରିବାକୁ ବୁଝାଇଥିଲେ । ଆପଣଙ୍କ କର୍ମ ହିଁ ଆପଣଙ୍କୁ ସବୁଦେଳେ ଜୀବିତ ରଖିବବୋଲି ସମ୍ଭବର ମୁଖ୍ୟ ପରିଚାଳିକା ପଦ୍ମଶ୍ରୀ ସାବରମତୀ ରାମକୃଷ୍ଣଙ୍କ ଉଦ୍ଦେଶ୍ୟରେ କହିଥିଲେ । ଓଡ଼ଗାଁ ବ୍ଲକ ଅଧ୍ୟକ୍ଷା ଶୁଭଶ୍ରୀ ସାହୁ, ନୟାଗଡ଼ର ବିଶ୍ୱନାଥ ମହାପାତ୍ର, ବରିଷ୍ଠ ସମାଜସେବୀ ବାମ ସାହୁ, ଶ୍ରୀଧର ପ୍ରଧାନ, ଅବସରପ୍ରାପ୍ତ ବନସଂରକ୍ଷକ ସୁରେଶ ଚନ୍ଦ୍ର ହୋତା, ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧକ୍ଷ ଡ. ଅଧିବାସ ପଣ୍ଡା, ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପଣ୍ଡାଙ୍କ ସମେତ ନୟାଗଡ଼, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପରିଶେଷରେମୀ ଅବସରପ୍ରାପ୍ତ ଶିକ୍ଷକ ତଥା ସମ୍ଭବ ଅନୁଷ୍ଠାନର ଅନ୍ୟତମ ସହ ପ୍ରତିଷ୍ଠାତା ରାମକୃଷ୍ଣଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପହଲଗାଁଓରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା ।

## ସୁରକ୍ଷା ବଳଙ୍କ ଦ୍ୱାରା ରେଳ ଷ୍ଟେସନ୍‌ରେ ଫ୍ଲାଗ୍ ମାର୍ଚ୍ଚ

**ଜଟଣୀ, ୨୬।୪ (ଏନ୍‌ଏନ୍‌ଏସ୍):** ଖୋର୍ଦ୍ଧା ରୋଡ୍ ଡିଭିଜନର ରେଳ ସୁରକ୍ଷା ବାହିନୀ ଦ୍ୱାରା ମଣ୍ଡଳ ର ବିଭିନ୍ନ ଷ୍ଟେସନଗୁଡ଼ିକରେ ପତାକା ମାର୍ଚ୍ଚ କରାଯାଇଛି । ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ଯେକୌଣସି ପ୍ରକାରର ଅପ୍ରୀତିକର ଘଟଣା ସେମାନଙ୍କୁ ସତର୍କ ଏବଂ ସଜାଗ ରଖିବା ଏହାର ଲକ୍ଷ୍ୟ । ଖୋର୍ଦ୍ଧା ରୋଡ୍ ଡିଭିଜନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ୍, କଟକ, ଭଦ୍ରକ, ଯାଜପୁର କେଓଁଝର ରୋଡ୍ ଇତ୍ୟାଦି ଷ୍ଟେସନ୍ ରେ, ସମ୍ପୃକ୍ତ ଆରପିଏଫ୍ ଅଧିକାରୀ, ନିରୀକ୍ଷକ ଏବଂ କର୍ମଚାରୀମାନଙ୍କ ଦ୍ୱାରା ପତାକା ମାର୍ଚ୍ଚ କରାଯାଇଛି । ଏହି ଫ୍ଲାଗ୍ ମାର୍ଚ୍ଚ ଷ୍ଟେସନରେ ଯେକୌଣସି ପ୍ରକାରର ଅପ୍ରୀତିକର ଘଟଣାକୁ ରୋକିବା ଏବଂ ଯାତ୍ରୀମାନଙ୍କୁ ନିରାପଦ, ଅସୁବିଧାମୁକ୍ତ ଯାତ୍ରା ପ୍ରଦାନ କରିବା ରେ, ରେଳ ସୁରକ୍ଷା ବଳଙ୍କ ସଜାଗ ରହିବାର ଅଭିବ୍ୟକ୍ତିକୁ ସୂଚିତ କରିଥାଏ ।



## ମା' କାଳିକା ମେଳଣ ପ୍ରସ୍ତୁତି ବୈଠକ



**ଜଟଣୀ, ୨୬।୪ (ଏନ୍‌ଏନ୍‌ଏସ୍):** ପବିତ୍ର ଅକ୍ଷୟ ତୃତୀୟା ତିଥିରେ ହେବାକୁ ଥିବା 'ମା କାଳିକା' ମେଳଣର ପ୍ରସ୍ତୁତି ବୈଠକ କୁସୁମାଟି ଗ୍ରାମର 'କପାଳ ଲୋଚନ' ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଳଣ ବିଗତ ୧୬୪୨ ମସିହାରୁ ଗ୍ରାମର ପ୍ରତ୍ୟେକ ଠାକୁରାଣୀ 'ମା କାଳିକା' ଦେବୀଙ୍କ ସୁପ୍ରେରଣାରେ ପାଳିତ ହୋଇଆସୁଛି ବୋଲି ଗ୍ରାମର ବରିଷ୍ଠ ନାଗରିକ ତଥା ମେଳଣ କମିଟିର ସମ୍ପାଦକ ବେଣୁଧର ବେହେରା ପ୍ରକାଶ କରିଛନ୍ତି । ଚଳିତବର୍ଷ ଏହି ମା'ଙ୍କ ପୀଠରେ ଆନପତି ରୂପେ ଗ୍ରାମର ଭାଗବତ ବାସୁଦେବ ଏବଂ ଅନ୍ୟ ୨୫ଗୋଟି ଦେବ ବିମାନଗୁଡ଼ିକୁ ସୁସଜ୍ଜିତ କରାଯିବା ପରେ ପାରମ୍ପରିକ ବାଦ୍ୟ, କଲେଇ ନାଚ, ଡିଜେ ଏବଂ ଆଦଶ ବାଜିରେ ହଜାର ହଜାର ଭକ୍ତଙ୍କ ସମାଗମରେ ନିମନ୍ତ୍ରଣ କରି ଦୋଳମଣ୍ଡପରେ ସ୍ଥାପନ କରାଯାଇ ୩ ଦିନ ଧରି ଅବିରତ ଖେଳସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମେଳଣ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ସଭାପତି ସଂଗ୍ରାମ କେଶରୀ ରାଉତରାୟ, ଶ୍ରୀବତ୍ସ ଜେନା, ସୁନୀଲ କୁମାର ରାଉତରାୟ, ମାନସ ବେହେରା, ସରପଞ୍ଚ ସୁଭାଷିନୀ ବିଶ୍ୱାଳ, ସମିତିସଭ୍ୟା ସତ୍ୟଭାମା ରାଉତରାୟ, ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଭାତ କ୍ଲବ୍ ପକ୍ଷରୁ କ୍ୟାଣ୍ଡଲ୍ ଶୋଭାଯାତ୍ରା

**ଡେଲାଙ୍ଗ, ୨୬।୪ (ଏନ୍‌ଏନ୍‌ଏସ୍):** ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ପ୍ରଭାତ କ୍ଲବ୍ ପକ୍ଷରୁ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟ ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଓ କ୍ୟାଣ୍ଡଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କ୍ଲବର ପୂର୍ବତନ ସମ୍ପାଦକ ପଦ୍ମନାଭ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ପୂର୍ବତନ ସଭାପତି ପ୍ରଦୀପ୍ତ କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ସରୋଜ ମିଶ୍ର, ଗନ୍ଧର୍ବ ପ୍ରଧାନ, ହୃଷିକେଶ ମହାରଣା, ରଶ୍ମିକର ଜେନା, ସୁଭାଷ ସାହୁ, ସହ ସମ୍ପାଦକ ପ୍ରଶାନ୍ତ ଦାସ, କୋଷାଧ୍ୟକ୍ଷ ସୁଚେତ ବରାଳ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାଶ୍ମୀରରେ ଏହି ଆକ୍ରମଣକୁ ନିନ୍ଦା କରିଥିଲେ । ସେଠାରେ ପ୍ରାଣ ହରାଇଥିବା ଭାରତୀୟ ପର୍ଯ୍ୟଟକଙ୍କ ସହିତ ପହଲଗାମର କାସିଦା ଓ ବାଲେଶ୍ୱରର ଓଡ଼ିଆ ପୁଅ ପାଇଁ ୨ମିନିଟର ନିରବ ପ୍ରାର୍ଥନା କରିଥିଲେ । ଏହା ସହିତ ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି କ୍ୟାଣ୍ଡେଲ ଶୋଭାଯାତ୍ରା କ୍ଲବ ପରିସରରୁ ବାହାରି ଡେଲାଙ୍ଗ ବଜାର ସହିତ ଥାନା ଛକ, ଡେଲାଙ୍ଗ ରେଳ ଷ୍ଟେସନ ପରିକ୍ରମା କରିଥିଲା ।

# ନୟାଗଡ଼ରେ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର




**ନୟାଗଡ଼, ୨୬।୪ (ଏନ୍‌ଏନ୍‌ଏସ୍):** ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୟାଗଡ଼ ଠାରେ ନୟାଗଡ଼ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର 'ନିଷ୍ଠା - ସମଗ୍ର ଓ ଅନ୍ତର୍ଭୁକ୍ତୀକରଣ ଶିକ୍ଷା' ଅନୁଷ୍ଠିତ ହୋଇଯାଇଛି । ପାଞ୍ଚଦିନ ଧରି ଚାଲୁଥିବା ଏହି ପ୍ରଶିକ୍ଷଣ ଶିବିର ରେ ବିଭିନ୍ନ ବିଦ୍ୟାଳୟରୁ ୬୧ ଜଣ ଶିକ୍ଷକ-ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ । ନୟାଗଡ଼ ମଣ୍ଡଳ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଧନେଶ୍ୱର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଳ ପ୍ରଶିକ୍ଷକ ଭାବେ ପ୍ରଣତୀ ମହାପାତ୍ର, ପବିତ୍ର ସ୍ୱାଇଁ, ବୀରେନ୍ଦ୍ର କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଓ ଝିଲିମିଲି ସାହୁ ପ୍ରମୁଖ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସର୍ବଜନୀନ ଶିକ୍ଷଣ ଡିଜାଇନ ବ୍ୟବହାର କରି ଏକ ଅନ୍ତର୍ଭୁକ୍ତୀକରଣ ଶ୍ରେଣୀକକ୍ଷରେ ସମସ୍ତ ଶିକ୍ଷାର୍ଥୀଙ୍କୁ ସାମିଲ କରାଯାଇ ଶିକ୍ଷାଦାନ କରିବା, ଶିକ୍ଷାର୍ଥୀମାନଙ୍କ ଏକତା ତାହା ସମସ୍ତ ଶିକ୍ଷକ-ଶିକ୍ଷକମାନେ ଅନୁଭବ କରିବା ସହ ଛାତ୍ରଛାତ୍ରୀଙ୍କୁ ସମ୍ମାନ ସହ ଗ୍ରହଣ କରିବା ଦିଗରେ ଆଲୋଚନା କରିଥିଲେ । ତତ୍‌ସହିତ ଭିନ୍ନକ୍ଷମ ବିଭିନ୍ନୀକରଣ, ପରୀକ୍ଷାବୋର୍ଡ ଦ୍ୱାରା ଗ୍ରହଣ କରାଯାଉଥିବା ଶିକ୍ଷା ବ୍ୟବସ୍ଥା, ପରୀକ୍ଷାଗାରର ବ୍ୟବହାର, ସାର୍ବଜନୀନ ଶିକ୍ଷଣ ଡ଼ାଞ୍ଚା ଭିତ୍ତିକ ପାଠଯୋଜନା, ଶାରୀରିକ ଶିକ୍ଷା,କ୍ରୀଡ଼ା ଓ ଯୋଗର ଆବଶ୍ୟକତା, ପାଠ୍ୟକ୍ରମରେ କଳାଶିକ୍ଷାର ସମନ୍ୱିତକରଣ ଆଦି ବିଭିନ୍ନ ବିଷୟ ଆଧାରରେ ପ୍ରଶିକ୍ଷଣ ଦିଆଯାଇଥିଲା । ଉଦ୍‌ଯାପନ ସମାରୋହରେ ନୟାଗଡ଼ର ସମଗ୍ରପ୍ରଗତି ଶିକ୍ଷକ କାର୍ଯ୍ୟ ସମ୍ପାଦନ କରିବ, ଜିଲ୍ଲାରେ ମଧ୍ୟରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଧନେଶ୍ୱର ସେଠୀଙ୍କ ସହ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଜୟ କୁମାର ମିଶ୍ର, ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା ସୁସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଚିଠିମ ପତ୍ରକ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ବଳ ଗ୍ରୁପର ସଦସ୍ୟ ପ୍ରଦୀପ କୁମାର ସାହୁ ପ୍ରଶିକ୍ଷଣର ଉପାଦେୟତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଉଦ୍‌ଯାପନ ସମାରୋହରେ ଶିକ୍ଷକ-ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ପ୍ରଶିକ୍ଷଣ ଆଧାରିତ ବିଷୟକୁ ସରଳ ତଥା ସାବଲୀଳ କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷଣ ଉପକରଣ ବ୍ୟବହାର କରି ପ୍ରଶିକ୍ଷାର୍ଥୀ-ଶିକ୍ଷକମାନେ ସ୍ୱତନ୍ତ୍ର ନାଟକ 'ଆମେ ସମସ୍ତେ' ପରିବେଷଣ କରିଥିଲେ ।

ନିତିଦିନ NITIDIN
ରବିବାର, ୨୭ ଏପ୍ରିଲ, ୨୦୨୫

ନିତି ଭାରତୀ

ବୀରଭୋଗ୍ୟା ବସୁନ୍ଧରା- ଏହା ହେଉଛି ଅକାଟ୍ୟ ସତ୍ୟ। ବୀର ହୁଅ। ସବୁବେଳେ କୁହ, 'ମୋର ଭୟ ନାହିଁ।' - ସ୍ୱାମୀ ବିବେକାନନ୍ଦ



## ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା...

ମନୋଜ କୁମାର ମହାପାତ୍ର

# ସର୍ପ କୁଳରେ କଳି ଜାତ...

ଶାସ୍ତ୍ରରେ କୁହାଯାଇଛି ସର୍ପକୁ ଦୁଗ୍ଧପାନ ଦ୍ୱାରା ତାହାର ହିଂସ୍ର ପ୍ରକୃତିକୁ ଦମନ କରିବା ସମ୍ଭବ ନୁହେଁ, ବରଂ ବୃଦ୍ଧି ଘଟାଇବ ଏବଂ ବାରମ୍ବାର ଚୋଟ ମାରିବ ହିଁ ମାରିବ। ମୂର୍ଖ ଓ ପାଷଣ୍ଡ ଧର୍ମାନ୍ଧ ମଣିଷ ମଧ୍ୟ ତଦ୍ରୂପ। କାଶ୍ମୀରର ପହଲଗାମରେ ସେଦିନ ଜଣ ଜଣ ପର୍ଯ୍ୟଟକଙ୍କୁ ଯେପରି ଭାବରେ ଧର୍ମ ନାଁରେ ନିର୍ମମ ହତ୍ୟା କରାଗଲା, ତାହା ଆଜି ସମସ୍ତଙ୍କୁ ସ୍ତବ୍ଧ ଓ ବ୍ୟଥିତ କରିଛି। କିଛି ତଥାକଥିତ ଧର୍ମନିରପେକ୍ଷ ବୁଦ୍ଧିଜୀବୀ କହିଲେ ଯେ ଆତଙ୍କବାଦୀଙ୍କର କୌଣସି ଧର୍ମ ନାହିଁ। ତେବେ ପ୍ରଶ୍ନ ଉଠେ- ସେମାନେ ଧର୍ମ ପଚାରି ଜଣ ଜଣ କରି ହିନ୍ଦୁ ପର୍ଯ୍ୟଟକଙ୍କୁ କାହିଁକି ହତ୍ୟା କଲେ? ଏମନ୍ତ ନରସଂହାର ପ୍ରମାଣିତ କରେ ଯେ ଆତଙ୍କବାଦୀଙ୍କର ଧର୍ମ ଅଛି ଏବଂ ସେମାନଙ୍କର ଧର୍ମାନ୍ଧତା ହିଁ ମଣିଷ ସହିତ ଶତ୍ରୁତା ଖେଳେ। ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ କରିବା ଉଚିତ, ଯାହାକୁ କୋଟି କୋଟି ଭାରତୀୟ ଉତ୍ସୁକତାର ସହିତ ଅପେକ୍ଷା କରିଛନ୍ତି।

ପାଠକେ, ଏହି ପରିପ୍ରେକ୍ଷୀରେ ଧର୍ମ କିପରି ଭୟଙ୍କର ଓ ଧର୍ମାନ୍ଧତାର ମଞ୍ଜି ବୁଣେ ମଣିଷ ମନରେ, ସେ ବିଷୟରେ ଯତ୍‌କିଞ୍ଚିତ୍ ଆଲୋଚନା କରିବା। ବୁଦ୍ଧ ଏକଦା ମହାନ ତେଜସ୍ୱୀ ଋଷି ପ୍ରତିମ ଦୀଘନଖଙ୍କର ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ- ମୋ ଶିକ୍ଷା ନା କୌଣସି ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ, ନା କୌଣସି ଦର୍ଶନ ଉପରେ। କୌଣସି ବାଦ-ବିବାଦ ଓ ଯୁକ୍ତି-ତର୍କକୁ ଏହା ସ୍ପଷ୍ଟ ନୁହେଁ। କିଛିନ୍ ଦର୍ଶନ ଯେପରି ଦାବି କରେ ଯେ ଅଗ୍ନି, ଜଳ, ବାୟୁ, ପୃଥ୍ୱୀ, ଆକାଶ ବା ଆତ୍ମା ହିଁ ବିଶ୍ୱ ବ୍ରହ୍ମାଣ୍ଡର ମୌଳିକ ଆଧାର କିମ୍ବା ସୃଷ୍ଟିର ଅନ୍ତ ହୁଏ କିମ୍ବା ସୃଷ୍ଟି ନିତ୍ୟ କିମ୍ବା ଅନିତ୍ୟ କିମ୍ବା ଈଶ୍ୱର ଅଛନ୍ତି କି ନାହାନ୍ତି, ସେପରି ମୋର ଶିକ୍ଷା ନୁହେଁ। ଜଗତର କୌଣସି ତତ୍ତ୍ୱ ଓ ବସ୍ତୁକୁ ସତ୍ୟ ବୋଲି ବିଚାର କରିବା ମୋର ଶିକ୍ଷାର ଅଭିମୁଖ୍ୟ ନୁହେଁ। ଏସବୁ ଶୁଣାଇବା ଓ ମନାଇବା। ଯାହୁ ଯିଏ ବିଶ୍ୱାସ କରେ, ସେ କେବଳ ଗୋଟିଏ ପାତ୍ରର ବାଡ଼ରେ ପିଞ୍ଜୁରି ଚାଲୁଥିବା ସଦୃଶ ମଣିଷ, କେବଳ ଲକ୍ଷ୍ୟହୀନ ଭାବେ ଘୂରି ବୁଲୁଥାଏ। ମୋର ଧର୍ମ ମଧ୍ୟ ଦର୍ଶନ ନୁହେଁ। ମୋର ଧର୍ମ ପ୍ରତ୍ୟକ୍ଷ ଅନୁଭୂତିର ପରିଣାମ। ତୁମେ ମୋର କଥାକୁ ନିଜର ଅନୁଭୂତି ଦ୍ୱାରା ପରୀକ୍ଷା କରିପାର ବା ପ୍ରମାଣିତ କରିପାର। ମୁଁ କହୁଛି- ଜଗତର ସକଳ ବସ୍ତୁ ହିଁ ଅନିତ୍ୟ, ପ୍ରତୀତ୍ୟ-ସମୁତ୍ପାଦ ଏବଂ ବସ୍ତୁଗୁଡ଼ିକର କୌଣସି ପୃଥକ ସତ୍ତା ନାହିଁ। ମୋର ଶିକ୍ଷା ହେଉଛି ଯେ ପ୍ରତ୍ୟେକ ପଦାର୍ଥ ସୃଜନ, ବର୍ଦ୍ଧନ ଓ ମରଣ ପାଇଁ ପରସ୍ପର ପଦାର୍ଥ ଉପରେ ନିର୍ଭର କରିଥାଏ। କୌଣସି ବସ୍ତୁ ଏକ ନିର୍ଦ୍ଦିଷ୍ଟ ଉପାଦାନରୁ ଉତ୍ପନ୍ନ ହୁଏନାହିଁ। ମୁଁ ଏହି ସତ୍ୟକୁ ସ୍ୱୟଂ ଅନୁଭବ କରିଛି, ତୁମେ ଚାହିଁଲେ ନିଜେ ଏହାକୁ ଅନୁଭବ କରି ପାରିବ। ଯାହୁ ଏହି ସତ୍ୟକୁ ଉପରେ ବା ଜଗତର ଆଦି ଓ ଅନ୍ତ ସମ୍ବନ୍ଧରେ ମୁଁ ଶିକ୍ଷା ଦିଏନାହିଁ, ବରଂ ଅନ୍ୟମାନଙ୍କୁ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବାରେ ସହାୟତା କରିଥାଏ। ଭାଷା ଓ ବୁଦ୍ଧି ମାଧ୍ୟମରେ ପରମ ସତ୍ୟକୁ ବର୍ଣ୍ଣନା କରିବା ଆଦୌ ସମ୍ଭବ ନୁହେଁ, ବରଂ କେବଳ ପ୍ରତ୍ୟକ୍ଷ ଅନୁଭବ ଓ ଅନୁଭୂତି ଦ୍ୱାରା ହିଁ ଆମେ ସେହି ପରମ ସତ୍ୟର ଉପଲବ୍ଧି କରି ପାରିବା।

ଭଗବାନ ବୁଦ୍ଧଙ୍କର ଏମନ୍ତ ସତ୍ୟର ଉଦ୍‌ଘାଟନରେ ଦୀଘନଖ ହର୍ଷୋତ୍ପୁଲ୍ଲିତ ହୋଇ କହିଲେ- ପ୍ରଭୋ, ଆପଣଙ୍କ ଶିକ୍ଷା ଅଦ୍ଭୁତ ଓ ଚମତ୍କାର, ଯେଉଁଥିରେ ଲେଶମାତ୍ର କଳ୍ପନା ବା ମନଗଢ଼ା ଜିନିଷ ନାହିଁ। କିନ୍ତୁ ଆପଣଙ୍କର କେହି ଜଣେ ଶ୍ରଦ୍ଧାବାନ୍ ଶିଷ୍ୟ ଯଦି ଭବିଷ୍ୟତରେ ଆପଣଙ୍କର ଏହି ଶିକ୍ଷାକୁ ନେଇ ଏକ ସଂପ୍ରଦାୟ ବା ଧର୍ମ ବା ସିଦ୍ଧାନ୍ତ ସୃଷ୍ଟିକରେ, ତେବେ ଅବସ୍ଥା କ'ଣ ହେବ ଆପଣଙ୍କର ଶିକ୍ଷାର?

ବୁଦ୍ଧ କିଛି ମୁହୂର୍ତ୍ତ ନିରବ ରହିଲେ ଏବଂ ମସ୍ତକ ହଲାଇ କହିଲେ- ମହାଶୟ ଦୀଘନଖ! ଆପଣଙ୍କର ପ୍ରଶ୍ନ ଅବଶ୍ୟ ଖୁବ୍ ଉତ୍ତମ। ମୋ ଶିକ୍ଷା ନା କୌଣସି ସିଦ୍ଧାନ୍ତ, ନା ଦର୍ଶନ ଉପରେ ପର୍ଯ୍ୟବସିତ; କିନ୍ତୁ କିଛି ଲୋକ ଏହାକୁ ସାମ୍ପ୍ରଦାୟିକ ରଙ୍ଗ ଦେଇ ପାରନ୍ତି। ଆଜି ଯେଉଁମାନେ ଏଠାରେ ଉପସ୍ଥିତ, ସେମାନଙ୍କୁ ସ୍ପଷ୍ଟ କହିଦେଉଛି- ମୋର ଶିକ୍ଷା ପରମ ସତ୍ୟକୁ ଉପଲବ୍ଧି କରିବାର ଏକ ପଦ୍ଧତି, କିନ୍ତୁ ମୋର ପଦ୍ଧତି ସ୍ୱୟଂ ପରମ ସତ୍ୟ ନୁହେଁ। ଯେପରି ତର୍ଜନୀ ଅଙ୍ଗୁଳି ଚନ୍ଦ୍ରମା ଆଡ଼କୁ ଇଙ୍ଗିତ କରି ଦେଖାଇ ଦିଏ ଯେ ସେହି ଉଜ୍ଜ୍ୱଳ ବସ୍ତୁଟି ଚନ୍ଦ୍ର, ଠିକ୍ ସେହିପରି ମୋର ଶିକ୍ଷା। କିନ୍ତୁ ମନେରଖ, ତର୍ଜନୀ ଅଙ୍ଗୁଳି ଚନ୍ଦ୍ର ନୁହେଁ, ବରଂ ଚନ୍ଦ୍ରକୁ ଦେଖାଇବାର ଏକ ମାଧ୍ୟମ। ଯଦି କେହି ବ୍ୟକ୍ତି କେବଳ ତର୍ଜନୀକୁ ଦେଖି ଭାବିନିଏ ଯେ ତାହା ହିଁ ଚନ୍ଦ୍ର, ତେବେ ସେ କେବେ ବି ଚନ୍ଦ୍ରକୁ ଦେଖି ପାରିବ ନାହିଁ। ସେ କେବଳ ଭ୍ରମିତ ହେବ ହିଁ ହେବ।

ବୁଦ୍ଧ ପୁନଶ୍ଚ ନିଶ୍ଚୟାତ୍ମକ ଶବ୍ଦରେ କହିଲେ- ମୋର ଶିକ୍ଷା କେବଳ ସାଧନା-ଅଭ୍ୟାସର ଏକ ମାଧ୍ୟମ ମାତ୍ର, ଯଦି ଏହି ମାଧ୍ୟମକୁ କେହି ପୂଜା-ଅର୍ଚ୍ଚନା କରି ବସେ, ତେବେ ପ୍ରତ୍ୟକ୍ଷ ଅନୁଭୂତି ତାଙ୍କ ପାଇଁ ଦୁଷ୍ପ୍ରାପ୍ୟ ହେବ ହିଁ ହେବ। ମୋ ଶିକ୍ଷା ନଦୀ ପାର ହୋଇବା ପାଇଁ ଏକ ନୌକା ସଦୃଶ। ନଦୀର ଅପର ପାର୍ଶ୍ୱରେ ପହଞ୍ଚିଗଲା ପରେ ଯେପରି ନୌକାର ଆବଶ୍ୟକତା ପଡ଼େନାହିଁ, ଠିକ୍ ସେହିପରି ମୋର ଶିକ୍ଷା। ମୋର ଶିକ୍ଷାକୁ ଯଦି କେହି ଖାଲି ଘୋଷି ଚାଲିବ, କଣ୍ଠସ୍ଥ କରି ଧାର୍ମିକ ବୋଲାଇବ ବା ବୁଦ୍ଧଙ୍କର ଅନୁଗାମୀ ବୋଲି ଚିହ୍ନିତ ହେବ, ତେବେ ପ୍ରତ୍ୟକ୍ଷ ଅନୁଭୂତି କଦାପି ତାଙ୍କ ପ୍ରାପ୍ତହେବ ନାହିଁ।

ଦୀଘନଖ ଅତ୍ୟନ୍ତ ପ୍ରୀତ ହୋଇ କହିଲେ- ହେ ଗୌତମ! ଦୟାକରି ମୋତେ ସେହି ମାର୍ଗ ବିଷୟରେ କୁହନ୍ତୁ, ଯାହା ମାଧ୍ୟମରେ ମୋ ମନରେ ଉଠୁଥିବା କଷ୍ଟଦାୟକ ଭାବନାରୁ ମୁକ୍ତି ପାଇ ପାରିବି।

ବୁଦ୍ଧ କହିଲେ- ଦେଖ ଦୀଘନଖ, ମନୁଷ୍ୟର ଭାବନା ସାଧାରଣତଃ ତିନି ପ୍ରକାରର ହୋଇଥାଏ- ସୁଖ, ଦୁଃଖ ଓ ତଟସ୍ଥ (ନିରପେକ୍ଷ)। ଏହି ତିନି ପ୍ରକାର ଭାବନାର ମୂଳ ହିଁ ସ୍ପର୍ଶ ଓ ସଂଜ୍ଞା ଓ ବିକଳ୍ପ ସ୍ୱଭାବ। ମାନସିକ ତରଙ୍ଗ କିମ୍ବା ପଦାର୍ଥଗତ ପ୍ରପଞ୍ଚ ଭଳି ଭାବନାଗୁଡ଼ିକର ଆବିର୍ଭାବ ଓ ତିରୋଭାବ ମନୁଷ୍ୟ ମନରେ ସଦା ଘଟୁଥାଏ। କାହିଁକି ନା ମନ ହିଁ ଚଞ୍ଚଳ, ମୂଢ଼ ଓ ବିକ୍ଷିପ୍ତ। ମୁଁ ଏପରି ପଦ୍ଧତିର ଶିକ୍ଷା ଦିଏ ଯେ ଯାହା ମାଧ୍ୟମରେ ଭାବନାଗୁଡ଼ିକୁ ଗଭୀର ଭାବରେ ଜଣେ ଅଧ୍ୟୟନ କରି ପାରିବେ ଏବଂ ଏହାର ପ୍ରକୃତି ଓ ଉତ୍ପତ୍ତିକୁ ମଧ୍ୟ ଭଲ ଭାବରେ ଚିହ୍ନି ପାରିବେ। କେଉଁ ଭାବନା ବା ଅନୁଭବ ଦୁଃଖ କିମ୍ବା ସୁଖ କିମ୍ବା ନିରପେକ୍ଷ, ତାହା ତୁମେ ଏମନ୍ତ ଆତ୍ମ-ବିଶ୍ଳେଷଣରେ ଜାଣି ପାରିବ। ଯେତେବେଳେ ତୁମେ ଭାବନାର ଉତ୍ପତ୍ତି ସ୍ଥଳ ବା ଉତ୍ସକୁ ଦେଖିବ, ସେତେବେଳେ ଏହାର ଅଭ୍ୟାସରେ ଜାଣି ପାରିବ ଯେ ଭାବନା ବିଲ୍‌କୁଲ୍ ଶାଶ୍ୱତ ନୁହେଁ, ଏଗୁଡ଼ିକ କେବଳ ମନରେ ଉଠୁଛି ଓ ପଡ଼ୁଛି। ଏସବୁଗୁଡ଼ିକର ପ୍ରକ୍ରିୟା ଜଳଜଳ ଦିଶିବ। ସମସ୍ତ ଦୁଃଖର ଭାବ-ବୋଧର ଉତ୍ସ ବାସ୍ତବିକ ସତ୍ୟକୁ ଭ୍ରମିତ ବା ତ୍ରୁଟିପୂର୍ଣ୍ଣ ଦୃଷ୍ଟିରେ ଦେଖିବା ଯୋଗୁଁ ଘଟିଥାଏ। ଅର୍ଥାତ୍ ଆମର ଦୃଷ୍ଟିକୋଣ ଏଠାରେ ଭୁଲ, ପ୍ରକୃତ ଜିନିଷକୁ ଠିକ୍ ଭାବରେ ନ ବୁଝିବାର କାରଣ ଯୋଗୁଁ ଦୁଃଖ ଜାତ ହେଉଥାଏ। ଭ୍ରାନ୍ତ ଦୃଷ୍ଟିକୁ ତ୍ୟାଗ କରି ପାରିଲେ ନିଷ୍ପାପତାର ମଧ୍ୟ ଅନ୍ତ ଘଟିଥାଏ। ଭ୍ରାନ୍ତ ଦୃଷ୍ଟିକୋଣ ବା ବିଚାରର କାରଣ ଯୋଗୁଁ ଅନିତ୍ୟ ପଦାର୍ଥକୁ ନିତ୍ୟ ବୋଲି ଲୋକେ ଭାବନ୍ତି। ଏହି ପ୍ରକାର ଅଜ୍ଞାନ ହିଁ ସମସ୍ତ ଦୁଃଖର କାରଣ। ଦେଖନ୍ତୁ, ସେହେତୁ ଆମେ ଅଚେତନତାର ମାର୍ଗରେ ଅଭ୍ୟାସ କରନ୍ତୁ, ଯାହାଦ୍ୱାରା ଆମେ ଅଜ୍ଞାନତା ସମାପ୍ତ କରି ପାରୁଛେ। ମଣିଷ ସମସ୍ତ ପଦାର୍ଥ (ତତ୍ତ୍ୱ)କୁ ଗଭୀରତା ସହକାରେ ଦେଖିବା ଓ ବୁଝିବା ଉଚିତ, ଯାହାଦ୍ୱାରା ତାହାର ସତ୍ୟ ସ୍ଥିତିକୁ ପ୍ରବେଶ କରି ପାରିବା। ମନେରଖ, ଏ ସଂସାରରେ ସମସ୍ତ ସଂଘର୍ଷ ନିଜ ବୈଚାରିକ ଦୃଷ୍ଟିକୋଣରୁ ଉତ୍ପନ୍ନ ହୋଇଥାଏ। ତୁମେ ସମସ୍ତ ବସ୍ତୁର ମୂଳ କାରଣକୁ ଦେଖ, ଦେଖିବ ଦୁଃଖ, ସୁଖ ଓ ତଟସ୍ଥ ଭାବନା ଭଳି କିଛି ହିଁ ନାହିଁ।

ଯେଉଁ କଥାଟି ଶେଷରେ ବୁଦ୍ଧ କହିଲେ, 'ମନେରଖ, ଏ ସଂସାରରେ ସମସ୍ତ ସଂଘର୍ଷ ନିଜ ବୈଚାରିକ ଦୃଷ୍ଟିକୋଣରୁ ଉତ୍ପନ୍ନ ହୋଇଥାଏ, ତାହା କ'ଣ ଏବେବାରେ ସତ୍ୟ ନୁହେଁ କି? ଆଜି ପହଲଗାମ୍‌ରେ ଯେଉଁ ଆତଙ୍କବାଦୀ ବା ସେମାନଙ୍କୁ ଉସକାଉଥିବା ଧାର୍ମିକ ନେତାମାନଙ୍କର ଏକମାତ୍ର ଲକ୍ଷ୍ୟ ଥିଲା, ସେମାନଙ୍କର ବୈଚାରିକ ଦୃଷ୍ଟିକୋଣ ଆମକୁ ଜଳଜଳ ଦେଖାଯାଉନି କି? ସେମାନଙ୍କର ଭ୍ରାନ୍ତ ବୈଚାରିକ ଦୃଷ୍ଟିକୋଣ ହେଉଛି ମାନବତାର ପରିପନ୍ଥୀ, ଯାହାଦ୍ୱାରା ସଂଘର୍ଷ ଘଟେ, ଯେଉଁଥିରୁ ନିର୍ମମ ନରସଂହାରର ସାରା ପୃଥିବୀକୁ ଆଚ୍ଛନ୍ନ କରିବାରେ ଲାଗିଛି। ସ୍ୱାମୀ ବିବେକାନନ୍ଦ ଏହି କଥାଟିକୁ ଅନ୍ୟ ଢଙ୍ଗରେ କହିଥିଲେ ଚିକାଗୋ ଧର୍ମସଭାରେ-'Sectarianism, bigotry, and its horrible descendant, fanaticism, have long possessed this beautiful earth. They have filled the earth with violence, drenched it often and often with human blood, destroyed civilization and sent whole nations to despair. Had it not been for these horrible demons, human society would be far more advanced than it is now.'

ଏଭଳି ଧର୍ମାନ୍ଧମାନଙ୍କୁ ବୁଝାଇବା ବା ବାଟକୁ ଆଣିବା ଆଦୌ ସହଜ ନୁହେଁ, କାହିଁକି ନା ସେମାନଙ୍କର ମସ୍ତିଷ୍କ କାଳ୍ପନିକ ଧାର୍ମିକ ତତ୍ତ୍ୱ ଓ ବିଷାକ୍ତରେ ପରିପୂର୍ଣ୍ଣ। ସ୍ୱତନ୍ତ୍ର, ଆତଙ୍କବାଦୀଙ୍କର ଗୋଟିଏ ଧର୍ମ ଅଛି, ଯାହାକୁ ଆମେ ଅସ୍ୱୀକାର କରି ପାରିବାନି। ଆମ ଭାଗବତରେ ଲେଖା ହୋଇଛି- 'ସର୍ପ କୁଳରେ କଳି ଜାତ, ସ୍ୱଭାବ ଛାଡ଼ିବି କେମନ୍ତ! ଆତଙ୍କବାଦୀ ହିଁ ବିଷଧର ସର୍ପ, ଯାହାର ଧର୍ମ ହେଉଛି ନରସଂହାର। କଠୋର ଶାସ୍ତି ହିଁ କେବଳ ଭାଙ୍ଗି ପାରିବ ସେମାନଙ୍କର ବିଷଦାନ୍ତ।

# ବାଲ୍ୟ ବିବାହ ଅନୁଚିନ୍ତା

ବାଲ୍ୟ ବିବାହ ଭାରତ ସମେତ ବିଶ୍ୱରେ ଅନେକ ଦେଶରେ ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ଯଦିଓ ବିଶ୍ୱ ଦ୍ରୁତ ଗତିରେ ବିକାଶର ପଥକୁ ଗ୍ରହଣ କରି ଚାଲିଛି, ତଥାପି କିଛି ଦେଶ ବା ରାଜ୍ୟ ଅଛି, ଯେଉଁଠି ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏହା ଏକ ପରିତାପର ବିଷୟ ଯେ ଆମ ଦେଶ ବାଲ୍ୟ ବିବାହର ଅନ୍ଧକାରରୁ ଏ ପର୍ଯ୍ୟନ୍ତ ମୁକ୍ତ ହୋଇ ପାରିନି। ଆସନ୍ତୁ, ବାଲ୍ୟ ବିବାହର ନିରୂପିତ ସଂଜ୍ଞା ସମ୍ପର୍କରେ ଆଲୋଚନା କରିବା। ସାଧାରଣତଃ ୧୮ ବର୍ଷ ତଳକୁ କୌଣସି ନାବାଳକ ବା ନାବାଳିକା ତା'ର ସମ୍ମତି ସହ ବା ବିନା ସମ୍ମତିରେ ଫର୍ମାଲ ବା ଇନଫର୍ମାଲ ବ୍ୟବସ୍ଥାରେ ବିବାହ କାର୍ଯ୍ୟ ସମ୍ପନ୍ନ କରିବାକୁ ବାଲ୍ୟ ବିବାହର ଆଖ୍ୟା ଦିଆଯାଇଥାଏ। ଏ ପ୍ରକାର ବ୍ୟବସ୍ଥାରେ ପୁରୁଷ ଲୋକଟି ବାଳିକାଠାରୁ ବୟସରେ ବଡ଼ ହୋଇଥାଏ। କିଛି କ୍ଷେତ୍ରରେ ଗୋଟିଏ ପୁରୁଷ ଶିଶୁ ସହିତ ଅନ୍ୟ ଗୋଟିଏ ମହିଳା ଶିଶୁ ମଧ୍ୟରେ ବିବାହ କରିଦିଆଯାଏ, ଯାହାକୁ ମଧ୍ୟ ଆମେ ବାଲ୍ୟ ବିବାହ ଭାବେ ବିଚାର କରିଥାଉ।



ଯଚିଦାନନ୍ଦ ଦାଶ

ଏକ ସକାରାତ୍ମକ ଦୃଷ୍ଟିରୁ ଚିନ୍ତା କଲେ ଜଣାଯାଏ ଯେ ବାଲ୍ୟ ବିବାହ ଏକ ଶିଶୁର ଅଧିକାରକୁ କ୍ଷୁଣ୍ଣ କରିବା ସଙ୍ଗେ ସଙ୍ଗେ ଶିଶୁଟିକୁ ଉତ୍ପୀଡ଼ନର ଶିକାର ବନେଇ ଥାଏ। ବାଲ୍ୟ ବିବାହକୁ ନେଇ ଆମ ରାଜ୍ୟ ଓଡ଼ିଶାରେ ପରିସ୍ଥିତି ଶୋଚନୀୟ କହିଲେ ଅତ୍ୟୁକ୍ତି ହେବନାହିଁ। ଆମ ରାଜ୍ୟରେ ବାଲ୍ୟ ବିବାହ ନିରୋଧ ଆଇନ ୨୦୦୬ ମସିହାରେ ପ୍ରଣୟନ କରାଯାଇଥିଲେ ସୁଦ୍ଧା ନାବାଳିକାଙ୍କ ଇଚ୍ଛା ବିରୋଧରେ ସେମାନଙ୍କର ଅଧିକାରକୁ କ୍ଷୁଣ୍ଣ କରି ବିବାହ ବନ୍ଧନରେ ବାନ୍ଧି ଦିଆଯାଉଛି, ଯାହା ଏକ ଉଦ୍‌ବେଗଜନକ ବିଷୟ। ସରକାରୀ ତଥ୍ୟ ଅନୁସାରେ ଗତ ୬ ବର୍ଷରେ ରାଜ୍ୟରେ ୮୧୫୯ଟି ବାଲ୍ୟ ବିବାହ ସମ୍ପନ୍ନ ହୋଇଛି ଏବଂ ସେହି ସମୟରୁ ସେମାନେ ସେମାନଙ୍କର ନ୍ୟାଯ୍ୟ ଅଧିକାର ହରାଇଛନ୍ତି। ସେଥି ମଧ୍ୟରୁ ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ୧୩୪୭ଟି ବାଲ୍ୟ ବିବାହ ସମ୍ପନ୍ନ ହୋଇଛି। ଦ୍ୱିତୀୟରେ ଗଞ୍ଜାମରେ ୯୬୬ଟି, କୋରାପୁଟରେ ୬୩୬ଟି, ମୟୂରଭଞ୍ଜରେ ୫୯୪ଟି, ରାୟଗଡ଼ାରେ ୪୦୮ଟି, କେନ୍ଦୁଝରରେ ୩୨୮ଟି, ବାଲେଶ୍ୱରରେ ୩୧୬ଟି, କଟକରେ ୧୫୪ଟି, ଖୋର୍ଦ୍ଧାରେ ୧୧୦ଟି ବାଲ୍ୟ ବିବାହ ସମ୍ପନ୍ନ ହୋଇଥିବା ତଥ୍ୟ ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବହୁଳ ଭାବରେ ବାଲ୍ୟ ବିବାହ ସମ୍ପନ୍ନ ହେବାର ଦେଖାଯାଇଛି।

ଆସନ୍ତୁ ବାଲ୍ୟ ବିବାହର କିଛି କାରଣ ଓ ସମାଜ ଉପରେ ଏହାର ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିବା। ସବୁଠାରୁ ସାଧାରଣ କାରଣ ହେଲା, ଲୋକମାନଙ୍କ ମନରେ ପୁରାତନ ପ୍ରଥାଭିତ୍ତିକ କୁସଂସ୍କାର ବାନ୍ଧି ହୋଇ ରହିଛି। ବିଶେଷତଃ ଜନଜାତି ଓ ଆଦିବାସୀ ସମ୍ପ୍ରଦାୟ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କ ମନରେ ଏପରି ଏକ ଭାବନା ବା ମାନସିକତା ରହିଥାଏ ଯେ ପରିବାରରେ ଝିଅଟିଏ ଜନ୍ମ ହେଲେ ତାକୁ ବାହା କରି ବର ଘରକୁ ବିଦା କରିବାକୁ ପଡ଼ିବ।

ଏ ପ୍ରକାର କୁସଂସ୍କାରିତ ଭାବନା ଓ ବ୍ୟଗ୍ରତା ପରିବାରର ମୁଖିଆକୁ ବାଧ କରିଥାଏ କନ୍ୟା ଶିଶୁଟିକୁ ବାଲ୍ୟକାଳରେ ବିବାହ ବନ୍ଧନରେ ବାନ୍ଧିଦେବା ପାଇଁ। ସତେ ଯେମିତି କନ୍ୟାଟି ତା' ନିଜ ଘରର ସମ୍ବଳ ନ ହୋଇ ପରଘରର ସମ୍ବଳ ଅଟେ! ଦ୍ୱିତୀୟରେ, ଦାରିଦ୍ର୍ୟର ତାଡ଼ନା, ବିଶେଷତଃ ଯୌତୁକ ଚାପ ଲୋକଟିକୁ ବାଧ କରିଥାଏ ନିଜର ଶିଶୁଟିର ବାଲ୍ୟ ବିବାହ ପଥକୁ ବାଛି ନେବା ପାଇଁ। ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଲୋକଟି ତା'ର ଅର୍ଥ ଅଭାବରୁ କନ୍ୟା ସନ୍ତାନକୁ ଉପଯୁକ୍ତ ଶିକ୍ଷା ଦେଇ ପାରେନା କି ଶିଶୁର ସ୍ୱାସ୍ଥ୍ୟର ଯତ୍ନ ମଧ୍ୟ ନେଇ ପାରେନା। ଶିକ୍ଷା ଓ ସଂସ୍କାରର ଅଭାବରୁ ପରିବାରର ମୁଖିଆଟି ନାବାଳକ ହେଉ ବା ନାବାଳିକା, ତାକୁ ବାଲ୍ୟ ବିବାହର ଶିକାର କରାଇ ଦିଏ। କାରଣ ପରିବାରର ସଦସ୍ୟ ସଂଖ୍ୟା ବଢ଼ିଲେ ସେମାନଙ୍କୁ ବିଭିନ୍ନ କର୍ମରେ, ଯଥା ଶ୍ରମ କାର୍ଯ୍ୟ ବା ପରିବାରର ଭରଣପୋଷଣରେ ଲଗାଇ ଅର୍ଥ ଉପାର୍ଜନର ବାଟ ତିଆରି କରିଥାନ୍ତି। ନାବାଳିକାଟି ପରିବାରର ଘରକରଣା କାମରେ ନିୟୋଜିତ ହୋଇଯାଏ। ଫଳରେ ଖେଳିବା ଓ ପଢ଼ିବା ଆଦିର ସ୍ୱାଧୀନତା ପିଲାଙ୍କ ପାଖରୁ ଦୂରେଇ ଯାଏ। ବାଲ୍ୟ ବିବାହର କାଳିମା ଘୋଟିବା ଫଳରେ ନିରୀହ ନାବାଳିକାଟି ଖୁବ୍ କମ୍ ବୟସରେ ଗର୍ଭବତୀ ହେବା ଫଳରେ ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହେ ନାହିଁ। ବରଂ ଶରୀର ପ୍ରତି ଏହା କ୍ଷତିକାରକ ହୋଇଥାଏ।

ବର୍ତ୍ତମାନ ସ୍ଥିତିରେ ବାଲ୍ୟ ବିବାହ ସଂପୂର୍ଣ୍ଣ ବନ୍ଦ କରିବାର ସମୟ ଆସିଛି। ସେଥିପାଇଁ ଆମ ସମସ୍ତଙ୍କୁ ଉଲ୍ଲିଖିତ ଉପାୟମାନ ଅବଲମ୍ବନ କରିବାକୁ ପଡ଼ିବ: ୧) ପ୍ରଥମ କଥା ହେଉଛି, ଲୋକଙ୍କ ମଧ୍ୟରେ ବାଲ୍ୟ ବିବାହର ଅପକାରିତା ଓ ଖରାପ ପ୍ରଭାବର ସଚେତନତା ସୃଷ୍ଟି କରିବା ଦରକାର। ଏ ସଚେତନତା କାର୍ଯ୍ୟକ୍ରମ ବିଶେଷତଃ ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ସଂଘର ସଦସ୍ୟ, ସରକାରଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀମାନଙ୍କ ଦ୍ୱାରା କରାଯିବା ଉଚିତ। ଅନୁନ୍ନତ ଲୋକମାନଙ୍କୁ ବାଲ୍ୟ ବିବାହର ଆଇନ ସମ୍ବନ୍ଧରେ ଅବଗତ କରାଯିବା ଉଚିତ। ଫଳରେ ସେମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେବ। ବାଲ୍ୟ ବିବାହର ସୂଚନା କୌଣସି ଜାଗାରେ ମିଳିବା ସଙ୍ଗେ ସଙ୍ଗେ ପୁଲିସ ନତୁବା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କୁ ଜଣାଇବା ଉଚିତ। ଆମ ସରକାର ଏବେ ପଞ୍ଚାୟତ ସମ୍ପ୍ରସାରଣ ଅଫିସର ଓ ଶିକ୍ଷକମାନଙ୍କୁ ବାଲ୍ୟ ବିବାହ ନିରୋଧ କରିବାର ଦାୟିତ୍ୱ ପ୍ରଦାନ କରିଛନ୍ତି।

ଦ୍ୱିତୀୟରେ, ଗରିବ ଶ୍ରେଣୀର ଲୋକଙ୍କ ପିଲାମାନଙ୍କୁ ଶିକ୍ଷାର ମାନ ସମ୍ବନ୍ଧରେ ଅବଗତ କରାଯିବା ଉଚିତ। ଶିକ୍ଷା ସହିତ ସଂସ୍କାରର ନୀତି ନିୟମ ମଧ୍ୟ ଶିକ୍ଷା ଦିଆଯିବା ଉଚିତ। ସେଥିପାଇଁ ସ୍ୱତନ୍ତ୍ର ଶିକ୍ଷା ଅଭିଯାନ ଯୋଜନାମାନ ପ୍ରଣୟନ କରାଯାଇ ନାବାଳିକା ଓ ନାବାଳକମାନଙ୍କୁ ଶିକ୍ଷାଦାନ କରାଯିବା ଉଚିତ। ପାଠ୍ୟପୁସ୍ତକ ଶିକ୍ଷା ଛଡ଼ା ବାଲ୍ୟ ବିବାହରେ ସଂଶ୍ଳିଷ୍ଟ ପିଲାମାନଙ୍କୁ ଯୌନ ଶିକ୍ଷା ମଧ୍ୟ ଦିଆଯିବା ଉଚିତ। ଫଳରେ ବାଲ୍ୟ ଅବସ୍ଥାରେ ବିବାହର ଶାରୀରିକ ଓ ମାନସିକ ଭୟାବହତା ସମ୍ବନ୍ଧରେ ସେମାନେ ଅବଗତ ହୋଇ ପାରିବେ।

ତୃତୀୟରେ, ଆମ ଦେଶର ସଂସ୍କୃତି ସମ୍ବନ୍ଧରେ ମଧ୍ୟ




ଶିକ୍ଷା ଦେବା ଉଚିତ। ସେମାନେ ନିଜକୁ ସଂସ୍କାରିତ କରି ରାଜ୍ୟର ସ୍ୱାଭିମାନ ସମ୍ବନ୍ଧରେ ଆସ୍ତେ ଆସ୍ତେ ଜ୍ଞାନ ଅର୍ଜନ କରି ପାରିବେ। କ୍ରୀଡ଼ା, ସଙ୍ଗୀତ ପରିବେଷଣ, ବହି ଓ ପତ୍ରପତ୍ରିକା ପଢ଼ିବା ଇତ୍ୟାଦି ସଂସ୍କାରଗୁଡ଼ିକ ସଠିକ୍ ଭାବେ ଶିକ୍ଷା ଦିଆଯିବା ଉଚିତ। ଶେଷରେ, ଆସନ୍ତୁ ବାଲ୍ୟ ବିବାହର କୁତ୍ସିତ ପରଦାକୁ ହଟାଇ ପ୍ରତ୍ୟେକ ମାନବର ଏକ ସୁସ୍ଥ ବୈବାହିକ ଓ ପାରିବାରିକ ଜୀବନ ଗଢ଼ିବା ପାଇଁ ଆପ୍ରାଣ ଉଦ୍ୟମ କରିବା।

ସିଡିଏ, କଟକ
ମୋ: ୭୦୦୮୬୫୦୬୯୩

# ଗିଭିଂ ବନାମ ଟେକିଂ

'ଆର୍ଟ ଅଫ ଗିଭିଂ'ର ଓଡ଼ିଆ ଭାଷାନ୍ତର 'ଦେବାରେ ଆନନ୍ଦ'। ମହାଭାରତୀୟ ସଂସ୍କୃତିରେ ଦେବାରେ ମହାନତା କଥା କୁହାଯାଇଛି। ସତରେ ଦେବାରେ ଆନନ୍ଦ ଥାଏ। ପୁରାଣ ଶାସ୍ତ୍ରରେ ବଳି, କର୍ଣ୍ଣ, ହରିଶ୍ଚନ୍ଦ୍ର ଆଦି ଦାନୀ ଚରିତ୍ରଙ୍କ କଥାର ବର୍ଣ୍ଣନା ରହିଛି। ଆଜିର ତାରିଖରେ ଦେବାର ମହତ୍ତ୍ୱ ବୁଝିଥିବା ଅନେକ ବ୍ୟକ୍ତି ଦେବା ପାଇଁ ଇଚ୍ଛା କରି ଲୋକଙ୍କ ଆବଶ୍ୟକତାକୁ ଆଖି ଆଗେ ରଖି ଶୀତ ଋତୁରେ କମ୍ବଳ, ଶୀତବସ୍ତ୍ର; ଗ୍ରୀଷ୍ମରେ ଛତା ଜୋତା; ବର୍ଷା ଋତୁରେ ବର୍ଷାତି, କେବେ କେବେ ଅନ୍ନଦାନର ବ୍ୟବସ୍ଥା କରିଥାନ୍ତି। କିଛି ସହୃଦୟ ବ୍ୟକ୍ତି ଗରିବ ଛାତ୍ରଙ୍କୁ ପୋଷାକ, ବହି, ଖାତା, କଲମ ଦେଇଥାନ୍ତି। ଆଉ କେହି ତାଙ୍କ ଜନ୍ମଦିନରେ ଅତିଥିଙ୍କୁ ନିମନ୍ତ୍ରଣ କରି ଖାଇବାକୁ ଦିଅନ୍ତି। ପୁସ୍ତକ ପ୍ରୀତି ଉପହାର ଦିଅନ୍ତି। ଗଛ ଉପହାର ଦେବାର ଧାରା ବି ଧରନ୍ତି। ପିଲାଙ୍କୁ ଅନୁପ୍ରାଣିତ କରିବା ପାଇଁ ପିଲାଙ୍କ ଆଗରେ ଅନ୍ୟକୁ ବହି ଦେବା, ଗଛ ଚାରା ବାଣ୍ଟିବା ଚାହିଁ। ପିଲାଏ ଦେଖି ପ୍ରଭାବିତ ହୋଇ ପାରନ୍ତି ଭଲ ଧାରା ଧରିବା ପାଇଁ।



ଧ୍ରୁବ ଚରଣ ଘିବେଲା

ସେମିତି ଜ୍ଞାନ ଦେବାରେ, ଜ୍ଞାନ ବାଣ୍ଟିବାରେ ଯେଉଁ ଆନନ୍ଦ ଆତ୍ମସନ୍ତୋଷ ମିଳେ, ତା'ର ମୂଲ୍ୟାୟନ କରାଯାଇ ନପାରେ। ଶିକ୍ଷକଙ୍କ କାମ ଜ୍ଞାନ ବାଣ୍ଟିବା। ଜ୍ଞାନ ଦାନ କରିବା। ଜ୍ଞାନ ବାଣ୍ଟିଲେ ପୁଣି ସରେ ନାହିଁ। ବରଂ ବଢ଼େ। ଧନ ବାଣ୍ଟିଲେ ସରେ। ବସି ଖାଇଲେ ସେମିତି ଧନ ସରେ। ଅତୀତରେ ଦାନ ଧର୍ମ ଉପରେ ପ୍ରଗାଢ଼ ଆସ୍ଥା। ବିଶ୍ୱାସ ରଖି ଲୋକେ ଦାନ ମାଧ୍ୟମରେ ଧର୍ମ ଅର୍ଜନ ବିଚାର ରଖି 'ଦେବା'ର ଧାରା ଧରୁଥିଲେ। ଦେବା ଧାରାରେ ରହୁଥିଲେ। ଦେଉଥିଲେ ଅନ୍ୟକୁ। ଗ୍ରହୀତାଙ୍କୁ। ଦାତା ଦିଏ। ଗ୍ରହୀତା ନିଏ। ଦାତା ଦାନ କରେ। ଗ୍ରହୀତା ଗ୍ରହଣ କରେ। ଦାନର ବସ୍ତୁ ଜମି ଭୂମି, ବସ୍ତ୍ର, ଖାଦ୍ୟ, ଧନ, ଗାଈ, କନ୍ୟା, ରକ୍ତ, ବିଭିନ୍ନ ଅଙ୍ଗ- ଏମିତି ଅନେକ କିଛି ହୋଇପାରେ। ଦାତା- ଯେ ଦିଏ, ତାଙ୍କ ହାତ ଉପରେ ରହେ। ଗ୍ରହୀତାଙ୍କ ହାତ ସବୁବେଳେ ତଳେ; ତଳେଇ ରହେ। ତେବେ ଉପରୁ ଦିଆଯାଏ। ତଳେଇ ନିଆଯାଏ। ତେଣୁ ଦାତା ଶ୍ରେଷ୍ଠ। ଯାହା ହେଲେ ବି ଗ୍ରହୀତାଙ୍କ ସ୍ଥାନ ଦାତାଙ୍କ ତଳେ ରହେ। ଭଗବାନ ରାମଙ୍କ ପିତା ଦଶରଥ କନ୍ୟା ସୀତାଙ୍କ ପିତା ଜନକଙ୍କୁ ହାତ ଯୋଡ଼ି ସମ୍ମାନ ଦେଖାଇବାରୁ ଜନକ ବିନମ୍ରତାର ସହିତ କହିଥିଲେ, ଆପଣ ବର ପିତା ହିସାବରେ ସମ୍ମାନ ପାଇବାଯୋଗ୍ୟ। ଜନକଙ୍କୁ ଶୁଣି ଦଶରଥ ଯେଉଁ ଉତ୍ତର ରଖିଥିଲେ, ତାହା ପ୍ରଣିଧାନଯୋଗ୍ୟ। ଦଶରଥ ଜନକଙ୍କ ଉଦ୍ଦେଶ୍ୟରେ କହିଥିଲେ, ଆପଣ କନ୍ୟାପିତା। ଆପଣ କନ୍ୟାଦାତା। ଦାତାଙ୍କ ସ୍ଥାନ ଗ୍ରହୀତାଙ୍କ ଊର୍ଦ୍ଧ୍ୱରେ। ମୁଁ ନିମିତ୍ତ ଗ୍ରହୀତା ମାତ୍ର। ଏଥିରୁ ଦଶରଥଙ୍କ ଉଦାରତା ଓ ମହାନତା ହୁଏ ଅନୁମିତ।

ତେବେ ଆଜିର ଦିନରେ ଆଗ ତୁଳନାରେ ଦେବା ଧାରା କମୁଛି, କମିଛି। ତଥାପି କିଏ, କ'ଣ, କାହାକୁ, କେଉଁଠି ଦେଉଥିଲେ ଯାହା କିଛି, ତା'ର ପ୍ରସାର ପ୍ରଚାର ପାଇଁ ଆଜିକାଲି ଆଗୁଆ ବ୍ୟବସ୍ଥା କରାଯାଉଛି। ଦେବାଠୁ ନାଆଁ ନେବା ମାନସିକତା କାମ କରେ ବେଶୀ। ଟିଭିବାଲା, ଖବରକାଗଜବାଲା ଆଗରୁ ସେଠି ମହଜୁଦ ଥାଆନ୍ତି ଦେବା ନେବା ପ୍ରକ୍ରିୟା ଦେଖିବା ପାଇଁ। ଫଟୋ ଉଠାଇବା ପାଇଁ। ସମ୍ବାଦ ପରିବେଷଣ କରିବା ପାଇଁ। ଦେବାର ଡିଣ୍ଡିମ ପିଟା ଚାଲେ ଯେମିତି! 'ଦିଅନ୍ତି କମ୍, ନାଆଁ ନିଅନ୍ତି ଜହଁ'; ସେ ପ୍ରକାରେ ବି ଅନେକ କାମ କରନ୍ତି। ଅବଶ୍ୟ ରକ୍ତଦାନ, ବୃକ୍ଷ ରୋପଣ ଭଳି ଭଲ ଭଲ କାର୍ଯ୍ୟକ୍ରମ ସବୁଠି ଚାଲେ, ଚାଲିଛି, ଚାଲୁ ରହିଛି। ଶ୍ରମଦାନ କରିବାରେ ବି ଥାଏ ମହତପଣିଆ। ଯେ କୌଣସି ମହତ କାମ ପାଇଁ ସମୟ ଦେବା ଆଜି ପାଇଁ ବଡ଼କଥା। କାରଣ, ଆଜିକାଲି ଯାହାକୁ ଯଦି କହିବେ, ଆଜ୍ଞା ଆମେ ଏଇଆ ସେଇଆ କରୁଛୁ; ଆପଣ ଟିକେ ଦୟାକରି ଆସିବେ। ସେଇ ସ୍ଥିତିରେ ଆପଣ ସାଙ୍ଗେ ସାଙ୍ଗେ ଉତ୍ତର ଫେରି ପାଇବେ ଟାଇମ୍ ନାହିଁ। ସମୟ ନାହିଁ। ଏମିତି ଅନେକଙ୍କଠି ଆଜି ସମୟ ନଥାଏ। କୁଆଡ଼େ ସେ ସମୟ ଯାଏ କେଜାଣି! ଯାହାଠି ସମୟ ଥାଏ, ସେଇ ସେଇମାନେ ସମୟ ଦେଇ ଉପସ୍ଥିତ ରୁହନ୍ତି ଏଠି ସେଠି ବିଭିନ୍ନ କାର୍ଯ୍ୟକ୍ରମରେ। ସମୟ ଦେବାରେ କାର୍ପଣ୍ୟ ଦେଖାଉ ନଥିବା ଲୋକ ହିଁ ସମାଜ ପାଇଁ କିଛି କରି ପାରନ୍ତି। ସମୟ ସଚେତନ ରହି ଆଗୁଆ ସବୁଠି ପହଞ୍ଚିଥାନ୍ତି। ଯାହାକିଛି ଦେବା ପାଇଁ, ଯାହାକିଛି କାମରେ ରହିବା ପାଇଁ ମଧ୍ୟ ସମୟ ଦେବାକୁ ହୁଏ। ଦାତାର ସମୟ ବହୁତ ମୂଲ୍ୟବାନ। ଗ୍ରହୀତାକୁ ମଧ୍ୟ ସମୟ ବାହାର କରି ଦାନ ଗ୍ରହଣ କରିବା ପାଇଁ ଉପସ୍ଥିତ ହେବାକୁ ହୁଏ। ଆଜିକାଲି କେଉଁଠି କେଉଁଠି ପୁରସ୍କାର ଗ୍ରହଣ କରିବାକୁ



ନ ଆସି କେତେକ ଅନୁପସ୍ଥିତ ରହୁଥିବାର ଦେଖା ଯାଆନ୍ତି। ତା' ପଛର କାରଣ ବ୍ୟକ୍ତିଗତ ଅସୁବିଧା ଥାଇପାରେ। ନହେଲେ ତାଙ୍କଠି ସମୟ ନଥିବ।

ଅସଲକୁ ପୁରସ୍କାର ନେବା ପାଇଁ ଅନେକ ଧାଇଁଥାନ୍ତି। ପୁରସ୍କାର ଭଳି ସୁନାମ ଅର୍ଜନ ମଉକା ଯୋଡ଼ି ହୋଇଥିବା ଘଟଣାରେ ନାଁ ବିକଳିଆ ନିଶ୍ଚୟ ଉପସ୍ଥିତ ରୁହନ୍ତି। ପୁରସ୍କାର ନେଉ ନଥିବା ଲୋକଙ୍କ ସଂଖ୍ୟା ରହେ ନଗଣ୍ୟ। ନିହାତି କମ୍। ଆଜି ପୁରସ୍କାର ବିକଳିଆଙ୍କ ସଂଖ୍ୟା ଅନେକ। ପୁରସ୍କାର କଥା ଶୁଣିଲେ କେତେକଙ୍କଠି ଆଜିକାଲି ଲାଳ ବାହାରେ। ପୁରସ୍କାରମନସ୍କଙ୍କଠି ପୁରସ୍କାର ନେବା ମାନସିକତା 'ଆର୍ଟ ଅଫ୍ ଟେକିଂ'କୁ ପ୍ରୋତ୍ସାହିତ କରେ। ପୁରସ୍କାର ସମେତ ମାଗଣା ଖାଇବାରେ, ମାଗଣା ସୁଯୋଗ ହାତେଇବାରେ, ବିଭିନ୍ନ ମାଗଣା ଯୋଜନାର ହିତାଧିକାରୀ ହେବାରେ ନାହିଁ ନଥିବା ମାନସିକତା ଉଙ୍କାଏ ଅନେକଙ୍କଠି ପୁଣି ଆଜିର ଦିନରେ।

ନେବାରେ ଆନନ୍ଦ ଭାବ ଆଜିକାଲି ବେଶି ରହୁଥିବାରୁ ସବୁଠି ଦୁର୍ନୀତି ବଢ଼ି ଚାଲିଛି। ଅନେକ ସ୍ଥଳରେ ବାବୁମାନେ ନେଲେ (ଅତୀତର ପାନଖିଆ, ହାତଗୁଞ୍ଜା, ଅଣ୍ଟାଖୁଚା ଏବର ଉପୁରି- ଖୋଲାମେଲା ନାଆଁ ଲାଞ୍ଚ) କାମ କରନ୍ତି। ଯିଏ ଖାଲି ନିଏ, ନେଇ ଜାଣେ ସେ ଆଉ ଦେବାର ଧାର୍ ଧାରେନି। ଆଜିକାଲି ନେବା, ନେଉଥିବା, ନେଇ ଜାଣିଥିବା ଲୋକଙ୍କ ସଂଖ୍ୟା ବଢ଼ୁଛି। ଆଉ ଦେବା ଲୋକଙ୍କ ସଂଖ୍ୟା କମୁଛି। ସେଇ ନେଉଥିବା, ନେଇ ଜାଣିଥିବା ଲୋକ ଏବେ 'ଆର୍ଟ ଅଫ ଟେକିଂ' ଟେକ୍‌ନିକ୍‌କୁ ପ୍ରୋତ୍ସାହିତ କରନ୍ତି ଯେମିତି! ଯେଉଁଠିକି ଯାଅ, ସେଇଠି ଥାଆନ୍ତି ନିଶ୍ଚୟ ନେଲାବାଲା। କାମ ପାଇଁ ହଇରାଣ ହେଉଥିବା ଲୋକ ଭାବେ, ନେଲେ ନିଅ ପଛେ କାମଟା କରି ଦିଅ। ଏବର ନୀତି 'ନେଲେ ଦେଲେ ହୁଏ'। 'ନନେଲେ ନଦେଲେ ହୁଏନି'। ତେଣୁ ଏବେ ସବୁଠି ଚାଲିଛି 'ଟେକିଂ ଟେକ୍‌ନିକ୍'ର ସଫଳ ପ୍ରୟୋଗ। ସେଥିପାଇଁ ସବୁ ଟେକ୍ କରାଯାଇପାରେ। ନେଲା ଦରବ ଭିତରେ ସବୁଠୁ ପ୍ରିୟ ଥାଏ 'ଗାନ୍ଧୀମୁଣ୍ଡ ମାର୍କା କାଗଜ'। 'ଆର୍ଟ ଅଫ୍ ଟେକିଂ'ର ଚମକ ଚମତ୍କାର ହେଉଛି ଏହା ମାଧ୍ୟମରେ କାମ ସହଜରେ ହାତେଇ ହୁଏ। ଆଜିକାଲି ନେବାରେ ବ୍ୟଥା ନ ଥାଏ। ଦେବାରେ ବ୍ୟଥା ଥାଏ। ଛୋଟିଆ କଥାଟେ- ହୋଟେଲ ଦେଖାଇ କାହାକୁ 'ଆ ଦେବୁ' କହିଲେ ନ ଶୁଣିଲା ଭଳି ହେବେ/ ହୁଅନ୍ତି; 'ଆ ଖାଇବୁ' କହିଲେ ସହସା ଆସି ଯାଆନ୍ତି।

ଶେଷ କଥା- ଆର୍ଟ ଅଫ ଗିଭିଂ ଭଲ; ଏବେ ଚାଲିଛି ଆର୍ଟ ଅଫ ଟେକିଂର ଜମାନା। କିଏ ଦେଇ ପାଏ ଆନନ୍ଦ, କିଏ ନେଇ ହୁଏ ଏଠି ଖୁସି; ପୁଣି କୁତୁକୁତୁ ବେଶି। ନେଲା ବେଳେ ଭିଜିଲାନ୍ସ ହାତରେ ଦୈବାତ୍ ଧରା ପଡ଼ିଗଲେ ଟଙ୍ଗା ଯାଇଥିବା କଟା ଛେଳି ମୁଣ୍ଡର ଆଖି ଭଳି ଲାଞ୍ଚ ଗ୍ରହୀତାଙ୍କ ଆଖି ହୋଇଯାଏ ତରାଟି।

ବଉଦରାଜ, ଜି- ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ସମ୍ପାଦକଙ୍କୁ ପତ୍ର

# ଦୁଃଖଦ ଘଟଣାର ପ୍ରତିଧ୍ୱନି ଏବଂ ପହଲଗାମ୍‌ର ନିରବ ଲୁହ

ଜାମ୍ମୁ କାଶ୍ମୀରରେ କଥିତ 'ଜନସାଂଖ୍ୟିକୀୟ ପରିବର୍ତ୍ତନ'ର ପ୍ରତିଶୋଧ ନେବା ନାମରେ କାଶ୍ମୀରର ପହଲଗାମ୍ ନିକଟରେ ନିଷିଦ୍ଧ ଲସ୍କର-ଇ-ତାଇବା (ଏଲଇଟି)ର ଏକ ଛାୟା ଗୋଷ୍ଠୀ ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ) ଦ୍ୱାରା ୨୭ ଜଣ ପର୍ଯ୍ୟଟକଙ୍କ ହତ୍ୟା ଏବଂ ଏକ ଡଜନରୁ ଅଧିକ ଆହତ ହୋଇଥିବାରୁ ସମଗ୍ର ଦେଶ ସ୍ତବ୍ଧ ହୋଇଯାଇଥିଲା। ବିଶେଷକରି ଧାରା ୩୭୦ ଉଚ୍ଛେଦ ହେବା ପରେ ଏହି ସଂଗଠନ ସକ୍ରିୟ ହୋଇଛି। ଭାରତ ସରକାର ଏହା ପୂର୍ବରୁ ଜାଣିଛନ୍ତି ଯେ ଏହି ସଂଗଠନ ସକ୍ରିୟ ରହିଛି। ଧାରା ୩୭୦ ଉଚ୍ଛେଦ ହେବା ପରେ ଯାହା ବି ହୋଇଛି, ଏହି ସମସ୍ତ ଘଟଣା ପଛରେ ଏହି ସଂଗଠନର ହାତ ରହିଛି, ଅର୍ଥାତ୍ ଭାରତ ସରକାର, ଆମର ସୁରକ୍ଷା ବାହିନୀ ଏବଂ ସେନାର ୨୦୧୯ ପରଠାରୁ ଏହି ସଂଗଠନର ମୂଳୋତ୍ପାଟନ କରିବାରେ ବିଫଳ ହୋଇଛି। ପହଲଗାମ୍ ଘଟଣାରେ ଏହା ସ୍ପଷ୍ଟ ହୋଇଛି ଯେ ସେତେବେଳେ ମଧ୍ୟ ଟିଆରଏଫ୍ ଥିଲା, ୨୦୨୦ରେ ଟିଆରଏସ୍ ଥିଲା, ୨୧ରେ ଥିଲା, ୨୨ରେ ଥିଲା, ୨୩ ଓ ୨୪ରେ ଥିଲା ଏବଂ ଏବେ ୨୫ରେ ଏହି ଯନ୍ତ୍ରଣାଦାୟକ ଘଟଣାକୁ କାର୍ଯ୍ୟକାରୀ କରିଛି। ଅର୍ଥାତ୍, ଏହା ବିଶ୍ୱାସ କରିବାକୁ ହେବ ଯେ ସରକାର ଏହା ଜାଣିଥିବା ସତ୍ତ୍ୱେ ଏହି ସଂଗଠନକୁ ସମ୍ପୂର୍ଣ୍ଣ ରୂପେ ସମାପ୍ତ କରିବାରେ ବିଫଳ ହୋଇଛନ୍ତି। ଆମ ଦେଶର ଗଣତାନ୍ତ୍ରିକ ଚିନ୍ତାଧାରାର ଲୋକମାନେ ଏହି ବର୍ବରୋଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ଏହା ମଧ୍ୟ ପ୍ରମାଣ କରେ ଯେ ବିପୁଳ ସାମରିକ ସମାବେଶ ଏବଂ ସୁରକ୍ଷା ପଦକ୍ଷେପ ଦାବି କରିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାମ୍ମୁ କାଶ୍ମୀରରେ ନାଗରିକ ଜନସଂଖ୍ୟାର ସୁରକ୍ଷା ବିଫଳ ହୋଇଛି। ଏହି ସମୟରେ ସରକାର ଅତି ଶୀଘ୍ର ସମସ୍ତ ଶୋକସନ୍ତପ୍ତ ପରିବାର ଏବଂ ଆହତଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ ଏବଂ ପ୍ରଭାବିତ ପରିବାରଗୁଡ଼ିକର ଉପଯୁକ୍ତ ପୁନର୍ବାସ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। ଏହା ସହିତ ଏହି ଘୃଣ୍ୟ ଅପରାଧର ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବା ପାଇଁ କଠୋର ପଦକ୍ଷେପ ନେବାର ସୁବନ୍ଦୋବସ୍ତ ଅତି ଶୀଘ୍ର କରନ୍ତୁ। ଇତି ମଧ୍ୟରେ ୩୫ ବର୍ଷରେ ପ୍ରଥମ ଥର ପାଇଁ ଆତଙ୍କବାଦୀ ଆକ୍ରମଣର ପ୍ରତିବାଦରେ କାଶ୍ମୀର ଉପତ୍ୟକାରେ ବନ୍ଦ ପାଳନ କରାଯାଇଛି। ଚିତ୍ତାକର୍ଷକ କଥା ହେଉଛି, ଆଜି ପାଳନ କରାଯାଉଥିବା ବନ୍ଦକୁ ସମାଜର ସମସ୍ତ ବର୍ଗର ସଂଗଠନଗୁଡ଼ିକର ସମର୍ଥନ ରହିଛି। ପହଲଗାମ୍ ପର୍ଯ୍ୟଟନ ସ୍ଥଳରେ ଘଟିଥିବା ହତ୍ୟାକାଣ୍ଡକୁ ବିରୋଧ କରି ବନ୍ଦ ଡାକରା ଦିଆଯାଇଛି। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଏହି ହୃଦୟବିଦାରକ ଘଟଣା କେବଳ ସୁରକ୍ଷାରେ ବିଫଳତା ହେତୁ ଘଟିଥିଲା। ଏଥି ପାଇଁ ଦାୟୀ କିଏ?

ଅସିତ ମହାନ୍ତି
ସୁଜନପୁର, ଯାଜପୁର

ନିତିଦିନ NITIDIN





# ଜଳସେବା କେନ୍ଦ୍ର ଉଦ୍‌ଘାଟିତ




**ପାରାଦୀପ,୨୬/୪/ଏନ୍‌ଏନ୍‌ଏସ୍:** ପାରାଦୀପ ସହରର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ହେଉଛି ବଡ଼ପଡ଼ିଆ ମାର୍କେଟ। ପାରାଦୀପ ବନ୍ଦରକୁ ପ୍ରତିଦିନ ଶହ ଶହ ଲୋକ ଆସିଥାନ୍ତି। ପାରାଦୀପ ସହରାଞ୍ଚଳ ବ୍ୟତିତ ପାରାଦୀପର ବିଭିନ୍ନ ଶିଳ୍ପ ସଂସ୍ଥାରେ ରହୁଥିବା ଲୋକମାନେ ବଡ଼ପଡ଼ିଆ ମାର୍କେଟକୁ ଆସିଥାନ୍ତି। ବଡ଼ପଡ଼ିଆରେ ରହିଛି ବିଭିନ୍ନ ବ୍ୟାଙ୍କ, ପାରାଦୀପ ଥାନା, ସ୍କୁଲ, କଲେଜକୁ ପ୍ରତିଦିନ ବହୁ ଲୋକଙ୍କ ସମେତ ଛାତ୍ରଛାତ୍ରୀମାନେ ଆସିଥାନ୍ତି । ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଥିବାରୁ ଶୋଷ ମେଣ୍ଟାଇବା ପାଇଁ ପାନୀୟଜଳର ଆବଶ୍ୟକତା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରସ୍ତୁତ ଟ୍ରଷ୍ଟ ପକ୍ଷରୁ ପାରାଦୀପ ବନ୍ଦର ଚିକିତ୍ସାଳୟ ସମ୍ମୁଖରେ ଏକ ଜଳସେବା କେନ୍ଦ୍ର ଶନିବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ପାରାଦୀପର ନୋଟାରୀ ପବ୍ଲିକ୍ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଜଳସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଆଇନ୍‌ଜୀବୀ ଦେବବ୍ରତ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଭଗବାନ ସ୍ୱାଇଁ, ସଭାପତି ମିଳନ କୁମାର ସାହାଣୀ, ସାଗର କୁମାର ବିଶ୍ୱାଳ, ବିଜୟ ବେହେରା, ପ୍ରସନ୍ନ ପରିଡ଼ା, ପ୍ରଭାତ କୁମାର ଜେନା, ସଞ୍ଜୟ କୁମାର ସ୍ୱାଇଁ, ତାପସ କୁମାର ଲେଙ୍କା, ଜୀବନ ସାମନ୍ତରାୟ ପ୍ରମୁଖ ଏହି ଜଳସେବା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଉଦ୍ୟମ କରିଥିଲେ। ଟ୍ରଷ୍ଟର ଏହି ଜନମଙ୍ଗଳକାରୀ କାର୍ଯ୍ୟକ୍ରମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ଟ୍ରଷ୍ଟ ଏହିଭଳି ଜନମଙ୍ଗଳକାରୀ କାର୍ଯ୍ୟରେ ବ୍ରତୀ ରହିବ ବୋଲି ଟ୍ରଷ୍ଟର ସଭାପତି ମିଳନ କୁମାର ସାହାଣୀ, ସାଗର କୁମାର ବିଶ୍ୱାଳ କହିଛନ୍ତି।

## ହେରୋଇନ୍ ଜବତ, ଜଣେ ଗିରଫ



**ତାଳଚେର,୨୬/୪/ଏନ୍‌ଏନ୍‌ଏସ୍:** ୬୮ଗ୍ରାମର ହେରୋଇନ୍ ଜବତ। ଜଣେ ଗିରଫ। ତାଳଚେର ଟାଉନ ଥାନା ଠାରୁ ମାତ୍ର ୨କିମି ଦୂରରେ ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ତାଳଚେର ଅଙ୍ଗାରୁଆ ଶନିବାର ସାପ୍ତାହିକ ହାଟ ପଡ଼ିଆ ମଧ୍ୟରୁ ୬୮ଗ୍ରାମର ହେରୋଇନ୍, ୭୫ହଜାର ଟଙ୍କାର ଏକ ଭିଭୋ ସ୍ମାର୍ଟଫୋନ୍, ବ୍ୟବହୃତ ହିରୋ ଏଚ୍‌ଏଫ୍ ଡିଲକ୍ସ ମୋଟର ସାଇକେଲ୍ ନଂ-ଓଡି୧୯ଡବ୍ଲୁ- ୨୮୭୫କୁ ଜବତ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ, କୋଲିୟରୀ ଥାନା ଅନ୍ତର୍ଗତ ବଗାଧର କଲୋନୀର ନନ୍ଦ ଗାଇପାଇ (୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ସୂତ୍ରରୁ ଜଣାପଡ଼ିଛି। ଏହି ଚଢ଼ାଉରେ ତାଳଚେର ଅବକାରୀ ଥାନା ଅଧିକାରୀ ହଟିଆ ବେହେରା, ଏସ୍‌ଆଇ ମାନସରଞ୍ଜନ ପ୍ରଧାନ, ସରୋଜ ସାହୁ, ପପୁନ୍ କୁମାର ପ୍ରଧାନ, ଗୌରୀ ଓରାମ୍ ସାମିଲଥିଲେ। ଜବତ ହୋଇଥିବା ହେରୋଇନ୍‌ର ଆନୁମାନିକ ମୂଲ୍ୟ ପ୍ରାୟ ୬ଲକ୍ଷ ୮୦ହଜାର ଟଙ୍କା ହେବ। ତେବେ କଳାହୀରା ସହର ତାଳଚେର ନଗରୀରେ ଏମିତି କେତେ ଲୁଚିଛପି ମାରାତ୍ମକ ନିଶା କାରବାର ଚଳାଇ ନିଜର କଳାସାମରାଜ୍ୟ ବିସ୍ତାର କରି ଚାଲିଛନ୍ତି ଯଦି ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖି ସେମାନଙ୍କୁ କାବୁ କରାଯାଆନ୍ତା ତେବେ ତାଳଚେର ଅଞ୍ଚଳରେ ଘଟୁଥିବା ଅପରାଧିକ କାର୍ଯ୍ୟକଳାପ ବହୁମାତ୍ରାରେ କମି ଯାଆନ୍ତା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ପହଲଗାମ୍ ଆକ୍ରମଣ ପ୍ରତିବାଦରେ ବିକ୍ଷୋଭ




**ଚଣ୍ଡିଖୋଲ,ବଡ଼ଚଣା,୨୬/୪/ଏନ୍‌ଏନ୍‌ଏସ୍:** ଗତ ୨୧ତାରିଖରେ କାଶ୍ମୀର ପହେଲଗାମ୍ ଠାରେ କେବଳ ହିନ୍ଦୁଧର୍ମୀଲୋକଙ୍କ ଉପରେ ଆତଙ୍କବାଦୀଙ୍କ ହମାଲା ଓ ହତ୍ୟା ଘଟଣାର ପ୍ରତିବାଦ କରି ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ବଡ଼ଚଣା ପ୍ରଖଣ୍ଡ ତରଫରୁ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ଚଣ୍ଡିଖୋଲ ଛକ ବୌଦ୍ଧ ମୂର୍ତ୍ତି ନିକଟରେ କରାଯାଇଥିଲା। ଏଥିରେ ଦେଶ ଦ୍ରୋହି ଆତଙ୍କବାଦୀଙ୍କ ବିରୋଧରେ ବିଭିନ୍ନ ପ୍ରକାର ନାରାବାଜି କରାଯିବା ସହ ପାକିସ୍ତାନ ପତାକାକୁ ପୋଡା ଯାଇଥିଲା। ଏବଂ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ବରିଷ୍ଠ ସଭ୍ୟ ଅକ୍ଷୟ ଗୋଛାୟତ,ବଡ଼ଚଣା ପ୍ରଖଣ୍ଡ ସଭାପତି ହେମଶ କୁମାର ଜେନା, ଜିଲ୍ଲା ବଜରଙ୍ଗଦଳ ପ୍ରମୁଖ କ୍ରିତୀ ରଞ୍ଜନ ରାଉତ, ପ୍ରଦୀପ ସାହୁ, ଅଶୋକ ସିଂ, ରାମଚନ୍ଦ୍ର ନାୟକ, ଶରତ ସାହୁ, ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଜିଲ୍ଲା ଯୁବ ସମ୍ପାଦକ ପ୍ରୀତମ ନାୟକ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ, ପ୍ରମୋଦ ଜେନା, ସମରେନ୍ଦ୍ର ମହାଲା, ସୁରେନ୍ଦ୍ର ସାମଲ, ମାନସ ରାଉତ, ପ୍ରୟାସ ଅନୁଷ୍ଠାନ ସମ୍ପାଦକ ଭାରତ ଭୂଷଣ ପଣ୍ଡା, ବସନ୍ତ ପଲାଇ, ବରିଷ୍ଠ ଆଇନଜୀବୀ ଦେବରାଜ ବେହେରା, ହେମନ୍ତ ମହାଲା, ଟ୍ରକ ମାଲିକ ସଂଘ ସମ୍ପାଦକ କ୍ରିତୀ ରଞ୍ଜନ ସ୍ୱାଇଁ, ପ୍ରମୁଖ ଯୋଗଦେଇଥିଲେ।

## ଆର୍ଥିକ ସଚେତନତା ଶିବିର




**ଗାନ୍ଦୋଳ,୨୬/୪/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ଗ୍ଲୋବାଲ ଏକାଡେମୀ ପରିସରରେ 'ମନି ୱାଇଜ୍' ସଂସ୍ଥା ପକ୍ଷରୁ ଏକାଡେମୀର ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ କାରବାର ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନିୱାଇଜ୍ ସଂସ୍ଥାର କେନ୍ଦ୍ରାପଡ଼ା କୋଡିନେଟର ଶୁଭଲକ୍ଷ୍ମୀ ମହାନ୍ତି, ଡେରାବିଶ ବ୍ଲକର ନିରୋଜ ନଳିନୀ ସାମଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆର୍ଥିକ ସଚେତନତା କରାଇଥିଲେ। ଯଥା ବ୍ୟାଙ୍କରେ ଜମାଖାତା ଖୋଲି ସେମାନଙ୍କର ସଞ୍ଚିତ ଅର୍ଥକୁ ସୁରକ୍ଷିତ ବ୍ୟାଙ୍କରେ ରଖିବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଅର୍ଥ ଜମା ରଖିବା, ଅଟଳ ପେନ୍‌ସନ୍ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଟଙ୍କା ରଖି ଲାଭବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ଏବେ ବହୁ ଠକ ଅନ୍‌ଲାଇନ୍ ଗେମ୍ ମାଧମରେ ଯୁବସମାଜକୁ ଆକୃଷ୍ଟ କରି ସେମାନଙ୍କ ଜମା ପୁଞ୍ଜି ଶେଷ କରିଦେଉଥିବା ବେଳେ ଅନ୍‌ଲାଇନ୍ ଗେମ୍ ନ ଖେଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ଲୋବାଲ ଏକାଡେମୀର ଚେୟାରମ୍ୟାନ ଦୁର୍ଗା ପ୍ରସାଦ ରଥ ପରିଚାଳନା କରିଥିବାବେଳେ ଶେଷରେ ଶିକ୍ଷକ ଶିବ ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗ୍ଲୋବାଲ ଏକାଡେମୀର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରୋଟାରୀ ଓ ଇନରହ୍ୱିଲ୍ କ୍ଲବ୍ ପକ୍ଷରୁ ନୀରବ ଶୋଭାଯାତ୍ରା



**ଧର୍ମଶାଳା,୨୬/୪/ଏନ୍‌ଏନ୍‌ଏସ୍:** କାଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ନିହତ ନିରୀହ ପର୍ଯ୍ୟଟକମାନଙ୍କ ପ୍ରତି ଜାରକା ରୋଟାରୀ ଓ ଇନରହ୍ୱିଲ୍ କ୍ଲବ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଜାରକା ରୋଟାରୀ ଓ ଇନରହ୍ୱିଲ୍‌ର ସଦସ୍ୟ/ସଦସ୍ୟାମାନେ ନରସଂହାର ପ୍ରତିବାଦରେ ନୀରବ ପ୍ରାର୍ଥନା କରିବା ସହ ହାତରେ ମହମବତୀ ଧରି ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରିଥିଲେ। ଏଥିସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଜାରକାର ସଭାପତି ରାଜେନ୍ଦ୍ର କୁମାର ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ରୋଟାରୀୟାନ୍ କଳାକର ମହାନ୍ତି, ସତ୍ୟାନନ୍ଦ ବରାଳ, ଅଜାମ୍ବର ସାହୁ, ଲକ୍ଷ୍ମୀକାନ୍ତଙ୍କ ଚ୍ୟାଉପଟ୍ଟନାୟକ, ନିରଞ୍ଜନ ପାଣିଗ୍ରାହୀ, ବିନୋଦ ବିହାରୀ ପରିଡ଼ା, ପ୍ରମୋଦ ସାମଲ,ସୁକାନ୍ତ ସ୍ୱାଇଁ,ଅମୁଲ୍ୟ ମହାରଣା,ଦୀପକ କୁମାର ଜେନା, ଦେବେନ୍ଦ୍ର ସାହୁ ଓ ଇନରହ୍ୱିଲ୍ କ୍ଲବର ସଭାପତି ରଶ୍ମିତା ନାୟକ, ଇନରହ୍ୱିଲ୍ କ୍ଲବ୍‌ର ପୂର୍ବତନ ସଭାପତି ମିନତୀ ସାହୁ, ଲୋପାମୁଦ୍ରା ଷଣ୍ଢ, ଇନ୍ଦୁପ୍ରଭା ସାମଲ, କଳ୍ପନା ପରିଡ଼ା, କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା, ବିଶ୍ୱରୁପା ସାହୁ, ଶୁଭଲକ୍ଷ୍ମୀ କର ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ



**କେନ୍ଦ୍ରାପଡ଼ା,୨୬/୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତିଭବନ ଠାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୫ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ପାଳନ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ପଟ୍ଟନାୟକଙ୍କ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଏଲ୍‌ଡିଏମ୍ ମନୋଜ କୁମାର ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ମାନସ ରଞ୍ଜନ ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ଏଡିଭିଓ ଡକ୍ଟର ମୃତ୍ୟୁଞ୍ଜୟ ମହାନ୍ତି, ଡକ୍ଟର ସ୍ମୃତିରଞ୍ଜନ ରାଉତ, ଡା. ନିର୍ମାଲ୍ୟ କୁମାର ପତି ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୨ ମାସ ଘାସ ଚାଷ ପାଇଁ ଏକର ପିଛା ୩୫ ହଜାର ଟଙ୍କା ସହାୟତା, ଘରେ ଘରେ ସବୁଜ ଗୋ ଖାଦ୍ୟ, ଦୁଧିଆଳି ଗାଈକୁ ଦୈନିକ ୧୦ ରୁ ୧୫ କେଜି ଘାସ ଖୁଆଇବା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୁଏ। କେନ୍ଦ୍ରାପଡ଼ା ଜିଲ୍ଲାରେ ମେଣ୍ଢାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ମେଣ୍ଢା ଥରକରେ ୩ଟି ଛୁଆ ଦେବାର ଶକ୍ତି ରଖନ୍ତି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ାର ଯଶୀପୁର ଗ୍ରାମର ଭ୍ରମଦିଆ ବାରିକଙ୍କୁ ଛେଳି ଚାଷ ଦୁହୁରିଆ କଷୋଟି ଗ୍ରାମର ସସ୍ମିତା ନାଥ ଶର୍ମାଙ୍କୁ ଗୋପାଳନ ପାଇଁ ମାର୍ଶାଘାଇ ହଟିଆର ସତ୍ୟଜିତ ବେହେରାଙ୍କୁ ବ୍ରଏଲର ଚାଷ ପାଇଁ ସମ୍ମାନୀତ କରାଯାଇଛି। ଏଥିସହିତ ଜିଲ୍ଲାର ଦୁଇଜଣ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ (ଏସ୍‌ଡିଭିଓ), ବିବେକାନନ୍ଦ ସାହୁ (ଏଡିଭିଓ)ଙ୍କୁ ସମ୍ମାନୀତ କରାଯାଇଛି। କାର୍ଯ୍ୟକ୍ରମରେ ଡକ୍ଟର ପ୍ରଭଞ୍ଜନ ରଞ୍ଜନ କବି ଧନ୍ୟବାଦ ଅର୍ପଣ କରିଥିବାବେଳେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ନିରୀକ୍ଷକ ଉପସ୍ଥିତ ଥିଲେ।

## ଭଙ୍ଗା କୁଡ଼ିଆରେ କଟୁଛି ସୁରେନ୍ଦ୍ରଙ୍କ ଜୀବନ

**କେନ୍ଦ୍ରାପଡ଼ା,୨୬/୪/ଏନ୍‌ଏନ୍‌ଏସ୍:** କନ୍ଦ୍ରାପଡ଼ା ଜିଲ୍ଲାରେ ବଡ଼ ବଡ଼ ଅଟ୍ଟାଳିକା ଥିଲାବାଲା ଓ ପଇସାବାଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କଡ଼ିଆ ହାତଉଥିବାବେଳେ ଗରିବ ଅସହାୟ ଦରିଦ୍ରଲୋକଙ୍କ ପାଇଁ ଯୋଜନା କାମରେ ଆସୁନଥିବା କିମ୍ବା ସୁଫଳ ମିଳୁନଥିବା ଦୈନିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେଉଛି। ଅଭିଯୋଗରୁ ପ୍ରକାଶ, କେନ୍ଦ୍ରାପଡ଼ା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଦୁତିଆଳ ଗ୍ରାମର ସୁରେନ୍ଦ୍ର ସାହୁ ଏକମାତ୍ର ରୋଜଗାର କ୍ଷମ ବୃଦ୍ଧ ଲୋକ। ଦୀର୍ଘ ୪୦ ବର୍ଷ ହେଲା ସେ ମାଟି କାନ୍ଥ, ଛିଣ୍ଡା ପାଲ ଓ ଜରି ଘୋଡ଼ାଇ ନିଜ କଡ଼ିଆଘରେ ଜୀବନ କାଟୁଛନ୍ତି। ଏ ନେଇ ସୁରେନ୍ଦ୍ର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଅଧ୍ୟକ୍ଷ, କେନ୍ଦ୍ରାପଡ଼ା ବିଡିଓ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ଖଣ୍ଡିଏ ମୋ କୁଡ଼ିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳୁନାହିଁ। ଯାହାଫଳରେ ସେ ଭଙ୍ଗାଘରେ ଜୀବନ କାଟୁଛନ୍ତି। ତୁରନ୍ତ ତାଙ୍କୁ ମୋ କଡ଼ିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବା ପାଇଁ ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।



## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ



**କେନ୍ଦ୍ରାପଡ଼ା,୨୬/୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିଦ୍ଧାଣୀ ତଥା ଉତ୍କଳ ମାଟିର ଅଗ୍ରଣୀୟ ବରପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ ତ୍ୟାଗ, ତୀତିକ୍ଷା ଓ ପ୍ରତିବଦ୍ଧତାକୁ ସ୍ମରଣ କରିବା ସହିତ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ସମାରୋହରେ ଅବସରପ୍ରାପ୍ତ ପ୍ରାଧାପକ ତପନ କୁମାର ପତ୍ରି, ପଟ୍ଟାମୁଣ୍ଡାଇ କଲେଜର ଅବସରପ୍ରାପ୍ତ ଅଧକ୍ଷ ଡା. ନୀଳମଣି ଲେଙ୍କା, ଗବେଷକ ଡା. ବାସୁଦେବ ଦାସ, ନିରଞ୍ଜନ ମେକାପ, ଡା. ବିରଜା ପ୍ରସାଦ ରାଉତରାୟ, ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଖଣ୍ଡ ବିଖଣ୍ଡିତ ଓଡିଶାକୁ ଏକ ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ପାରଳା ମହାରାଜା ୧୯୩୦ ମସିହା ନଭେମ୍ବର ୧୨ ତାରିଖ ଠାରୁ ୧୯୩୧ ମସିହା ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଲଣ୍ଡନ ଠାରେ ପ୍ରଥମ ଗୋଲ୍ଡ ଟେବୁଲ୍ ବୈଠକରେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାର ସିଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଅଧିକାରୀ ତ୍ରିଭୁବନ ଜୟ ସିଂ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ରାଜ୍ୟସ୍ତରୀୟ ରଘୁନାଥଜିଉ ପ୍ରତିଭା ଚୟନ



**କାମାକ୍ଷାନଗର,୨୬/୪/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହର ସ୍ଥିତ ସାରଙ୍ଗଧର ଷ୍ଟାଡିୟମ ଠାରେ ୨୬ ଓ ୨୭ ତାରଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ରଘୁନାଥଜିଉ ପ୍ରତିଭା ଚୟନ କାର୍ଯ୍ୟକ୍ରମ ପାଇଁ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମ ଅଡିଟୋରିୟମ ଠାରେ ଆୟୋଜିତ ଏହି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଅନୁଷ୍ଠାନିକ ଭାବେ ପ୍ରତିଭା ଚୟନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କାମାକ୍ଷାନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମେଜର ପ୍ରଭାତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ତିନୋଟି ବର୍ଗରେ ଲଘୁ ସଙ୍ଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ତବଲା ଏକକ ବାଦନ, ଆଧୁନିକ ନୃତ୍ୟ, ଦଳଗତ ନୃତ୍ୟ, ଚିତ୍ରାଙ୍କନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ରଘୁନାଥଜୀଉ ସଂଗୀତ ବିଦ୍ୟାଳୟର ଅଧ୍ୟକ୍ଷ ଗୋବର୍ଦ୍ଧନ ବାରିକ, ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର, ସଭ୍ୟ ବାପି ହୋତା, ସଞ୍ଜୟ ବେହେରା, ରାଧାମୋହନ ସାମଲ, ମାନସ ରଞ୍ଜନ ସାହୁ, ବିଜୟ ଦେହୁରୀ, ମନୋଜ ରାଉଳ, ଦାଶରଥି ବେହେରା ଓ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପରିଚାଳକ ସନ୍ତୋଷ ପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ହିଙ୍ଗୁଳା ଖଣି ବନ୍ଦ ଆନ୍ଦୋଳନ



**ତାଳଚେର,୨୬/୪/ଏନ୍‌ଏନ୍‌ଏସ୍:** ନିଯୁକ୍ତି, ଥଇଥାନ ତଥା କ୍ଷତିପୂରଣ ଆଦି ଦାବିନେଇ ତାଳଚେର ବ୍ଲକ ଗୋପାଳପ୍ରସାଦ ଗ୍ରାମବାସୀମାନଙ୍କ ପକ୍ଷରୁ ହିଙ୍ଗୁଳା କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯାଇଛି। ଆଜିସକାଳୁ ଶତାଧିକ ଗ୍ରାମବାସୀ ହିଙ୍ଗୁଳା କୋଇଲା ଖଣି, ଟାଇମ ଅଫିସ, କୋଇଲା ପରିବହନ ରାସ୍ତା ଆଦି ଅବରୋଧ କରିବାରୁ ଖଣିରୁ କୋଇଲା ଉତ୍ପାଦନ କାର୍ଯ୍ୟ ସଂପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ପ୍ରକାଶ, ଗୋପାଳପ୍ରସାଦ ତୃତୀୟ ପର୍ଯ୍ୟାୟ ଜମିହରା ପ୍ରଜାମାନଙ୍କର ୨୦୫ଟି ନିଯୁକ୍ତି ସମ୍ବନ୍ଧୀୟ ଫାଇଲକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଅନୁମୋଦନ କରିନାହାନ୍ତି। ପୂର୍ବରୁ ଏମ୍‌ସିଏଲ୍ ପକ୍ଷରୁ ଜମିହରା ପ୍ରଜାମାନଙ୍କୁ ଏହି ନିଯୁକ୍ତି ଦେବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ଦାବି ପୂରଣ କରାଯାଇନାହିଁ । ତାହାସହିତ ଜମିହରା ପ୍ରଜାମାନଙ୍କୁ ଜମିର ମୂଲ୍ୟ ନୂଆ ଦରରେ ନିର୍ଦ୍ଧାରଣ କରି କ୍ଷତିପୂରଣ ଦେବାପାଇଁ ଦାବି କରାଯାଇଥିଲା। ଖଣି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରି ସେମାନଙ୍କୁ ୨୦୦୪ ମସିହାର ଥଇଥାନ ଦର ଅନୁଯାୟୀ କ୍ଷତିପୂରଣ ରାଶି ନେବାକୁ ବାଧ କରାଯାଉଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଖଣି କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଜମିହରା ଗ୍ରାମବାସୀଙ୍କୁ ନିଯୁକ୍ତି, ଥଇଥାନ ଦେବାକୁ ଲିଖିତ ଚୁକ୍ତିନାମା କରିଥିଲେ ମଧ୍ୟ ଏହି ଚୁକ୍ତିନାମାକୁ ଖଣି କର୍ତ୍ତୃପକ୍ଷ ଅଣଦେଖା କରି ସେମାନଙ୍କୁ ପ୍ରତାରଣା କରୁଛନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ପ୍ରତିଶ୍ରୁତି ରକ୍ଷା କରିବାରେ ଖଣି କର୍ତ୍ତୃପକ୍ଷ ବାରମ୍ବାର ବିଫଳ ହେଉଥିବାରୁ ଗ୍ରାମବାସୀମାନେ ଏହି ଆନ୍ଦୋଳନ ଚଳାଇଛନ୍ତି । ଯଦିଓ ଜିଲ୍ଲାପାଳଙ୍କ ସମେତ ବହୁ ପ୍ରଶାସନ ଅଧିକାରୀ ଏହି ଆନ୍ଦୋଳନ ନ କରିବାକୁ ଗ୍ରାମବାସୀମାନଙ୍କୁ ଅନୁରୋଧ କରିଥିଲେ ବିସ୍ଥାପିତ ପ୍ରଜାମାନେ କୌଣସି କଥା ନ ଶୁଣି ଖଣି ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଶେଷରେ ପୁଲିସ୍ ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀ ଗ୍ରାମବାସୀଙ୍କୁ ଗିରଫ କରିବାରୁ ସେଠାରେ ଉତେଜନା ବୃଦ୍ଧି ପାଇଥିଲା। ଗୋପାଳପ୍ରସାଦ ଗ୍ରାମର ମହିଳାମାନେ ହିଙ୍ଗୁଳା କୋଇଲା ଖଣିର ବିଭିନ୍ନ ସ୍ଥାନକୁ ଯାଇ ପୁଣି ଅବରୋଧ କରିବାରୁ ଆନ୍ଦୋଳନ ଚାଲୁ ରହିଛି। ସମସ୍ୟାର ସମାଧାନ ନହେବା ଯାଏଁ ଖଣି ବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ଗ୍ରାମର ମହିଳାମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଦୁଷ୍କର୍ମ ପୀଡ଼ିତାଙ୍କ ପରିବାରଙ୍କୁ ଭେଟିଲେ ପୂର୍ବତନ ସାଂସଦ

**ହିନ୍ଦୋଳ,୨୬/୪/ଏନ୍‌ଏନ୍‌ଏସ୍:** ପୂର୍ବତନ ସାଂସଦ ବରିଷ୍ଠ ବିଜେଡି ନେତା ମହେଶ ସାହୁ ଆଜି ହିନ୍ଦୋଳ ଗସ୍ତରେ ଦୁଷ୍କର୍ମ, ହାତୀ ଆକ୍ରମଣରେ ମୃତ ଓ ଜଣେ ପରଲୋକଗତଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପ୍ରକାଶ, ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ହିନ୍ଦୋଳ ଉପଖଣ୍ଡର ଦୁଷ୍କର୍ମ ପୀଡ଼ିତା ନାବାଳିକା ଶିଶୁକୁ ବହୁ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ ସହ ଅନୁଗୋଳ ଜିଲ୍ଲା ଡାକ୍ତରଖାନରେ ଭେଟିବା ସହ ପୀଡ଼ିତା ମା'ଙ୍କୁ ଗାଁ'ରେ ଭେଟି ସମବେଦନା ଜଣାଇବା ସହ ଶିଶୁର ରକ୍ଷଣାବେକ୍ଷଣ, ପରିବାର ସୁରକ୍ଷା, ସରକାରୀ ଆର୍ଥିକ ସହାୟତା, ଶିକ୍ଷା ଓ ଉତ୍ତମ ଚିକିତ୍ସା ଏବଂ ଦୋଷୀକୁ କଠୋର ଦଣ୍ଡବିଧାନ ଦାବି କରିଛନ୍ତି। ଏଥିସହ ଶାସକଦଳର କୌଣସି ସାଂସଦ କିମ୍ବା ବିଧାୟକ/ବିଧାୟିକା ପୀଡ଼ିତା କିମ୍ବା ତାଙ୍କ ପରିବାରବର୍ଗଙ୍କୁ ନଭେଟିବାକୁ ନେଇ କଟୁ ସମାଲୋଚନା କରିବା ସହ କହିଛନ୍ତି ନିର୍ବାଚିତ ପ୍ରତିନିଧିମାନଙ୍କର ତିଳେମାତ୍ର ଅନୁଶୋଚନା କିମ୍ବା ଦରଦ ନାହିଁ। ଏଥିସହ ରାଜ୍ୟରେ ଏବଂ ହିନ୍ଦୋଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ମହିଳା ଶିଶୁଙ୍କୁ ସୁରକ୍ଷା ଦେବାରେ ବିଫଳତା ପାଇଁ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ଏଥିସହ ଗତକାଲି ସନ୍ଧ୍ୟାରେ ବମ୍ପାରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ସ୍ୱର୍ଗତା ସୁରତି ପ୍ରଧାନଙ୍କୁ ଗ୍ରାମ ସ୍ମଶାନରେ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରଙ୍କୁ ସମବେଦନା ଜଣାଇ ସୁରତିଙ୍କୁ ତୁରନ୍ତ ଉପଯୁକ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ ବନବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ହିନ୍ଦୋଳ ଏନ୍‌ଏସି ୱାର୍ଡନଂ୫ ଧୁନ୍ଦିନାଳୀ ଗ୍ରାମବାସିନ୍ଦା ଅତିରିକ୍ତ ତହସିଲଦାର ସୁମନ୍ତ ବେହେରାଙ୍କୁ ବାପା ସ୍ୱର୍ଗତ ଗତିକୃଷ୍ଣ ବେହେରାଙ୍କୁ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପୂର୍ବତନ ସାଂସଦଙ୍କ ସହ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରିୟ ରଞ୍ଜନ ମାହୁନ୍ତ, ପୂର୍ବତନ କାଉନସିଲର ଜିଲ୍ଲା ବିଜେଡି ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବି ପ୍ରସାଦ ପଟ୍ଟନାୟକ, ବିଜେଡି କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ର, ମଳୟ ଦାସ, ସାମ୍ବାଦିକ ପ୍ରଭାତ ରଞ୍ଜନ ପୃଷ୍ଟି, ସନ୍ତୋଷ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସମ୍ପତ୍ତି ଲୋଭରେ ପରିବାରର ୩ ସଦସ୍ୟଙ୍କୁ ଆକ୍ରମଣ

**ଜଟଣୀ,୨୬।୪/ଏନ୍ଏନ୍ଏସ୍:** ସମ୍ପତ୍ତି ଲୋଭରେ ନିଜର ସ୍ତ୍ରୀ ଓ ଦୁଇ ନାବାଳକ ପୁଅକୁ ମରଣାନ୍ତ ଆକ୍ରମଣ କରିଥିବା ଖବର ମିଳିଛି । ସୂଚନା ମୁତାବକ ଅଭିଯୁକ୍ତ ଅମୂଲ୍ୟ କୁମାର ସାହୁ ଦିଲ୍ଲୀରେ ରହି ଇଲେକ୍ଟ୍ରୋନିକ୍ସ ମେକାନିକ ଭାବେ କାର୍ଯ୍ୟକରନ୍ତି । ସେ ୨୦୦୮ ମସିହାରେ ଅନୁରାଧା ସାହୁଙ୍କୁ ବିବାହ କରିଥିଲେ । ବିବାହ ପରେ ପତ୍ନୀ ଅନୁରାଧା ସାହୁ ନିଜ ଦୁଇ ପୁତ୍ରସନ୍ତାନଙ୍କୁ ଧରି ୨୦୨୦ ମସିହାରୁ ରେତଙ୍ଗ କଲୋନୀ ଅଞ୍ଚଳରେ ଭଡ଼ା ସୂତ୍ରରେ ରହି ଆସୁଥିଲେ । ଅଭିଯୁକ୍ତ ଜଣକ ଗତ ଜାନୁଆରୀ ୨୩ତାରିଖରୁ ନିଜ ଘରକୁ ଫେରି ଆସି ପରିବାର ସହ ରହୁଥିଲେ । ତାଙ୍କର ପୂର୍ବରୁ ଥିବା ଭୁବନେଶ୍ୱରସ୍ଥିତ ବାଲକାଟୀ ଅଞ୍ଚଳରେ ଦୁଇଟି ପ୍ଲଟ୍‌ରୁ ଗୋଟିଏ ପ୍ଲଟ୍ ବିକ୍ରିକରି ସେହି ଟଙ୍କାରେ ବ୍ୟବସାୟ କରିବାକୁ ମସୁଧା କରି ଥିଲେ । ଉକ୍ତ ପ୍ଲଟ୍‌ଟି ପତ୍ନୀଙ୍କ ନାମରେ ଥିବାରୁ ସ୍ୱାମୀଙ୍କ ହାବଭାବ ଠିକ୍ ନଥିବାରୁ ପତ୍ନୀ ପ୍ଲଟ୍ ବିକ୍ରି ଲାଗି ଅନିଚ୍ଛୁକ ପ୍ରକାଶ କରିଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ଆଜି ପୁନର୍ବାର ଉକ୍ତ ଘଟଣାକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ନିଜ ପତ୍ନୀ ଓ ଦୁଇ ପୁଅକୁ ଲୁହା ଡାଙ୍ଗ ଓ ହାତୁଡ଼ି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଫଳରେ ତିନିଜଣ ଯାକ ଗୁରୁତର ହୋଇ ପ୍ରଥମେ ଷଣ୍ଢପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଥିଲେ । ଏହି ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଅଭିଯୋଗକୁ ଆଧାରକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ମାରଣାସ୍ତ୍ର ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏକ ମାମଲା ରୁଜୁକରି କୋର୍ଟଚାଲାଣ କରିଛି ।

# ଚୋରାମଦ ଜବତ, ଜଣେ ଗିରଫ



**ବାରଙ୍ଗ,୨୬।୪/ଏନ୍ଏନ୍ଏସ୍:** ନନ୍ଦନକାନନ ଥାନା ପୁଲିସ ଚୋରା ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି । ଖବରରୁ ପ୍ରକାଶ ଯେ ବାରଙ୍ଗ ଥାନା ଅନ୍ତର୍ଗତ ବାରଙ୍ଗ ତେଲେଙ୍ଗାସାହିର ସୁଶାନ୍ତ ବିଶୋଇ(୩୬) ରାଜ୍ୟ ଉଦ୍ଭିଦ ଉଦ୍ୟାନ ନିକଟରେ ଚୋରା ଦେଶୀମଦ ବିକ୍ରି କରୁଥିବା ବେଳେ ନନ୍ଦନକାନନ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଅତର୍କିତ ଭାବେ ସୁଶାନ୍ତଙ୍କୁ କାବୁ କରିବା ସହିତ ତା' ନିକଟରୁ ୬୧ଲିଟର ଆସ୍କା ଫର୍ଟି ମଦ, ଗୋଟିଏ ସ୍କୁଟି ଓ ୧୦୭୦ ଟଙ୍କା ଜବତ କରିଥିଲେ । ତେବେ ଅଭିଯୁକ୍ତ ଜଣଙ୍କ କୌଣସି ଅନୁମତିପତ୍ର ଦେଖାଇପାରି ନଥିଲେ । ସେ ନିୟମିତ ଏହି ବେପାର କରିଥାନ୍ତି ଏବଂ ସେ ନିଜର ଅପରାଧ ସ୍ୱୀକାର କରିଥିଲେ । ତାଙ୍କ ନାମରେ ପୂର୍ବରୁ ବାରଙ୍ଗ ଥାନାରେ ୪ଗୋଟି ବେଆଇନ ମଦ ବ୍ୟବସାୟ ଜନିତ ମାମଲା ରହିଥିବା ଜଣାଯାଇଛି ।

# ପାଚେରୀ ନିର୍ମାଣକୁ ନେଇ ଗଣ୍ଡଗୋଳ, ୯ ଗୁରୁତର



**ବାରଙ୍ଗ,୨୬।୪/ଏନ୍ଏନ୍ଏସ୍:** ଶନିବାର ପାଚେରୀ ନିର୍ମାଣକୁ ନେଇ ନରଣପୁର ଗ୍ରାମର ଦୁଇ ପରିବାରଙ୍କ ମଧ୍ୟରେ ସଂଘର୍ଷ ଘଟି ୯ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଆହତମାନେ ହେଲେ ନରଣପୁର ଗ୍ରାମର ଧୀର ବିଶ୍ୱାଳ, ସୁର ବିଶ୍ୱାଳ, ବର୍ଷି ବିଶ୍ୱାଳ, ରାଜା ବିଶ୍ୱାଳ ଓ ତାଙ୍କ ପତ୍ନୀ ସେହିପରି ଅନ୍ୟ ଏକ ପରିବାରର ଜୟନ୍ତୀ ଗଛି, କାଶିନାଥ ଗଛି ଓ ତାଙ୍କ ଦୁଇ ପୁଅ । ଖବର ଅନୁଯାୟୀ ଯାଜପୁର ଅଞ୍ଚଳର କାଶିନାଥ ଗଛି ନରଣପୁର ଗ୍ରାମରେ ଜମିକିଣି ପାଚେରୀ ନିର୍ମାଣ କରୁଥିଲେ ।ମାତ୍ର ତାଙ୍କ ଜମିକୁ ଲାଗି ପଡୋଶୀ ଧୀର ବିଶ୍ୱାଳଙ୍କ ଜମି ରହିଛି । ଉଭୟଙ୍କ ପରିବାର ମଝି ପାଚେରୀକୁ ନେଇ ବିବାଦ ଦେଖା ଦେଇଥିଲା । ହେଲେ କିଛି ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ପାଚେରୀ ନିର୍ମାଣ ପାଇଁ କଥା ହୋଇଥିଲା । ମାତ୍ର ଗଛି ପରିବାର ଆଜି ସକାଳୁ କାହାକୁ କିଛି ନଜଣାଇ ପାଚେରୀ ନିର୍ମାଣ କରିଥିଲେ ।ବିଶ୍ୱାଳଙ୍କ ପରିବାର ନିର୍ମାଣ ନ କରିବାକୁ ବାରଣ କରିଥିଲେ । ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ବିବାଦର ସୂତ୍ରପାତ ଘଟିଥିଲା । ପରସ୍ପରକୁ ଠେଲାପେଲା କରିବା ସହିତ ମାରପିଟ ହୋଇଥିଲେ ।ବିପକ୍ଷଙ୍କ ରଡ଼ ଓ ଇଟା ଆକ୍ରମଣରେ ଲହୁଲୁହାଣ ହୋଇ ଚିକିତ୍ସିତ ହୋଇ ଫେରିବା ପରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି ।

## କୋଣାର୍କ ବସଷ୍ଟାଣ୍ଡରେ ଭୟାଭୟ ଅଗ୍ନିକାଣ୍ଡ

# ଜଳିଗଲା ୩ କ୍ୟାବିନ୍, ୧୦ଲକ୍ଷ ଟଙ୍କାର ସାମଗ୍ରୀ ପାଉଁଶ



**କୋଣାର୍କ,୨୬।୪/ଏନ୍ଏନ୍ଏସ୍:** ଶନିବାର କୋଣାର୍କ କାକଟପୁର ମୁଖ୍ୟରାସ୍ତା କୋଣାର୍କ ବସଷ୍ଟାଣ୍ଡ ନିକଟ ରାସ୍ତା ପାର୍ଶ୍ୱ ବଜାରରେ ଭୋରରୁ ଲିଙ୍ଗରାଜ ନାୟକ, ଲିଙ୍ଗରାଜ ବେହେରା ଓ ସୁବାଷ ଗୋଛାୟତଙ୍କର ତିନୋଟି କ୍ୟାବିନ୍‌ରେ ଅଚାନକ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୦ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିବା ଜଣାପଡ଼ିଛି । ଜଣେ ଅଟୋ ଚାଳକ ନିଆଁ ଲାଗିଥିବା ଦେଖି ତୁରନ୍ତ ଅଗ୍ନିଶମ ବିଭାଗକୁ ଫୋନ୍ ଯୋଗେ ଖବର ଦେଇଥିଲେ । ଚମ୍ପାହର ଅଗ୍ନିଶମ କୋଣାର୍କ ବସଷ୍ଟାଣ୍ଡରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ତିନୋଟି କ୍ୟାବିନ୍ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା । ଫଳରେ ଲିଙ୍ଗରାଜ ବେହେରାଙ୍କ କ୍ୟାବିନ୍ ମଧ୍ୟରେ ଥିବା ନଗଦ ୩୦ହଜାର ଟଙ୍କା ସହ ଫ୍ରିଜ୍, ଫ୍ୟାନ୍, ତ୍ରିନାର୍ଥ ଠାକୁରଙ୍କର ଏକ ମାଇକ୍ ମେସିନ ସହ ନଗଦ ୧୦ହଜାର ଟଙ୍କାର ଦେଶୀ କଦଳୀ ପୋଡ଼ିଯାଇଥିଲା । ବାଣପଦା ଗ୍ରାମର ଲିଙ୍ଗରାଜ ନାୟକଙ୍କ ଦୋକାନ ମଧ୍ୟରେ ଥିବା ଦୁଇଟି ଫ୍ରିଜ୍ ସମେତ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ଓ ସେଠାରେ ଥିବା ସୁବାଷ ଗୋଛାୟତଙ୍କ ଏକ ଫାଷ୍ଟଫୁଡ୍ ଦୋକାନ ସହ ସମସ୍ତ ସାମଗ୍ରୀ, ଦୁଇଟି ଗ୍ୟାସ୍, ଟାଙ୍କି ପୋଡ଼ିଯାଇଛି । କିପରି ନିଆଁ ଲାଗିଲା ଜଣାପଡ଼ି ନାହିଁ । ବିଦ୍ୟୁତ୍ ସଟ୍‌ସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ତିନିଜଣଙ୍କ ଦୋକାନର ଆନୁମାନିକ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଥିବା ସୂଚନା ମିଳିଛି । ତୁରନ୍ତ ଜିଲ୍ଲା ପ୍ରଶାସନ ଏହି ୩ଜଣ ବ୍ୟବସାୟୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି ।

# ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ, ଚାଳକ ଗୁରୁତର



**କୋଣାର୍କ,୨୬।୪/ଏନ୍ଏନ୍ଏସ୍:** ଶୁକ୍ରବାର ବିଳମ୍ବିତ ରାତିରେ ଦଶବାଟିଆ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । କୋଣାର୍କରୁ ଗୋପ ଅଭିମୁଖେ ଯାଉଥିବା ଏକ ବାଇକ୍ ବୃଦ୍ଧଙ୍କୁ ଧକ୍କାଦେବାରୁ ଘଟଣାସ୍ଥଳରେ ବୃଦ୍ଧ ମୃତ୍ୟୁବରଣ କରିଥିବା ବେଳେ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ । ସୂଚନା ମୁତାବକ ଗୋପ ନିକଟସ୍ଥ ଏରବଙ୍ଗ ଗ୍ରାମର ନାରାୟଣ ଦଲାଇ ନାମକ ଜଣେ ଯୁବକ ବାଇକ୍ ଯୋଗେ କୋଣାର୍କରୁ ନିଜଘରକୁ ଫେରୁଥିବା ବେଳେ ବଗଲେଇ ଗ୍ରାମର ସରୋଜ ପାତ୍ର(୬୭) ନାମକ ଜଣେ ବୃଦ୍ଧ କୋଣାର୍କ ଭୁବନେଶ୍ୱର ମୁଖ୍ୟ ରାସ୍ତା ଦଶବାଟିଆ ଛକ ପାର୍ ହେଉଥିବାବେଳେ ଦୁର୍ଘଟଣା ଘଟିଥିଲା । ଫଳରେ ବୃଦ୍ଧ ଜଣକ ଘଟଣାସ୍ଥଳରେ ଛିଟିକି ପଡ଼ି ମୃତ୍ୟୁବରଣ କରିଥିଲେ । ଖବର ପାଇ କୋଣାର୍କ ପୁଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ । ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀ ନାରାୟଣଙ୍କୁ ଉତ୍ତ୍ୟକ୍ତ ଲୋକମାନେ ପୁଲିସ ଉପସ୍ଥିତିରେ ନିର୍ଘୁମ ପିଟିଥିଲେ । ଫଳରେ ଯୁବକଜଣକ ଗୁରୁତର ଭାବେ ଆହତ ହୋଇଥିଲେ । ଗୁରୁତର ନାରାୟଣଙ୍କୁ ୧୦୮ ଆମ୍ବୁଲାନ୍ସ ଉଦ୍ଧାରକରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡାକ୍ତର କ୍ୟାପିଟାଲ୍ ହସ୍‌ପିଟାଲ ସ୍ଥାନନ୍ତାରିତ କରାଯାଇଥିଲା । କୋଣାର୍କ ପୁଲିସ ବୃଦ୍ଧଙ୍କ ଶବ ଜବତ କରି ମାମଲା ରୁଜୁକରିବା ସହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡ଼ିକାଲକୁ ପଠାଇଥିବା କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ପ୍ରସ୍ତାବିତ ଅଙ୍ଗନବାଡ଼ି ଗୃହ ନିର୍ମାଣକୁ ବିରୋଧ

**ଚୌଦ୍ୱାର,୨୬।୪/ଏନ୍ଏନ୍ଏସ୍:** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୯ନଂ ୱାର୍ଡ ଦ୍ୱିତୀୟଭାଗ ହାଉସିଂ ବୋର୍ଡସ୍ଥିତ ଖାଲି ସ୍ଥାନରେ ପୌରପାଳିକା ପକ୍ଷରୁ ଏକ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯିବାକୁ ସ୍ଥିର ହୋଇଛି । ଗୃହ ନିର୍ମାଣ ନିମନ୍ତେ ଟେଣ୍ଡର ପ୍ରକ୍ରୀୟା ମଧ୍ୟ ଆରମ୍ଭ ହୋଇଯାଇଛି । ହେଲେ ୧୯ନଂ ୱାର୍ଡର ବାସୀନ୍ଦା ମାନଙ୍କ ପକ୍ଷରୁ ଏହି ଗୃହ ନିର୍ମାଣକୁ ବିରୋଧ କରାଯାଇଛି । ଏହି ସଂପର୍କୀତ ଏକ ଅଭିଯୋଗ ପତ୍ର ପୌରନିର୍ବାହୀ ଅଧିକାରୀ, କଟକ ସାଂସଦ, ଜିଲ୍ଲାପାଳ, ତହସିଲଦାର, ସିଡ଼ିପିଓ, ପୌରାଧ୍ୟକ୍ଷାଙ୍କୁ ଦିଆଯାଇଥିବା ଜଣାପଡ଼ିଛି । ଅଭିଯୋଗ ଅନୁସାରେ ହାଉସିଂବୋର୍ଡ ବାସୀନ୍ଦାଙ୍କ କୌଣସି ପିଲା ଅଙ୍ଗନବାଡ଼ିରେ ପଢ଼ିବା ବୟସରେ ଆଉ ନାହାନ୍ତି । କେଦାରେଶ୍ୱର ଗ୍ରାମରେ ବହୁତ ସରକାରୀ ଜମି ଅବ୍ୟବହୃତ ଅବସ୍ଥାରେ ଅଛି । ଏଣୁ ସେହି ସ୍ଥାନରେ ଉକ୍ତ ଗୃହଟି ନିର୍ମାଣ ହେଲେ ସେହି ଗ୍ରାମର ବାସିନ୍ଦାଙ୍କ ପିଲାମାନେ ଉପକୃତ ହେବେ । ବିରାଟ୍ ୟୁଥ୍ କ୍ଲବ୍‌ର ସଭାପତି ରାଜୀବ ମହାନ୍ତି କୁହନ୍ତି ଯେ ହାଉସିଂବୋର୍ଡର ଖାଲି ସ୍ଥାନରେ ପ୍ରାଚୀର କରିବା ସହିତ ଖେଳପଡ଼ିଆ କରାଗଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରିବେ । ଏଥିପ୍ରତି ସରକାର ଓ ପ୍ରଶାସନିକସ୍ତରରେ ଗୁରୁତର ସହିତ ଦୃଷ୍ଟିଦେଇ ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି ।

# ମା' ଗୃହ କେନ୍ଦ୍ର ବନ୍ଦ ନେଇ ଅସନ୍ତୋଷ

**ଖଣ୍ଡପଡ଼ା,୨୬।୪/ଏନ୍ଏନ୍ଏସ୍:** ଗତ ୫ ବର୍ଷ ଧରି ଖଣ୍ଡପଡା ସହରରେ ଚାଲିଥିବା ମା' ଗୃହ କେନ୍ଦ୍ର ବନ୍ଦ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରସୂତି ମହିଳାମାନଙ୍କୁ ସେବା ଯୋଗାଇ ଦେବାରେ ଏହି କେନ୍ଦ୍ରଟି ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଥିଲା । ବିଶ୍ୱ ଜ୍ୟୋତି ସେବା ସଂଘ ସାମାଜିକ ସଂଗଠନ ଖୋର୍ଦ୍ଧା ଦ୍ୱାରା ଏହି ମା' ଗୃହଟି ପରିଚାଳିତ ହେଉଥିଲା । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଆଖପାଖ ଅଞ୍ଚଳର ପ୍ରସୂତି ମହିଳାମାନଙ୍କର ଅଭାବ, ଅସୁବିଧା ପୂରଣ କରିବା ଦିଗରେ ମା' ଗୃହ କେନ୍ଦ୍ରଟି ସଦାସର୍ବଦା ସହଯୋଗର ହାତ ବଢାଇ ଆସୁଥିଲା । ହଠାତ୍ ଏହି କେନ୍ଦ୍ରଟିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ବନ୍ଦ କରି ଦିଆଯାଇଛି । ତେଣୁ ଖଣ୍ଡପଡା ବ୍ଲକ ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୁନଃ ଖଣ୍ଡପଡ଼ାରେ ମା' ଗୃହ କେନ୍ଦ୍ରଟିକୁ ଚାଲୁ କରିବାକୁ ସହରବାସୀ ଦାବି କରିଛନ୍ତି । ଏଥିପ୍ରତି ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲାପାଳ ଓ ଖଣ୍ଡପଡା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଖବରକାଗଜ ବିତରକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଚାରିଛକ,୨୬।୪/ଏନ୍ଏନ୍ଏସ୍:** ଚାରିଛକ ଅଞ୍ଚଳର ବିଶିଷ୍ଟ ଖବର କାଗଜ ବିତରକ ସ୍ୱର୍ଗତ ଭଗବାନ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଓ ଟ୍ରଷ୍ଟ ଲୋଗୋ ଉନ୍ମୋଚନ ହୋଇଯାଇଛି । ସ୍ୱର୍ଗତ ସାହୁଙ୍କ ଜ୍ୟେଷ୍ଠପୁତ୍ର ଅବସରପ୍ରାପ୍ତ ସେନାଧିକାରୀ ନିରଞ୍ଜନ ସାହୁଙ୍କ ଦ୍ୱାରା ଆୟୋଜିତ ସ୍ମୃତିଚାରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ସମ୍ମାନିତ ଅତିଥିଭାବେ ବରିଷ୍ଠ ନାଗରୀକ ମଞ୍ଚ ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ସଂପାଦକ କାହ୍ନୁ ଚରଣ ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଳେଇ, ବରିଷ୍ଠ ଆଇନଜୀବୀ ସୁଧୀର କୁମାର ମହାନ୍ତି, ପ୍ରାକ୍ତନ ପ୍ରାଧାପକ ପଞ୍ଚାନନ ସାହୁ, ସମାଜସେବୀ ବନବିହାରୀ ଦାଶ,ଅଧିନ ପାତ୍ର, କୃଷକନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଚାରିଛକ ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ନାୟକ, ମିଡିଆ ସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ, ପ୍ରଶାନ୍ତ ସାହୁ, ବିଜୟ ବେହେରା, ସୂଚନା ଅଧିକାର କର୍ମୀ ସୁଦର୍ଶନ ସ୍ୱାଇଁ,ଦିବାକର ନାୟକ,ଚିତରଂଜନ ସେଠୀ ପ୍ରମୁଖ ଯୋଗଦେଇ ସ୍ୱଗତ ସାହୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ଭଗବାନ ସାହୁଙ୍କ ନାମରେ 'ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର' ଲୋଗୋ ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡଃ କେଦାରନାଥ ସାହୁ ପରିଚାଳନା କରିଥିବା ବେଳେ ସ୍ୱର୍ଗତ ସାହୁଙ୍କ କନିଷ୍ଠପୁତ୍ର ସାମ୍ବାଦିକ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ସମସ୍ତ ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତ ଯୋଗଦେଇଥିଲେ ।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-EI-KNPR-KUR-467, ତା.22.04.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କେନ୍ଦ୍ରାପଡ଼ା ରୋଡ୍ ଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ବ୍ୟବସ୍ଥା ଏବଂ କଟକ-ପାରାଦ୍ୱୀପ ସେକ୍ସନରେ ପୁରୁଣା (Over Aged) ରିଲେଗୁଡ଼ିକର ପୁନଃସ୍ଥାପନ ।

ଟେଣ୍ଡର ମୂଲ୍ୟ : ₹ 5,53,86,870.68, EMD : Nil.

(2) ଟେଣ୍ଡର ବିଜ୍ଞପ୍ତି ସଂ. S&T/OT/OUT-SOURCING-07-468, ତା.22.04.2025ରିଖ

କାର୍ଯ୍ୟର ନାମ : ସହାୟକ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/କେନ୍ଦୁଝରଗଡ଼ଙ୍କ ଅଧୀନରେ ଆଉଟ୍‌ସୋର୍ସିଙ୍ଗ୍ ଏଜେନ୍ସି ଦ୍ୱାରା ସଙ୍କେତ ଏବଂ ଦୂରସଂଚାର ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ମରାମତି (SSES/କେନ୍ଦୁଝରଗଡ଼, SSES/ବାଘୁଆପାଳ ଏବଂ SSET/କେନ୍ଦୁଝରଗଡ଼ଙ୍କ ତଦାରଖ ଅଧୀନରେ) ।

ଟେଣ୍ଡର ମୂଲ୍ୟ : ₹ 1,38,35,127.90, EMD : ₹ 2,19,200/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900/-

(3) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-LINKING-OF-COA-469, ତା.24.04.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ COAର ସଂଯୋଗୀକରଣ (Linking) ।

ଟେଣ୍ଡର ମୂଲ୍ୟ : ₹ 81,96,670/-, EMD : ₹ 1,63,900/-

ବିକ୍ରି ଆରମ୍ଭ ହେବା ତାରିଖ : 30.04.2025 (କ୍ରମ ସଂ. 1 ଓ 2 ପାଇଁ) ଏବଂ 02.05.2025 (କ୍ରମ ସଂ. 3 ପାଇଁ)

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.05.2025ରିଖ 1100 ଘଣ୍ଟିକା (ଟେଣ୍ଡର ସଂ. 1 ଓ 2 ପାଇଁ) ଏବଂ ତା.16.05.2025ରିଖ 1100 ଘଣ୍ଟିକା (ଟେଣ୍ଡର ସଂ. 3 ପାଇଁ) ।

... www.ireps.gov.in ରେ ଉପଲବ୍ଧ ଅଟେ ।

PR-73/O/25-26

ଖୋର୍ଦ୍ଧା ରୋଡ୍

# ହାପିନେସ୍ ଫାଉଣ୍ଡେସନ୍‌ର ୫ମ ପ୍ରତିଷ୍ଠା ଦିବସ



**ପୁରୀ,୨୬।୪/ଏନ୍ଏନ୍ଏସ୍:** ପୁରୀର ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ୍ ଫାଉଣ୍ଡେସନ୍ ତାର ୫ମ ପ୍ରତିଷ୍ଠା ଦିବସ 'ଆନନ୍ଦ ଉତ୍ସବ ୨୦୨୫' ଜିଲ୍ଲା ସଂସ୍କୃତି ଭବନ ପରିସରରେ ପାଳନ କରିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ଭାରତୀୟ ମାନକ ବ୍ୟୁରୋର ଡାଇରେକ୍ଟର ତଥା ଭୁବନେଶ୍ୱର ମୁଖ୍ୟ ଏ. କେ. ପୁରୋହିତ, ବିଶିଷ୍ଟ ଅତିଥି ଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଇ-୨୪ ହସ୍ପିଟାଲ୍ ର ପରିଚାଳନା ନିର୍ଦ୍ଦେଶକ ଡ଼ଂ. ରାଜେଶ ମିଶ୍ର, ଭାରତ ବିକାଶ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ, ଦି ବେଲ୍ ଅନୁଷ୍ଠାନ ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଏବଂ ବିଶିଷ୍ଟ ସମାଜସେବୀ ଅଭିମନ୍ୟୁ ଦାସ ଯୋଗ ଦେଇଥିଲା । ସମାଜସେବା ରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀ ଜିଲ୍ଲା ଏବଂ ପୁରୀ ଜିଲ୍ଲା ବାହାରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା । ଅନୁଷ୍ଠାନର ବିଭିନ୍ନ ସମୟରେ ସାମାଜିକ ସେବା କାର୍ଯ୍ୟରେ ଜଡିତ ଥିବା ସମସ୍ତ ମେମ୍ବର ମାନଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ହାପିନେସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ସଭାପତି ଡ଼ଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ ପରିଚାଳନା କରିଥିଲେ । ଶୁଭୋଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଯୁବ ପୀଢ଼ି ଙ୍କୁ ସେବା କାର୍ଯ୍ୟ ପାଇଁ ପ୍ରେରଣା ଦେବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଡ଼ଂ. ପ୍ରଧାନ କହିଥିଲେ ।

# ଶ୍ରୀ ଜୟଦେବ ଜୟନ୍ତୀ ମହୋତ୍ସବ ପାଇଁ ପ୍ରାଚୀତଟ ଚଳଚଞ୍ଚଳ

**ଚାରିଛକ,୨୬।୪/ଏନ୍ଏନ୍ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଦିନ ପ୍ରାଚୀତଟ କେନ୍ଦୁବିଲ୍ୱ ଶାସନରେ ଭକ୍ତ ଜୟଦେବ ଜନ୍ମ ନେଇଥିଲେ । ତାଙ୍କ ରଚିତ ଭକ୍ତି ଭାବ ଭରା ଶ୍ରୀଶ୍ରୀ ଗୀତଗୋବିନ୍ଦ କାବ୍ୟର ପଦ ପୂରଣ ନିଜେ ମହାପ୍ରଭୁ ଶ୍ରୀ ଜଗନ୍ନାଥ କରିଥିଲେ । ଏଥି ପାଇଁ ବିଶ୍ୱର ପ୍ରତ୍ୟେକ ଜଗନ୍ନାଥ ମନ୍ଦିର ପ୍ରମୁଖ ଦେବପୀଠରେ ଶ୍ରୀ ଶ୍ରୀ ଗୀତ ଗୋବିନ୍ଦ ଗାୟନକୁ ସ୍ୱତନ୍ତ୍ର ମର୍ଯ୍ୟଦା ଦିଆଯାଏ । ମହାନ ଗାଥାକୁ ଜନ ମାନସରେ ସଦାସର୍ବଦା ଉଦ୍‌ଜୀବିତ ରଖିବା ପାଇଁ ତାଙ୍କ ବଂଶଦ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଅନୁରୋଧକୁ ରକ୍ଷାକରି ଓଡିଶା ସରକାର ୧୯୯୨ ମସିହାରୁ ତ୍ରିଦିବସୀୟ ଶ୍ରୀ ଜୟଦେବ ଜୟନ୍ତୀ ସଂକୀର୍ତନ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଏହି ଯାତ୍ରା ଏକ୍ରାମ କ୍ଷେତ୍ରରୁ ବାହାରି ପ୍ରାଚୀ କ୍ଷେତ୍ରସ୍ଥ ଭକ୍ତ ଜୟଦେବଙ୍କ ଜନ୍ମପୀଠ, ମାଧବପୀଠ, ମଙ୍ଗଳାପୀଠ, ବିଶ୍ୱାମିତ୍ର ଋଷିମଠ, ଦେଉଳୀ ମଠ, ଅର୍କକ୍ଷେତ୍ର, ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ପରିକ୍ରମା ବିଧିର ନିର୍ଣ୍ଣୟ ହୋଇଛି । ଏ ଯାତ୍ରାକୁ ବ୍ୟାପକ ଜନାଦୃତି ମିଳିଛି । ପ୍ରାଚୀନଦୀ ତଟସ୍ଥ ପ୍ରମୁଖ ଦେବପୀଠ, ମଠ, ମନ୍ଦିରରେ ଭକ୍ତ ଜୟଦେବ ଜୟନ୍ତୀ ପାଳନ ସହ ସାମୁହିକ ଗୀତଗୋବିନ୍ଦ ଗାୟନର ବ୍ୟବସ୍ଥା କରାଯାଇଛି । ଏଥି ପାଇଁ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ଶ୍ରୀ ମିଶ୍ରଙ୍କ ପ୍ରଚେଷ୍ଟାରେ ଏକ ବୈଠକ ପଦ୍ମ ସଂଭବ ପୀଠରେ କରାଯାଇ ଜୟଦେବଙ୍କ ଜୟନ୍ତୀ ପାଳନ ଓ ଜୟଦେବଙ୍କ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରାକୁ ଭବ୍ୟ ସ୍ୱାଗତ ଦେବା ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତୀ କରାଯାଇଛି । ବୈଠକରେ ବରିଷ୍ଠ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର,ସମାଜସେବୀ ଛବିନ୍ଦ୍ର ପାତ୍ର, ପ୍ରାଚୀମଣ୍ଡଳ ନାବାର୍ଡ କୃଷକ କ୍ଲବ ମହାସଂଘ ସଭାପତି ରାଧାଶ୍ୟାମ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଭକ୍ତ ଜୟଦେବଙ୍କ ସ୍ମୃତି ଚାରଣ କରିଛନ୍ତି । ପଣ୍ଡିତ ଶ୍ରୀ ମିଶ୍ରଙ୍କ ରଚିତ ଭାବାର୍ଥ ଶ୍ରୀ ଶ୍ରୀ ଗୀତଗୋବିନ୍ଦ ପୁସ୍ତକ ପ୍ରତ୍ୟେକ ସଦସ୍ୟଙ୍କୁ ପ୍ରଦାନ କରାଯାଇ ସାମୁହିକ ଶ୍ରୀ ଶ୍ରୀ ଗୀତଗୋବିନ୍ଦ ଗାୟନ କରାଯାଇଛି ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

OPTCL Lifeline of Odisha

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)

OFFICE OF THE EXECUTIVE DIRECTOR, SOUTHERN ZONE, BERHAMPUR

**NOTIFICATION**

No. 02/2025-ED-Southern Zone/Gazette    Dated : 21.04.2025

In accordance with section-164 of Indian Electricity Act. 2003 and in exercise of the power conferred upon OPTCL vide Department of Energy, Government of Odisha order No. 2353 -R&R-II-10/2006 dated the 9th March 2006, the following Transmission scheme which are intended to be under taken by the Odisha Power Transmission Corporation Limited for execution is published for general information. The estimated cost of the project is Rs. 4.45 Crores. It is also notified in the interest of general public that any person interested in making representation regarding the execution of the above scheme may submit such representation in writing so as to reach the Chief General Manager (O&M), OPTCL , Southern Zone, Berhampur, 220/132/33 KV Grid Sub-station Campus, Narendrapur, At: Sanakushasthali Po: Badakushasthali, Berhampur, Odisha - 760007 within two months from the date of publication of this notification. Full details of the scheme and plan may be seen in the office of the Dy. General Manager (Elect.) E.H.T (O&M), Division, Bhanjanagar as mentioned against the work on any working day during office hours.

**Name of the Work:-** Construction of proposed 220 KV LILO Line from 220 KV Bhanjanagar-Nayagarh D/C Line between Loc. No. 58 & 59 to proposed 40 MW Solar PV Power Plant at Landeihill, Jagannath Prasad, Dist: Ganjam.

**Name of the Village in which the line will Pass :**

**Tahasil:** Jagannath Prasad, **RI Circle:** Patapur, **Revenue Village:** Landeihill, **RI Circle:** Jhadabhumi, **Revenue Village:** Kandhanuapali, Gochabadi, Jamagarada, Gandadhar.

**Perceived benefit that may accrue :** For development of Solar Power Plant in Ganjam District and Electrical energy growth of Odisha State as a whole.

FIPR-04/2025-26

Sd/- CHIEF GENERAL MANAGER (O&M)
SOUTHERN ZONE, BERHAMPUR.

/optcl.odisha /optcl_odisha

## ପ୍ରଥମ ପୃଷ୍ଠାରୁ

### ବାଚାଳଙ୍କ ଭଳି ଧମକ ...

ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଭୁଟ୍ଟୋ କହିଛନ୍ତି, ପହଲଗାମ ଆକ୍ରମଣକୁ ନେଇ ଭାରତ ପାକିସ୍ତାନକୁ ଦୋଷ ଦେଉଛି। ମୋଦୀ ନିଜର ଦୁର୍ବଳତା ଲୁଚାଇବାକୁ ମିଥ୍ୟା ଅଭିଯୋଗ କରୁଛନ୍ତି। ସେ ଏକପାଖିଆ ଭାବେ ସିନ୍ଧୁ ଜଳ ଚୁକ୍ତି ରଦ୍ଦ କରିବା ନେଇ ନିଷ୍ପତ୍ତି ନେଇଛନ୍ତି। ସିନ୍ଧୁ ନଦୀ ପାକିସ୍ତାନର। ଏହା ସବୁଦିନ ପାଇଁ ପାକିସ୍ତାନର ରହିବ। ଏଥିରେ ଜଳ ପ୍ରବାହିତ ହେବ ନଚେତ ଭାରତୀୟଙ୍କ ରକ୍ତ।

ଅନ୍ୟପକ୍ଷେ ବିଲାୱଲ୍‌ଙ୍କ ଏପ୍ରକାର ଧମକର ଜବାବ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି। ଶ୍ରୀ ପୁରି କହିଛନ୍ତି, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ମୁଖ୍ୟ ବିଲାୱଲ୍ ଏବେ ପାଗଳଙ୍କ ପ୍ରାୟ ବାଚାଳାମି କରୁଛନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ବି ନାହିଁ। ପାକିସ୍ତାନରେ ଏପ୍ରକାର ଅସୁସ୍ଥ ମାନସିକତାଧାରୀ ନେତାଙ୍କ ସଂଖ୍ୟା ଅଧିକ ରହିଛି। ତେବେ ବିଲାୱଲ ଯେଉଁ ଚେତାବନୀ ଦେଉଛନ୍ତି ଯେ, ସିନ୍ଧୁ ଜଳ ନ ପ୍ରବାହିତ ହେଲେ ଭାରତୀୟଙ୍କ ରକ୍ତ ବହିବ ତାହା ସମ୍ପୂର୍ଣ୍ଣ ଫମ୍ପା ଶବ୍ଦ ଛଡା କିଛି ବି ନୁହେଁ। ସେ ନିଜେ ନିଜର ରକ୍ତ ବୁହାନ୍ତୁ। କିନ୍ତୁ ଯଦି ଭାରତ ସିନ୍ଧୁ ଜଳ ନ ଛାଡିବ ସେ ସେତକ ବି କରିପାରିବେନି। ନଦୀରେ ଜଳ ନଥିଲେ ସେ କେଉଁଠିକୁ ଡେଇଁବେ ? ସୁତରାଂ ଗଣମାଧ୍ୟମ ଏସବୁ ବୟାନ୍‌ବାଜିକୁ ବେଶି ଗୁରୁତ୍ୱ ଦେବା ଉଚିତ୍ ନୁହେଁ। ପହଲଗାମରେ ଯାହା କିଛି ଘଟିଲା ସମଗ୍ର ବିଶ୍ୱ ଏହାର ସାକ୍ଷୀ ରହିଛି। ଏହା ଏକ ବ୍ୟକ୍ତିବିଶେଷ ସ୍ତରରେ ନୁହେଁ ବରଂ ଏକ ଦେଶର ପ୍ରାୟୋଜିତ ଆଧାରରେ ଭିଆଯାଇଛି। ଯେଉଁମାନେ ଏହା ପଛରେ ଅଛନ୍ତି ସେମାନେ ନିଶ୍ଚିତ ରୂପେ ଉଚିତ୍ ଶିକ୍ଷା ପାଇବେ।ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମଧ୍ୟ ଭାରତକୁ ଏକ ପ୍ରସ୍ତାବ ଦେବାକୁ ଆଗେଇ ଆସିଛନ୍ତି। ସେ କହିଛନ୍ତି ପହଲଗାମ୍ ଘଟଣାରେ ଏକ ନିରପେକ୍ଷ ତଦନ୍ତ ହେବା ଉଚିତ୍, ଆଉ ଏଥିପାଇଁ ପାକିସ୍ତାନ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ଭାରତ କୌଣସି ପ୍ରମାଣ ବିନା ପାକିସ୍ତାନ ଉପରେ ଅଭିଯୋଗ ଆଣୁଛି। ପାକିସ୍ତାନ ଏକ ଦାୟିତ୍ୱବାନ ଦେଶ ଏବଂ ଏହା ଯେକୌଣସି ନିରପେକ୍ଷ ତଦନ୍ତରେ ସାହାଯ୍ୟ କରିବାକୁ ପ୍ରସ୍ତୁତ। ପହଲଗାମ୍ ଘଟଣା ପରେ ଯେତେବେଳେ ଭାରତ ସରକାର ପ୍ରତିଶୋଧ ନିଆଯିବ ବୋଲି କହିଥିଲେ ସେତେବେଳେ ଶେହବାଜ୍ ମଧ୍ୟ ଭାରତକୁ ନାଲି ଆଖି ଦେଖାଇଥିଲେ। କିନ୍ତୁ ଏବେ ଯେତେବେଳେ ଭାରତ ସବୁପ୍ରକାର ଦ୍ୱିପାକ୍ଷିକ ସମ୍ପର୍କ ତଥା ପୁରୁଣା ଚୁକ୍ତି ସବୁକୁ ରଦ୍ଦ କରିଦେଇଛି ଏବଂ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ସେତେବେଳେ ଉପାୟଶୂନ୍ୟ ହୋଇପଡିଥିବା ଶେହବାଜ୍ ଶରିଫ୍ ନୀରପେକ୍ଷ ତଦନ୍ତର ପ୍ରସ୍ତାବ ଦେବାର ନାଟକ ଆରମ୍ଭ କରିଛନ୍ତି। ଯାହାକୁ ଭାରତ ପ୍ରତ୍ୟାଖାନ କରିବା ନିଶ୍ଚିତ। ଭାରତ ଏବେ ଆଉ କୌଣସି ପ୍ରକାର ପ୍ରସ୍ତାବ, ମଧ୍ୟସ୍ଥତା ଆଧାରରେ ପାକିସ୍ତାନ ସହ କଥାବାର୍ତ୍ତା କରିବାକୁ ମଧ୍ୟ ଚାହୁଁନଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତିକ୍ରିୟାର ସ୍ପଷ୍ଟ ହୋଇସାରିଛି।ଏସବୁ ମଧ୍ୟରେ ପାକିସ୍ତାନ ସେନା ମୁଖ୍ୟ ଅସିମ୍ ମୁନିର ପୁଣିଥରେ ଭଡକାଉ ମନ୍ତବ୍ୟ ଦେଇଛନ୍ତି। ତାଙ୍କର ଯେଉଁ ବୟାନ୍ ପରେ ପରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି, ଆଜି ପୁଣିଥରେ ସେ ନିଜ ପୁରୁଣା କଥାକୁ ଦୋହରାଇଛନ୍ତି। ସେ କହିଛନ୍ତି ହିନ୍ଦୁ-ମୁସଲମାନ ଦୁଇଟି ଭିନ୍ନ ସମ୍ପ୍ରଦାୟ। ଉଭୟ ଏକାଠି ଶାନ୍ତିରେ କଦାପି ରହିପାରିବେ ନାହିଁ। ଆମେ ଭାରତକୁ ଜବାବ ଦେବାକୁ ପ୍ରସ୍ତୁତ। ପୂର୍ବପୁରୁଷମାନେ ପାକିସ୍ତାନ ସୃଷ୍ଟି କରିବା ପାଇଁ ଅନେକ ବଳିଦାନ ଦେଇଥିଲେ ଏବଂ ତାଙ୍କ ସେନା ଦେଶକୁ ସୁରକ୍ଷା ଦେବା ପାଇଁ କୌଣସି ବଳିଦାନ ଦେବାକୁ ପଛଘୁଞ୍ଚା ଦେବ ନାହିଁ। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ଭାରତର ଆକ୍ରମଣ ଭୟରେ ପାକିସ୍ତାନ ଏବେ ଚୀନ୍ ଶରଣରେ ପଶିଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦୂତଙ୍କୁ ଭେଟି ଭାରତ ସହ ସମ୍ଭାବ୍ୟ ଯୁଦ୍ଧ ପାଇଁ ପାକିସ୍ତାନ ବିଦେଶ ମନ୍ତ୍ରୀ ଇଶାକ ଡାର ସାହାଯ୍ୟ ମାଗିଥିବା ଜଣାପଡିଛି। ଏସବୁ ମଧ୍ୟରେ ପାକିସ୍ତାନକୁ ଚୀନ୍ ପିଏଲ-୧୫ ମିସାଇଲ୍ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିବା ମଧ୍ୟ ଜଣାପଡିଛି।

### ବାଂଲାଦେଶରେ ଫାଇଟର୍ ...

ତେବେ ଏସବୁ ମଧ୍ୟରେ ପାକିସ୍ତାନ ଏବେ ନିଜ ଯୁଦ୍ଧ ରଣନୀତିଗତ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଭାରତ ପଟୁ ଆକ୍ରମଣ ଆଶଙ୍କା କରୁଥିବା ପାକିସ୍ତାନ ଏବେ ବାଂଲାଦେଶ-ଭାରତ ସୀମାରେ ନିଜ ଲଢୁଆ ଜେଟ୍ ବିମାନଗୁଡ଼ିକୁ ମୁତୟନ କରୁଛି। ଜାଭେଦ ଫାରୁକି ନାମକ ପାକିସ୍ତାନର ଜଣେ ସାମ୍ବାଦିକ ନିଜ ରିପୋର୍ଟରେ ଏନେଇ ଉଲ୍ଲେଖ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଯଦି ଭାରତ ଆକ୍ରମଣ କରେ ତେବେ ଏଥର ପାକିସ୍ତାନର ଲଢୁଆ ବିମାନ ଗୋଟିଏ ସୀମାରୁ ନୁହେଁ ବରଂ ଦୁଇଟି ସୀମାରୁ ଉଡାଣ ଭରିବେ। ଭାରତ ଯେଉଁଭଳି ଭାବେରେ ଏସବୁ ଅଞ୍ଚଳକୁ ନିଜ ନିୟନ୍ତ୍ରଣରେ ରଖିଥିଲା, ଏବେ କିନ୍ତୁ ପରିସ୍ଥିତି ଭାରତ ସପକ୍ଷରେ ନାହିଁ। ନେପାଳ ଏବଂ ବର୍ମା ଭଳି ଦେଶ ମଧ୍ୟ ଭାରତ ଉପରେ ଖୁସି ନୁହଁନ୍ତି।'

### ରାଜଧାନୀରେ ଜଣେ ମହିଳା ...

ଆବେଦନ କରିଥିଲେ। କିନ୍ତୁ ସେହି ଆବେଦନ ପଡ଼ି ରହିଥିଲା। ଏବେ ପହଲଗାମ ଘଟଣା ପରେ ସମସ୍ତ ପାକିସ୍ତାନୀଙ୍କୁ ଭାରତ ଛାଡ଼ିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ସମ୍ପୃକ୍ତ ପାକିସ୍ତାନୀ ମହିଳାଙ୍କୁ ଭୁବନେଶ୍ୱର ଛାଡ଼ିଯିବା ପାଇଁ ପୁଲିସ ନୋଟିସ୍ କରିଛି। ଉଲ୍ଲେଖନୀୟ ଯେ ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଓଡ଼ିଶା ସମେତ ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରି ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରି ବିଦା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ଦୀର୍ଘମିଆଦୀ ଭିସାରେ ରହିଥିବା ଜଣାପଡ଼ିଥିଲା। ସେମାନଙ୍କୁ ଏବେ ଚିହ୍ନଟ କରାଯାଇଛି। ତୁରନ୍ତ ବିଦା ହେବେ ବୋଲି ଗୃହ ବିଭାଗ ସ୍ପଷ୍ଟ କରିଛି।

### କଟକରେ ୩ ପାକିସ୍ତାନୀ ...

ଏହି ମହିଳା ଓ ପାକିସ୍ତାନୀ ପୁରୁଷଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ସୂଚନାଯୋଗ୍ୟ ସମସ୍ତ ପାକିସ୍ତାନୀ ନାଗରିକଙ୍କୁ କମିଶନରେଟ୍ ପୁଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ସେମାନେ ପୁଲିସକୁ ସାକ୍ଷାତ୍ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୃହ ମନ୍ତ୍ରାଳୟକୁ ଅବଗତ କରାଯିବା ପରେ ଗୃହ ବିଭାଗ ଯାହା ନିଷ୍ପତ୍ତି ନେବ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଟକ ଡିସିପି ଋଷିକେଶ ଡି ଖିଲାର କହିଛନ୍ତି।

### ଅସୁସ୍ଥ ବୃଦ୍ଧାଙ୍କ ପାଇଁ ...

ସହିତ ରହୁଥିବା ବେଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଛି। ଏବେ ବିଭିନ୍ନ ରୋଗରେ ପୀଡ଼ିତ ଥିବା ବେଳେ ପାକିସ୍ତାନ ଯାଇ କେଉଁଠି ରହିବେ ବୋଲି କୋହଭରା କଣ୍ଠରେ ପରିବାର ଲୋକେ ପ୍ରକାଶ କରିଛନ୍ତି।

### ୬୦ବର୍ଷ ତଳୁ ଭାରତକ ...

ଅଛି। ନିର୍ବାଚନରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛି। ସ୍ୱାମୀ ଭାରତୀୟ, ପିଲାମାନେ ବି ଭାରତୀୟ। ଏବେ ବି ପାକିସ୍ତାନୀ ଭିସାରେ ରହୁଛି। ସରକାରଙ୍କୁ ନିବେଦନ କରୁଛି ମୋର ପରିବାରଠାରୁ ମୋତେ ଅଲଗା କରନ୍ତୁ ନାହିଁ।

### ନିଯୁକ୍ତହେଲେ ସତନ୍ତ୍ର ...

ଗୁରୁତ୍ୱ, ଶ୍ରୀଗୁଣ୍ଡିଚା ମନ୍ଦିର, ପରିକ୍ରମା ପ୍ରକଳ୍ପ, ମାଉସୀ ମା' ମନ୍ଦିର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବେ। ୧୦୮୩ ଜଣଙ୍କୁ ନିଯୁକ୍ତି ଦେବାକୁ ପୂର୍ବରୁ ଯୋଜନା ହୋଇଥିଲେ ହେଁ ଏବେ ଏହି ସଂଖ୍ୟା ୧୨ ଶହରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଆଗକୁ ନାଟମଣ୍ଡପ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ରାଜ୍ୟ ସରକାର ଯୋଜନା କରିବାକୁ ଯାଉଥିବା ବେଳେ ଏହି ସଶସ୍ତ୍ର ସୁରକ୍ଷା ବାହିନୀ ନିଯୁକ୍ତି ଫଳପ୍ରଦ ହେବ ବୋଲି ମତପ୍ରକାଶ ପାଇଛି। ଅନ୍ୟପଟରେ ପୁରୀର ଚାରି ସାମୁଦ୍ରିକ ଥାନାକୁ ମଧ୍ୟ ଆଲର୍ଟ କରାଯାଇଛି ବୋଲି କହିଥିଲେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି।

### ବାଲେଶ୍ୱରରେ ଏନ୍‌ଆଇଏ ...

ତନୁଜଙ୍କ ସହ କଥା ହୋଇଥିଲେ। ଏନ୍‌ଆଇଏ ଅଧିକାରୀମାନେ ଗଣମାଧ୍ୟମକୁ କିଛି କହି ନଥିଲେ ମଧ୍ୟ ପ୍ରଶାନ୍ତଙ୍କ ପହେଲଗାମ ଯାତ୍ରା, ରହଣି ଏବଂ ଏପ୍ରିଲ୍ ୨୨ ତାରିଖ ମଙ୍ଗଳବାର ଆତଙ୍କବାଦୀ ହମଲା ସମ୍ପର୍କିତ ଅନୁସନ୍ଧାନରେ ଆସିଥିଲେ ବୋଲି ଜଣାପଡ଼ିଛି।

### ଏପ୍ରିଲ୍ ୨୯ରୁ ବନ୍ଦ ...

ଛତିଶା ନିଯୋଗ ମହାନାୟକଙ୍କ ସହ ଭଣ୍ଡାର ମେକାପ, ଦେଉଳକରଣ, ତଡ଼ଉକରଣ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ। ସୂଚନା ମୁତାବକ ଏପ୍ରିଲ ୨୯ରୁ ଜୁନ୍ ୨୭ ଯାଏ ଅକ୍ଷୟ ତୃତୀୟା, ବାହାର ଚନ୍ଦନ, ଭିତର ଚନ୍ଦନ, ସ୍ନାନ ପୂର୍ଣ୍ଣିମା, ଅନବସର ନୀତି ଏବଂ ରଥଯାତ୍ରା ଆଦି ବିଶେଷ ନୀତିକାନ୍ତିକୁ ଦୃଷ୍ଟିରେ ରଖି ମରାମତି କାର୍ଯ୍ୟ ବନ୍ଦ ରହିବ। ଜୁନ୍ ୨୭ରେ ମହାପ୍ରଭୁ ରଥଯାତ୍ରାରେ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଗଲେ ୨୮ତାରିଖରୁ ପୁନର୍ବାର ଆରମ୍ଭ ହେବ। ତେବେ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ପୂର୍ଣ୍ଣାଙ୍ଗ ମରାମତି କାର୍ଯ୍ୟ ରଥଯାତ୍ରା ପରେ ହିଁ ସଂପୂର୍ଣ୍ଣ ହେବ ବୋଲି ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ଅବଦାନ ଅବିସ୍ମରଣୀୟ





**କଟକ,୨୬/୪/ଏନ୍‌ଏନ୍‌ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ କଟକ ଓ ଏମ୍‌ପି ଛକସ୍ଥିତ ପାରଳା ମହାରାଜା ପାର୍କଠାରେ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟସୂଚୀ ମୁତାବକ ସକାଳ ୯ଟାରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ରଙ୍କ ସମେତ ସ୍ଥାନୀୟ କର୍ପୋରେଟରବୃନ୍ଦ, ବୁଦ୍ଧିଜୀବି, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସେଠାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ସଭାର ଆୟୋଜନ ମଧ୍ୟ କରାଯାଇଥିଲା।

ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ, ନବ ଉତ୍କଳର ଅନ୍ୟତମ ନିର୍ମାତା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଓଡ଼ିଶାର କୁଟୀର ଶିଳ୍ପ, ସ୍ୱାସ୍ଥ୍ୟ, ନାରୀ ଶିକ୍ଷା, ମଧୁ ବାବୁଙ୍କ ସହଯୋଗୀ, ଜଳ ସେଚନ ପ୍ରକଳ୍ପ, ରେଳପଥ ବିକାଶ, କ୍ରୀଡ଼ାର ପ୍ରସାର, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଦିରେ ନିଷ୍ପାପର ଭୂମିକା ସମ୍ପର୍କରେ ଆଲୋକପାତ କରି ଅତିଥିମାନେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପୂର୍ବକ ମତବ୍ୟକ୍ତ କରିଥିଲେ। ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମହନଗର ନିଗମର ମେୟର ଶ୍ରୀ ସିଂହ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ପାରଳା ମହାରାଜାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ସେ କିପରି ଶିକ୍ଷା, ସାମାଜିକ ସଂସ୍କାର ଏବଂ ଗରିବଙ୍କ କଲ୍ୟାଣ ଉପରେ ଧ୍ୟାନ ଦେଇଆସୁଥିଲେ ଏବଂ ତାଙ୍କର ଏହି ଦାନଶୀଳ କାର୍ଯ୍ୟ ପାଇଁ ସେ କିପରି ପରିଚିତ ଥିଲେ,ସେ ସମ୍ପର୍କରେ ଶ୍ରଦ୍ଧାଞ୍ଜଳି ପୂର୍ବକ ମତବ୍ୟକ୍ତ କରିଥଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚୌଦ୍ୱାର -କଟକ ବିଧାୟକ ସୌଭିକ ବିଶ୍ୱାଳ କହିଲେ ଯେ ନୂତନ ଓଡ଼ିଶା ଗଠନରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ପାରଳା ମହାରାଜା ଏବଂ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ସେ ଯଦିଓ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ଅଞ୍ଚଳର ମହାରାଜା ଥିଲେ କିନ୍ତୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରିବା ଆନ୍ଦୋଳନରେ ସେ ପ୍ରମୁଖ ନେତୃତ୍ୱ ଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଲେ ଯେ ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେବା ସହ ଓଡ଼ିଆ ଭାଷାର ସମ୍ମାନ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିସହ ଓଡ଼ିଶାର ବରପୁତ୍ର, ମହାପୁରୁଷ ମାନଙ୍କର ଜନ୍ମ ଜୟନ୍ତୀ ମହାସମାରୋହରେ ପାଳନ କରାଯିବାର ଆବଶ୍ୟକତା ମଧ୍ୟ ରହିଛି ବୋଲି ଦର୍ଶାଇ ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ମହାରାଜାଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ସ୍ପଷ୍ଟଭାବେ ଜିଲ୍ଲାପାଳ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମର ଆୟୁକ୍ତ ଶ୍ରୀ ପାତ୍ରଙ୍କ ସମେତ କର୍ପୋରେଟର୍ ପ୍ରଜ୍ଞା ବେଉରା, ଶୁଭାଶିଷ କୁମାର ପଟ୍ଟନାୟକ, ମିନା ସାହୁ, ଚୌଧୁରୀ ସୁବ୍ରତ ଘଡ଼ାଇଙ୍କ ସମେତ କଟକ ମହାନଗର ନାଗରିକ ମହାସଭା ସଭାପତି ଡ. ରବି ରଞ୍ଜନ ସାହୁ, ନୀଳଚକ୍ର ଅନୁଷ୍ଠାନ ଉପଦେଷ୍ଟା ବ୍ରଜ ନନ୍ଦ ପ୍ରମୁଖ ଉପସ୍ଥିତ ରହି ନବ ଉତ୍କଳର ନିର୍ମାତା ପାରଳା ମହାରାଜାଙ୍କ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଗଜପତି ମହାରାଜାଙ୍କ ଜୀବନୀ ସମ୍ବନ୍ଧିତ ସୂଚନା ଫଳକ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳ ସେଠାରେ ଉପସ୍ଥିତଥିବା ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ କରି ଏହିଭଳି ସଭା ଆୟୋଜିତ ହୋଇଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲ୍ଲାପାଳଙ୍କ ଭୂୟସୀ ପ୍ରଶଂସା କରାଯାଇଥିଲା। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ୍ ଦେଇଥିଲେ।

କଟକ ମହାନଗର ନାଗରିକ ମହାସଭା: ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅନ୍ୟତମ କର୍ଣ୍ଣଧାର, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଓଏମ୍‌ପିଛକସ୍ଥ ଶିଶୁ ଉଦ୍ୟାନଠାରେ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପାରଳା ମହାରାଜା ଜଣେ ଦେଶପ୍ରେମୀ, ଭାଷାପ୍ରେମୀ, ସୁଶାସକ, ପ୍ରଜାବତ୍ସଳ ରାଜା ଥିଲେ। ଓଡ଼ିଶାର ଅଂଶଗୁଡ଼ିକୁ ଯୋଡ଼ି ସ୍ୱତନ୍ତ୍ର ଉତ୍କଳ ରାଜ୍ୟ ଗଠନ ନିମନ୍ତେ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସମରେନ୍ଦ୍ର ଘୋଷ, ସୁରେନ୍ଦ୍ରନାଥ ଛୋଟରାୟ, ଡ.ବସନ୍ତ ମଞ୍ଜରୀ ନନ୍ଦ, ନିବାସ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ପଣ୍ଡା, ଗଜେନ୍ଦ୍ର ପାଣି, ମାଧବ ମିଶ୍ର, ଶ୍ୟାମସୁନ୍ଦର ସାହୁ, ଶରତ ଦାସ, ଲକ୍ଷ୍ମୀଛଡ଼ା, ପ୍ରଶାନ୍ତ ନାୟକ, ଅଶ୍ୱିନୀ ସେଠୀ, ଅରୁଣ ଅଗ୍ରୱାଲ ଓ ମୈତ୍ରୀ ଖଣ୍ଟିଆ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

ଖୋର୍ଦ୍ଧା: ପିଲା ଦିନରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ସୁଖ, ପ୍ରାଚୁର୍ଯ୍ୟ, ରାଜକୀୟ ଐଶ୍ୱର୍ଯ୍ୟ ଛାଡ଼ି ସାଧାରଣ ଲୋକଙ୍କ ସହ ମିଶୁଥିଲେ। ଲୋକଙ୍କ ସମସ୍ୟା କ'ଣ ଅଛି ସେ ସମ୍ବନ୍ଧରେ ଅବଗତ ହୁଅନ୍ତି। ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଗଢ଼ିବାରେ ଉତ୍କଳମଣି ଗୋପବନ୍ଧୁ, ମଧୁସୂଦନ ଦାସ ଏବଂ ଫକୀରମୋହନ ସେନାପତିଙ୍କ ସହ ଉତ୍କଳ ସମ୍ମିଳନୀରେ ସେ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ୧ ଏପ୍ରିଲ ୧୯୩୬ ମସିହାରେ ଓଡ଼ିଶାକୁ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ଦେବାରେ ଗଜପତିଙ୍କ ଅତୁଳନୀୟ ଅବଦାନ ପାଇଁ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀ କୃଷ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜୟନ୍ତୀରେ ମୁଖ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରକାଶ କରିଛନ୍ତି। ଓଡ଼ିଶାର ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଏମକେସିଜି ଭେଷଜ ମହାବିଦ୍ୟାଳୟ, ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ୍, ସିଆର୍‌ଆର୍‌ଆଇ, ଉତ୍କଳ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସହ ଜଳସେଚନ, କ୍ରୀଡ଼ା ଆଦି କାର୍ଯ୍ୟକ୍ରମ ବିକଶିତ ଓଡ଼ିଶା ଗଠନରେ ଗଜପତିଙ୍କ ଅନବଦ୍ୟ ପ୍ରଚେଷ୍ଟା ଚିର ସ୍ମରଣୀୟ ହୋଇ ରହିବ ବୋଲି କହିବା ସହ ତାଙ୍କର ତ୍ୟାଗ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ସୁଖ୍ୟାତି ଅର୍ଜନ କରିବ ବୋଲି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ, ସାହିତ୍ୟିକ, ଲେଖକ ତଥା ଅବସରପ୍ରାପ୍ତ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଗୋପାଳ କୃଷ୍ଣ ଦାସ ଯୋଗଦେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଇତିହାସରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଙ୍କ ତ୍ୟାଗ, କର୍ତ୍ତବ୍ୟ ସର୍ବାଗ୍ରେ ରହିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ମହାରାଜାଙ୍କର ଖୋର୍ଦ୍ଧା ମାଟି ସହ ନିବିଡ଼ ସମ୍ପର୍କ ଥିଲା। ଓଡ଼ିଶାର ଅସ୍ମିତା, ଭାଷା, ସାହିତ୍ୟକୁ ମଜଭୁତ୍ ପାଇଁ ମୟୂରଭଞ୍ଜ ରାଜାଙ୍କ ସହ ସେ ନିବିଡ଼ ସମ୍ପର୍କ ରଖିଥିଲେ। ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଁ ସେ ଖୁବ୍ ପ୍ରଚେଷ୍ଟା ଓ ଲଢ଼େଇ କରିଥିଲେ। ତାଙ୍କର ବ୍ୟକ୍ତିତ୍ୱ ଅନନ୍ୟ ଓ ଅସାଧାରଣ ବୋଲି ବକ୍ତବ୍ୟରେ ଉପସ୍ଥାପନ କରି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଉତ୍କଳୀୟ ଭଲପାଇବା ଓ ନିଜ ମାଟିକୁ ଭଲପାଇବା ଦିବସରେ ସମସ୍ତଙ୍କ ପାଇଁ ଧେୟ ହେଉବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଯୋଗଦେଇ ଗଜପତି ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଦେବଙ୍କ ତ୍ୟାଗ ଆଦର୍ଶରେ ବ୍ରତୀ ହେଲେ ଆମ ରାଜ୍ୟ ଏକ ସୁନ୍ଦର ଓଡ଼ିଶା ଭାବେ ଗଢ଼ି ଉଠିବ ବୋଲି କହିଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସମ୍ମାନିତ ଅତିଥି ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଗଜପତିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସଭା ସଂଚାଳନ ସହ ସ୍ୱାଗତ ଭାଷଣ ଓ ଧନ୍ୟବାଦ୍ ଦେଇଥିଲେ।

କଳିଙ୍ଗ ପାଇକ ସଂଗଠନ: ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଚିର ସ୍ମରଣୀୟ। ତାଙ୍କର ପ୍ରଗାଢ଼ ଉଦ୍ୟମ ଯୋଗୁଁ ଆଜିର ଗଜପତି ଜିଲ୍ଲା, ଅବିଭକ୍ତ କୋରାପୁଟ ଜିଲ୍ଲାର କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ଓଡ଼ିଶା ସହିତ ରହିବା ସମ୍ଭବ ହେଲା ବୋଲି ମତ ପ୍ରକାଶ ପାଇଛି। କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ନବୀନାବାଗ ସ୍ଥିତ କାର୍ଯ୍ୟାଳୟଠାରେ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଲଣ୍ଡନ ଯାଇ ଗୋଲଟେବୁଲ ବୈଠକରେ ଯୋଗ ଦେଇ ସ୍ୱତନ୍ତ୍ର ପ୍ରଦେଶର ରୂପ ରେଖ କରିଥିବା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଛି। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରି ପାରଳା ମହାରାଜାଙ୍କ ଅବଦାନ ପାଇଁ ସମଗ୍ର ଓଡ଼ିଶା ଜାତି ତାଙ୍କ ନିକଟରେ ଋଣୀବୋଲି କହିଥିଲେ। ଏହି ସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଆଇନଜୀବୀ ବସନ୍ତ କୁମାର ଦାଶ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଫ୍ଲାଇଟ୍ ଲେଫ୍ଟନାଣ୍ଟ ବିଦ୍ୟାଧର ଲେଙ୍କା, କବି ବିନାୟକ ପାଇକରାୟ, ଲକ୍ଷ୍ମୀଧର ସାମନ୍ତରାୟ, ନିରାକାର ଜେନା ଓ ସୁଷମା ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇ ଗଜପତିଙ୍କ ଅବଦାନ ସ୍ମରଣ କରିଥିଲେ। ଏବେ ବି ଅନ୍ୟ ରାଜ୍ୟମାନେ ଓଡ଼ିଶାର ସୀମାନ୍ତ ଗ୍ରାମକୁ ଦଖଲ କରୁଥିବାର ଉଦ୍‌ବେଗ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଗତିକୃଷ୍ଣ ଉତ୍ତରକବାଟ ଧନ୍ୟବାଦ ଦେଇଥିଲେ।

## ପହଲଗାମ୍ ଆକ୍ରମଣକାରୀଙ୍କୁ ଦୃଢ଼ ନିନ୍ଦା

**କଟକ,୨୬/୪/ଏନ୍‌ଏନ୍‌ଏସ୍:** କାଶ୍ମୀରର ପହଲଗାମରେ ଭାରତୀୟ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀଙ୍କ ଆକ୍ରମଣକୁ ରାଜ୍ୟ ମାଇନରିଟି ସଂଘ (ଆରଏମ୍‌ଏସ୍) ପକ୍ଷରୁ ଦୃଢ଼ନିନ୍ଦା କରାଯାଇଛି। ସଂଘର ଆବାହକ ପ୍ରଫେସର ଡାକ୍ତର ସମୀ ସଲୀମଙ୍କ ନେତୃତ୍ୱରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର



ସଦଗତି ନିମନ୍ତେ ଭକ୍ତିପୂତ ଶ୍ରଦ୍ଧାଳି ଜ୍ଞାପନ କରି ଶାନ୍ତିପୂର୍ଣ୍ଣ ଭାବେ ଶତାଧିକ କର୍ମକର୍ତ୍ତାଙ୍କ ସହ ଏକ ମହମବତୀ ଶୋଭାଯାତ୍ରା ଜରିଆରେ ଦରଘାବଜାର ସ୍ଥିତ ଜେଲ ରୋଡରୁ ବାହାରି ଅମରେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ ମୁନ୍ତାକିମ ବକ୍ସ, ମହମ୍ମଦ ଆସିଫ୍, ଆଇନଜୀବୀ ଫିରୋଜ ଖାଁ, କମରୁଦ୍ଦିନ ସାହେବଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ଯୁବ କର୍ମୀ ଉପସ୍ଥିତ ରହି ପାକିସ୍ତାନ ମୁର୍ଦ୍ଦାବାଦ, ଭାରତ ଜିନ୍ଦାବାଦ ନାରା ଦେଇଥିଲେ।

## ପହଲଗାମ୍ ଆକ୍ରମଣ ଘଟଣା: ସମୂହ ଦୀପଦାନ



**କଟକ,୨୬/୪/ଏନ୍‌ଏନ୍‌ଏସ୍:** ପହେଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୭ ଜଣ ପ୍ରାଣହରାଇଥିବା ଭାରତୀୟ ପର୍ଯ୍ୟଟକ ଆତ୍ମାର ସଦ୍‌ଗତି ପାଇଁ ସ୍ଥାନୀୟ ସିଡିଏ ୬ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ସମୂହ ଦୀପଦାନ ଓ ନୀରବ ପ୍ରାର୍ଥନା କରାଯାଇଛି। ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ସଂଯୋଜନା ଓ ପରିଚାଳନାରେ ଅନୁଷ୍ଠିତ ସଭାରେ ଦୟାନିଧି ଲେଙ୍କା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ହିନ୍ଦୁ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସ୍ୱାମୀ ବିଜୟାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ରୂପେ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ବିଜେପି ନେତ୍ରୀ ଗୀତା ଦାସ, ପ୍ରାକ୍ତନ ଡିଏସ୍‌ପି ବଙ୍କିମ ଚନ୍ଦ୍ର ମହାନ୍ତି ଯୋଗ ଦେଇ ଦୀପଦାନ, ପୁଷ୍ପଗୁଚ୍ଛ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ପଟ୍ଟନାୟକ, ବିଭୁପ୍ରସାଦ ପୃଷ୍ଟି, ଧରଣୀ ପଟ୍ଟନାୟକ, ନକୁଳ ଚନ୍ଦ୍ର ମହାରଣା, ଆଦିତ୍ୟ କୁମାର ଜେନା, ଅଭିଷେକ ସାହୁ, ଦୈତାରୀ ନାୟକ, ପ୍ରଭାସ ଚନ୍ଦ୍ର ମହାନ୍ତି, ପ୍ରଭାକର ରଥ, ଶିଶିର କୁମାର ତ୍ରିପାଠୀ, ବାମଦେବ ରଥ, ଆଲୋକ ରାଉତରାୟ, ବୀଣାପାଣି ତ୍ରିପାଠୀ ଓ ପଣ୍ଡିତ ଶଙ୍କର୍ଷଣ ଦେବତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଆମ ପାନ୍ନା ବଣ୍ଟନ



**କଟକ,୨୬/୪/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଲାୟନ୍ସ କ୍ଲବ କଟକ ପେଟାଲ୍ସ ପକ୍ଷରୁ ହରିପୁରରୋଡ୍‌ଠାରେ ଜଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଆଜି ପ୍ରଥମ ଦିନରେ 'ଆମ ପାନ୍ନା' ଆମ୍ବ ମିଶ୍ରିତ ସ୍ୱାଦଯୁକ୍ତ ପାଣି ପ୍ରାୟ ୧୩ ଶହରୁ ଊର୍ଦ୍ଧ୍ୱ ଗ୍ଲାସ ଲୋକମାନଙ୍କୁ ବଣ୍ଟନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ଥିବା ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଏହି ଶିବିର କାର୍ଯ୍ୟ କରିବ। ଆସନ୍ତାକାଲି ଲେମ୍ବୁ ପାଣି ବଣ୍ଟନ କରାଯିବା ସହ ଆଗାମୀ ଦିନରେ ତରଭୁଜ, ଗାମୁଛା, ଟୋପି, ଚଷମା ଆଦି ବଣ୍ଟନ କରାଯିବ ବୋଲି ଲାୟନ୍ସ କ୍ଲବ କଟକ ପେଟାଲ୍ସ ପକ୍ଷରୁ ଅଧ୍ୟକ୍ଷ କୁମୁଦ ଅଗ୍ରୱାଲ, ପୂର୍ବତନ ଅଧ୍ୟକ୍ଷ କିରଣ ଚନାନୀ, ସମ୍ପାଦିକା ରିଙ୍କି ଅଗ୍ରୱାଲ ଏବଂ ଅନା ଛାପୋଲିଆ ପ୍ରମୁଖ ସୂଚନା ଦେଇଛନ୍ତି।

## ନୃସିଂହ ଚରଣ ସାହୁଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା



**କଟକ,୨୬/୪/ଏନ୍‌ଏନ୍‌ଏସ୍:** ମହାନଦୀ ଭବନଠାରେ କଟକ ମହାନଗର ନାଗରିକ ପରିଷଦର ମୁଖ୍ୟ ପୃଷ୍ଠପୋଷକ ଓ ଉପଦେଷ୍ଟା ତଥା ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ଆହୁତ ତଥା କଟକ ମହାନଗର ନାଗରିକ ପରିଷଦ ପକ୍ଷରୁ ସଭାପତି ରବି ନାରାୟଣ ଶତପଥିଙ୍କ ସଭାପତିତ୍ୱରେ ୨୨ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସ୍ୱର୍ଗତ୍ ନୃସିଂହ ଚରଣ ସାହୁଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ କଟକ ମହାନଗର ପୂଜା କମିଟିର ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ସିଏମ୍‌ସି ମେୟର୍ ସୁବାସ ସିଂହ, ଡେପୁଟି ମେୟର୍ ଦମୟନ୍ତୀ ମାଝୀ, ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ପ୍ରଫେସର୍ ବୈଷ୍ଣବ ଚରଣ ସାମଲ, ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ତୃପ୍ତିଲତା ସାହୁ, ପ୍ରିୟଦର୍ଶୀ ବିଶ୍ୱାଳ, ଇଂ. କିଶୋର ଚନ୍ଦ୍ର ମହାନ୍ତି, ପ୍ରଦୀପ ସାହୁ, ଅମରେନ୍ଦୁ ମହାନ୍ତି, ଶରତ ଚନ୍ଦ୍ର ପ୍ରଧାନ, ଏସ୍‌ସିବି ରବି ନାରାୟଣ ମହାନ୍ତି, ସରୋଜ କୁମାର ମହାନ୍ତି, ଚତୁର୍ଭୁଜ ମହାପାତ୍ର, ରମାକାନ୍ତ ଲେଙ୍କା, ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ, ଜ୍ଞାନ ରଞ୍ଜନ ଦାସ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, କର୍ପୋରେଟର୍ ଇଂ. ସୁବ୍ରତ ଘଡ଼ାଇ, ସ୍ୱର୍ଣ୍ଣପ୍ରଭା ପଶାୟତ, ସୌଭାଗିନୀ ଜେନା, ଝିଲ୍ଲୀ ବିହାରୀ, ଗୋପାଳ ବେହେରା, ସୁଶାନ୍ତ ଘୋଷ, ରାକେଶ ମହାନ୍ତି, ପୂର୍ଣ୍ଣେନ୍ଦୁ ଦାସ, ବିଷ୍ଣୁ କର, ପ୍ରମୋଦ ଦାସ ଓ ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଭେଣ୍ଡିଂ ଜୋନ୍ ସ୍ଥାପନ ମାମଲା**

## କଟକ ମହାନଗର ନିଗମକୁ ହାଇକୋର୍ଟଙ୍କ ନୋଟିସ୍

କଟକ,୨୬/୪/ଏନ୍‌ଏନ୍‌ଏସ୍: ଯୋବ୍ରା ନିକଟସ୍ଥ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପାର୍ଶ୍ୱରେ ଭେଣ୍ଡିଂ ଜୋନ୍ ସ୍ଥାପନାକୁ ବିରୋଧ କରି ଏ ସମ୍ପର୍କିତ ଆଗତ ମାମଲାରେ ହାଇକୋର୍ଟ କଟକ ମହାନଗର ନିଗମକୁ ନୋଟିସ୍ ଜାରି କରିଛନ୍ତି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କାଉନ୍‌ସିଲ୍ ସଭାପତି ଶ୍ରାବଣୀ ସାହୁ, ସମ୍ପାଦକ ଅରୂପ୍ କୁମାର ଦେ ଓ ଉପସଭାପତି ଅମ୍ବିକା ପ୍ରସାଦ ଜେନାଙ୍କ ପକ୍ଷରୁ ଆଗତ ଜନହିତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଏମ୍‌ସିକୁ ଜବାବ ତଲବ କରିଛନ୍ତି। ଆସନ୍ତା ୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ବଜ୍ରାଘାତରେ ଜଳିଗଲା ନଡ଼ିଆ ଗଛ

**ଖୋର୍ଦ୍ଧା,୨୬/୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଘମାରି ଗ୍ରାମର ଗୌଡ଼ ସାହିର ସିରିଆ ବେହେରାଙ୍କ ଘର ସମ୍ମୁଖରେ ବଜ୍ରାଘାତ ହେବାରୁ ଏକ ନଡ଼ିଆ ଗଛ ଜଳିଯାଇଛି। ଏହି ସମୟରେ ଯଦିଓ ଗ୍ରାମରେ ଲୋକେ ଚଳପ୍ରଚଳ ହେଉଥିଲେ ତେବେ କାହାରି କ୍ଷତି ହୋଇନଥିବା ଜଣାପଡ଼ିଛି। ଗ୍ରାମରେ ଅନେକ ଚାଳ ଘର ରହିଥିବାବେଳେ ବିଜୁଳିର ଏହିପରି ତାଣ୍ଡବ ଦେଖି ଲୋକେ ଭୟଭୀତ ହୋଇଯାଇଛନ୍ତି। ସୂଚନା ଯୋଗ୍ୟ ଶନିବାର ଅପରାହ୍ଣ ୪ଟାରେ ବିଜୁଳି ଘଡ଼ଘଡ଼ି ମାରିବା ସହିତ କାଳ ବୈଶାଖୀ ହୋଇଥିଲା। ସେହି ସମୟରେ ଲୋକେ ଯିଏ ଯୁଆଡ଼େ ରହିଥିଲେ ଘରମୁହାଁ ହୋଇଥିଲେ। ଘରକୁ ଯିବା ସମୟରେ ଅଚାନକ ପ୍ରଚଣ୍ଡ ଶବ୍ଦ ହୋଇ ବାଘମାରି ଅଞ୍ଚଳକୁ ଆଲୋକିତ କରିଦେଇଥିଲା। ସେହି ସମୟରେ ପାଖରେ ଥିବା ଏକ ନଡ଼ିଆ ଘଛ ଅଚାନକ ଜଳିବାକୁ ଲାଗିଥିଲା। ଏହା ଦେଖି ଲୋକେ ଭୟଭୀତ ହୋଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଅଗ୍ନିକୁ ଆୟତ କରିଥିବା ସୂଚନା ମିଳିଛି।



# ଟୁଉକୁ ମୂଷି



ମନୋଜ କୁମାର ମହାପାତ୍ର

'ଟୁଉକୁ ମୂଷି ଟୁଉକୁ ମୂଷି, ଧାନ ଭରଣକ ଖାଉଥା ବସି, ଧାନ ଛଡେଇ ଚାଉଳ ଖାଆ, ଫୁର୍‌କିନା ଉଡି ଯାଆ' ପାକୁଆ ପାଟିରେ ଜେଜେମା' ଦଶମାସର ନାତୁଣୀ ରେଖାକୁ ଚାହିଁ ଏକଦା ହସରେ ଫାଟି ପଡୁଥିଲେ। ପୁଣି ତା'କୁ କାଖେଇ ବାଡ଼ିଦୁଆର ପାଖରେ ନଡ଼ିଆ ଗଛ ଡେଙ୍ଗା ଗଣ୍ଡିରେ ଦ୍ରୁତ ବେଗରେ ଧାଉଁଥିବା ଗୁଣ୍ଡୁଚିମୂଷାକୁ ଦେଖେଇଦେବା କ୍ଷଣି ନାତୁଣୀକୁ ସମ୍ଭାଳିବା ଜେଜେମା' ପାଇଁ ହୁଏ ସଂଘର୍ଷମୟ। ନାତୁଣୀ କାଖରୁ ଓହ୍ଲାଇ ଗୁଣ୍ଡୁଚିମୂଷା ପାଖକୁ ଯିବାର ପ୍ରବଳ ଚେଷ୍ଟା ଓ ତା'କୁ ଜାବୁଡି ଧରିବାର ଜେଜେମା'ର ଧଇଁସଇଁ ଅବସ୍ଥା ଭିତରେ ଯେଉଁ ସଂଘର୍ଷ ଉତ୍ପନ୍ନ ହୁଏ, ତାକୁ ନା ବୁଝିପାରେ ନାତୁଣୀ ନା ଗୁଣ୍ଡୁଚିମୂଷା। କିନ୍ତୁ ବିଚାରୀ ଜେଜେମା'ର ହଲକ ଶୁଖିଯାଏ ସେହି ମୁହୂର୍ତ୍ତରେ କାଳେ ନାତୁଣୀ କାଖରୁ ଖସିପଡି ଲହୁଲୁହାଣ ହେଇଯିବ ? ସତୁରି ବର୍ଷର ବୁଢ଼ୀ ଯେ ସେ, ଆଉ ବୟସ ଆସୁଛି ଯେ ତାକୁ ସମ୍ଭାଳିବ ? ଚାଲିବାବେଳେ ବାଡ଼ିଟିଏ ଯା'ର ସାହାରା ସେ ପୁଣି ଯାକୁ ସମ୍ଭାଳିବ ! ତଥାପି ତାକୁ ସେ ଛାଡିପାରେନା।

ଇୟେ କି ପ୍ରକାର ଆକର୍ଷଣ ନା ମମତାର ଆସକ୍ତି ? କୁନି କୁନି ହାତରେ ଟୁଉକୁ ମୂଷି.....ଟୁଉକୁ ମୂଷି କରି ଦି'ହାତକୁ ଉପରକୁ ଟେକି ଦେବାର ଭଙ୍ଗୀ ଏମିତି ଜେଜେମା'କୁ ଉଲ୍ଲସିତ କରେ ଯେ ସତେକି ସେ ଅନନ୍ତ ଆକାଶକୁ ଉଡିଯାଉଛନ୍ତି !! ଏଇ ଯେଉଁ ଆନନ୍ଦ ଟିକକ ଭିତରେ ସେ ନିଜକୁ ହଜାଇ ଦିଅନ୍ତି ତା'ର ସ୍ୱାଦ କେବଳ ଜେଜେମା'ମାନେ ବୋଧହୁଏ ବୁଝନ୍ତି।

ସମୟର ଅପ୍ରତିରୋଧ୍ୟ ସ୍ରୋତରେ କିଏ ବା ଗୋଟିଏ ବିନ୍ଦୁରେ ଅଟକିଯାଇ ପାରିବ ଚିରକାଳ ପାଇଁ। ଏମିତି ଯଦି ସମ୍ଭବ ହେଉଥାନ୍ତା ତେବେ ଜେଜେମା' ଓ ନାତୁଣୀ ରେଖା କେବେ ବି ଏବର 'ଟୁଉକୁ ମୂଷି' ସ୍ତରରେ ପହଞ୍ଚିପାରି ନଥାନ୍ତେ। ଏବେ ରେଖା ଗାଁ ସ୍କୁଲ୍‌ରେ ପଢିଲେଣି। ନିତି ଜେଜେମା' ତାକୁ କାଖେଇ ସ୍କୁଲ୍‌ରେ ଛାଡ଼ନ୍ତି ଏବଂ ଆଣନ୍ତି। କିନ୍ତୁ ଜେଜେମା' ଏମନ୍ତ ନିତିଦିନିଆ ଅଭ୍ୟାସଟାକୁ କେତେଦିନ ରଖିପାରିବେ ? ରେଖା ପରା ଏବେ ଦୁଇ ମାଇଲ ଦୂରସ୍ଥ ଦୋଳସାହି ହାଇସ୍କୁଲ୍‌ରେ ପାଠ ପଢିଲେଣି। ତାକୁ କାଖେଇ ସ୍କୁଲ୍ ନେବାର ବେଳ ପରା ଅତୀତର ଖସ୍ପା କୁହୁଡି ଭିତରେ କେବେଠୁଁ ଲୁଚିଗଲାଣି।

ଜେଜେମା' ସିନା ତାକୁ ଆଉ କାଖେଇ ପାରିଲେନି କିନ୍ତୁ ବାଡ଼ିଟିଏ ଠୁକ୍ ଠୁକ୍ କରି ଗାଁ ମୁଣ୍ଡ ଶ୍ମଶାନ ପର୍ଯ୍ୟନ୍ତ ବାଟେଇଦେଇ ଆସନ୍ତି, ପୁଣି ଦ୍ୱିପହର ବେଳକୁ ସେହି ଶ୍ମଶାନ ନିକଟରେ ତା'ର ଆସିବା ବାଟକୁ ଚାହିଁ ବସିଥାନ୍ତି। ରେଖା ହାତରୁ ବସ୍ତାନି ନେଇ ନିଜ କାନ୍ଧରେ ଝୁଲାଇ କେତେ କ'ଣ ଗପି ଗପି ଉଲ୍ଲସିତ ପାଦରେ ଘରକୁ ଫେରନ୍ତି।

ନାତୁଣୀର ସ୍କୁଲ ଯିବା ଓ ଫେରିବା ଭିତରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୁଏ, ତାହା ଅସରନ୍ତି ପ୍ରତୀକ୍ଷାର ଗୋଟାଏ ଲେଖାଏଁ ଭୟାକୁଳ ମୁହୂର୍ତ୍ତ ଭଳି ଅନୁଭୂତ ହୁଏ ଜେଜେମା'ଙ୍କ ପାଇଁ। ଯଦି ନିର୍ଘଣ୍ଟ ସମୟରେ ନାତୁଣୀ ସ୍କୁଲ୍‌ରୁ ନଫେରିଲା ତେବେ କଥା ସରିଲା, ସ୍କୁଲ୍ ଆଡକୁ ତାଙ୍କର କ୍ଷୀପ୍ର ଗତିରେ ଚାଲିବା ଆରମ୍ଭ ହେଇଯିବ। ହଁ ପରା, ଏକଦା ରେଖାର ଫେରିବା ସାମାନ୍ୟ ଡେରି ହେବାରୁ ଜେଜେମା' ଯାଇକି ହାଇସ୍କୁଲ୍ ଫାଟକ ପାଖରେ 'ଟୁଉକୁ ମୂଷି'.... 'ଟୁଉକୁ ମୂଷି' କହି ରଡ଼ି ଛାଡିଲେ। ରେଖାକୁ ଲାଜ ଲାଗିଲା। ସେ ଦୌଡ଼ିଆସି ଜେଜେମା' ପାଟିରେ ହାତ ଗେଞ୍ଜି କହିଲା - ଆଲୋ ଜେଜେମା' ! ତୋ ମୁହଁକୁ ଟିକେ ଲାଜ ସରମ ନାହିଁ। ଦେଖୁନୁ ମୋ ସାଙ୍ଗମାନେ କେମିତି ନାକରେ ହାତଦେଇ କିରିକିରି ହସୁଛନ୍ତି ?

ମୋତେ ରେଖା ବୋଲି ଡାକିଲୁନି ? 'ଟୁଉକୁ ମୂଷି' ବୋଲି ଏଠାରେ ନଡାକିଥିଲେ ହେଇନଥାନ୍ତା ?

ଜେଜେମା' ଆଉ କହିବେ କ'ଣ ? ହସି ହସି କହିଲେ - ହଉ ହେଲା, ଚାଲ ଉଛୁର ହେଲାଣି। କିନ୍ତୁ ନାତୁଣୀକୁ ଧରି ଘରକୁ ଫେରିବା ବାଟରେ ଭାବୁଥିଲେ - ଯାକୁ ଏବେ ଲାଜ ଘାରିଲେଣି, ବଡ଼ ହେଲେଣି ତ ?

ହଁ ସତରେ ତ। ଇୟା ଭିତରେ ରେଖା ସମୟ ସ୍ରୋତର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ଏମିତି ବଡ଼ ହେଇଗଲା ଯେ ଗୁଣ୍ଡୁଚିମୂଷା ଭଳି ଘରପଛ ଡେଙ୍ଗା ନଡ଼ିଆଗଛର ଅଗକୁ ଚଢ଼ି ବାହୁଙ୍ଗା ଉହାଡ଼ରେ ସେ ଲୁଚିଗଲା। ବିଚରା ଜେଜେମା' ଜଳକା ପରି ଅନେଇଛି, ଇଆଡ଼େ ନାତୁଣୀ ରେଖା ଯାଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ।

ନାତୁଣୀ ସିନା ଆଖି ସାମ୍ନାରୁ ଅଲଗା ହେଇଗଲା କିନ୍ତୁ ଜେଜେମା' ନିପଟ ମଫସଲି ଗାଁରେ ରହି ବି ତା'ର ଟୁଉକୁ ମୂଷିକୁ ନିତି ଦେଖୁଥିଲା ନିଜ କଳ୍ପିତ ଆଖିରେ।

କେମିତି ନ ଦେଖିବେ କହିଲ ? ଜନ୍ମ ହେଉ ହେଉ ତା' ମା ଛୁତିକା ଦୋଷର କଷଣ ଯୋଗୁ ଆଖି ବୁଜିଲା। ସେତେବେଳେ ଆଜିକା ପରି କ'ଣ ଡାକ୍ତରଖାନା ଗାଁ ଗଣ୍ଡାରେ ଥିଲା କି ? ଜେଜେମା' ଯଦି ନିଜ ଛାତିରେ ତାକୁ ଆଉଜେଇ ନନେଇଥାନ୍ତେ, ତା'ର କୁଆଁ କୁଆଁ ରାବ କ'ଣ ବନ୍ଦ ହେଇଥାନ୍ତା ?

ସେଥିପାଇଁ ଜେଜେମା'ଙ୍କର ନଜର ଚିଆଁକୁ କୁକୁଡ଼ା ଜଗିବା ଭଳି ନାତୁଣୀ ଉପରେ ସଦା ରହିଥାଏ, ଯେମିତି ରେଖା ଗାଁ ମୁଣ୍ଡ ଶ୍ମଶାନ ଆଡ଼େ ଏକେଲା ନଯାଏ। ହେଲେ କ'ଣ ହେବ ? ଛୁଆଙ୍କୁ ଆକଟ କରିବା ଭାରି କଷ୍ଟ। ସମବୟସୀ ଛୁଆଙ୍କ ସହିତ ଖେଳୁ ଖେଳୁ ଦିନେ ଜେଜେମା'ଙ୍କ ଅଜାଣତରେ ଶ୍ମଶାନ ଭିତରକୁ ପଶିଗଲା ରେଖା ବଇଞ୍ଚ କୋଳି ତୋଳିବାକୁ।

ଜେଜେମା'ଙ୍କୁ ଆଉ କିଏ ସମ୍ଭାଳେ ? ହାଉଳି ଖାଇ ଦୌଡିଲେ ଶ୍ମଶାନ ଆଡକୁ। ରେଖାକୁ କାଖେଇ ନେଇ ଆଣିଲେ ସତ, କିନ୍ତୁ ଜ୍ୱରର ତାତି କିଛି ସମୟରେ ବଢିବାକୁ ଲାଗିଲା, ଏଣ୍ଡୁତେଣ୍ଡୁ ଖାଲି ପ୍ରଳାପକଲା ରେଖା।

ଜେଜେମା' ବୁଝିଗଲେ - ମୁଁ ଜାଣେପରା ସେଇ ପୋଡ଼ାମୁହିଁର ନଜର ଇୟା ଉପରେ ପଡିଲା। ଆଲୋ ପେଟିନୀ, ତୁ ତ ତାକୁ ଜନ୍ମ ଦେଉ ଦେଉ ମଲୁ, ତା' ଉପରେ ନଜର କାହିଁକି ରଖିଛୁ ଲୋ କଳାକାନି। ମା' ସରାଗ ଦେଖାଉଛୁ, ରହ ପାନେ ଦେଉଛି ତତେ ଆଜି।

ଦାଣ୍ଡ ଦୁଆରରେ ଠିଆହେଇ ସେ ଭାବ ପାଢ଼ୀକୁ ଡାକ ଛାଡିଲେ - ହଇଏ ଭାବନ୍ନା, କଉଁଠି ଅଛ, ଝଅଟି ଆସିଲୁ। ମୋ ରେଖାକୁ ସେଇ ପୋଡାମୁହିଁ ପୁଣି ମାଡି ବସିଛି।

ବୁଢା ଭାବନ୍ନା ଖଣ୍ଡିଏ ଗୋବର ଘଷିଫଡାରେ ମେଞ୍ଚାଏ ଲୁଣ ଧରି ସାଙ୍ଗେ ସାଙ୍ଗେ ହାଜର। ଗୁଣୁ ଗୁଣୁ ହେଇ ମନ୍ତ୍ର ଉଚ୍ଚାରି ଗୋଟିଏ ପିପେଇ କାଠିରେ ସବୁତକ ଲୁଣକୁ ଘାଣ୍ଟିଲେ। ଝିଅ ପାଟିରେ ଟିକେ ଲୁଣ ଖୁଆଇଦେଇ, ସବୁତକ ଲୁଣ ସହିତ ଘଷିଫଡ଼ାକୁ ବାଡ଼ିପଟ ଦର୍ଜା ଖୋଲି ବାହାରକୁ ଫିଙ୍ଗିଦେଇ ବଡ଼ପାଟିରେ ଅସ୍ପଷ୍ଟ ସ୍ୱରରେ କହିଲେ-'ଯା... ଯା....ବାହାର ଏଠୁ, ଶିବ ପାର୍ବତୀର ଆଜ୍ଞା, ବାହାର ଏଠୁ। ଦେଖ ପେଟିନୀ, ଆଉ ଦିନେ ଯଦି ଯାକୁ ମାଡ଼ିବସିବୁନା, ତତେ ସୀମା ପାର କରିଦେବି।'

ସକାଳୁ ସକାଳୁ ଆଉ ଜ୍ୱର ନ ଥିଲା ନାତୁଣୀ ଦେହରେ। ନିଜ ଗୋଡ଼ର ବୁଢା ଆଙ୍ଗୁଳିରୁ ଟିକେ ଧୂଳି ନେଇ ରେଖା କପାଳରେ ମାରି କହିଲେ - ମୋ ଟୁଉକୁ ମୂଷିର ଦେହ ବଜ୍ର ହେଉ। ଗ୍ରାମ ଦେବତୀ ମା' କ୍ଷେତ୍ରପାଳ ତତେ ଘଣ୍ଟ ଘୋଡାଇ ଏମିତି ରଖନ୍ତୁ।

ଜେଜେମା'ର ଅସରନ୍ତି ଦୁଃଖ, ଚୋରମା' ଆଖି ମଳିମଳି କାନ୍ଦିଲା ଭଳି, ସେ ଏକେଲା ଅନେକ କାନ୍ଦନ୍ତି, କିନ୍ତୁ ମନର କଥା କେବଳ ମନରେ ମରେ, ସେ କାହାକୁ କିଛି କହନ୍ତିନି। ଏମିତି ତ ଗାଁ ମଠର ଗଞ୍ଜୋଡ଼ ମହନ୍ତ ପାଲରେ ପଡି ଦିନରାତି ଏକମାତ୍ର ଆଉବାୟା ପୁଅ କୀର୍ତ୍ତନରେ ମାତିଛି, ପୁଣି ବୋହୂର ଅଚାନକ ମରଣ ପରେ ଆଉ ଘରେ ରହୁନି, ଚବିଶ ଘଣ୍ଟା ମହନ୍ତର ବୋକଚାବୁହା ସାଜିଛି।

ନିଜ ଭାଗ୍ୟକୁ ନିନ୍ଦି ଜେଜେମା' ଆଖିରେ ଆଖିଏ ଲୁହଭରି କହନ୍ତି - ଦେଖୁନ ପୁଅଟାକୁ ମୋର। ମୋର ସେ ଏକାଇବାଲା ବିଶିକେଶନ। ମୋ ଗେରସ୍ତର ଦେହାନ୍ତ ହେଲା ମୋ ଜବାନୀ ବୟସରେ। ପୈତୃକ ପାଞ୍ଚମାଣ ଜମିରେ ସୁନା ଫଳାଇ ତାକୁ ଶିକ୍ଷିତ କରିବାରେ ମୋ ମୁଣ୍ଡର ଝାଳ ପାଟିରେ କେତେ ପଶିଛି, କେତେ ଯନ୍ତ୍ରଣା ଭୋଗିଛି, କେତେ ହନ୍ତସନ୍ତ ନ ହେଉଛି ଲୋ ମା'। ଶେଷରେ କୁଳୀନ ବ୍ରାହ୍ମଣ ଝିଅଟିଏ ଯୋଗାଡ଼ କରି ତା'କୁ ବାହା କରାଇଲି। ଏତେ ତ୍ୟାଗର ମୂଲ୍ୟ କ'ଣ ସେ ବୁଝିପାରିଲା ? ନା ନିଜ ସ୍ତ୍ରୀର ହେଇପାରିଲା ନା ଘରର।

ସେଇ ମଠର ଗଞ୍ଜୋଡ଼ ମହନ୍ତ ବାବାଜୀ ପାଲରେ ପଡି ବାଟହୁଡା ହେଇ ମଠରେ ତା'ର ଦିନରାତି ବିତୁଛି। ତିଳକଚିତା ମୁଣ୍ଡ ଓ ଦେହରେ ମାଖି କୀର୍ତ୍ତନରେ ମାତୁଛି। ବୋହୂଟା ପ୍ରସବ ବେଦନାରେ ଛଟିପିଟି ହେଉଥିବାବେଳେ ତାକୁ କେତେ ନେହୁରା ହେଲି ଡାକ୍ତରଖାନାକୁ ନେବା ପାଇଁ।

କିନ୍ତୁ ସେ ପଥରହୃଦୟୀ ଅଲାଜୁକ ଓଲଟା କହିଲାନା କ'ଣନା - 'ମା'ଲୋ ତୁ ଆଦୌ ଚିନ୍ତା କରନା। ଏଇ ନେ, ମହନ୍ତଙ୍କର ମନ୍ତ୍ରିତ କାଞ୍ଜିପାଣି, ତାକୁ ପିଆଇ ଦେ, ପ୍ରସବ ସୁରୁଖୁରୁରେ ହେଇଯିବ। ହରିଙ୍କ ଉପରେ ଭରସା ରଖ।'

କାଞ୍ଜି ପିଆଇଲେ ବି ଯନ୍ତ୍ରଣା କମିଲାନି। ବାଧ୍ୟହେଇ ବୋହୂଟାକୁ ନିଜ କୋଳରେ ଧରି ଗୋଟିଏ ଅଟୋରେ ଡାକ୍ତରଖାନାକୁ ନେଇଗଲି। ଅବଶ୍ୟ ଡାକ୍ତରାଣୀ ବୋହୂକୁ ବଞ୍ଚାଇବା ପାଇଁ ବହୁତ ଚେଷ୍ଟା କଲେ କିନ୍ତୁ ସେ ବଞ୍ଚିଲାନି। ସେଇ ଦିନରୁ ଝିଅଟା ମୋର ଟୁଉକୁ ମୂଷି ସାଜିଛି।

ଇୟା ଭିତରେ ନାତୁଣୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ପାସ୍ କଲା। କେମ୍ପସ ଇଣ୍ଟରଭ୍ୟୁ ମାଧ୍ୟମରେ ପବ୍ଲିକ ସେକ୍ଟର୍‌ର କେନ୍ଦୁଝରରେ ଥିବା ଏକ ବିଶାଳ ମାଇନ୍ସରେ ପର୍ସନେଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଛି। ଜେଜେମା'ର ଖୁସି କହିଲେ ନସରେ ଏବେ। ଠାକୁରଘରେ କୁଳଦେବତା ରଘୁନାଥଙ୍କ ପାଖରେ କଇଁ କଇଁ କାନ୍ଦି କହନ୍ତି - ହେ ପ୍ରଭୁ, ମୋ ଟୁଉକୁ ମୂଷିକୁ ଘଣ୍ଟ ଘୋଡେଇ ଏମିତି ରଖିଥିବ। ପ୍ରଭୁ, ତୁମ କୃପାରୁ ଯାହାହେଉ ମୋ ପିତୃପୁରୁଷଙ୍କର



ଏଇ ଭିଟାମାଟି ସହିତ ପାଞ୍ଚମାଣର ବିଲ ଏଣିକି ସୁରକ୍ଷିତ ରହିବ। ଆଉ ତୁମର ପୂଜା ବି ନିରନ୍ତର ଚାଲିବ।

ନିଜ ଝିଅ ରେଖାର ଚାକିରି ପାଇବାର ସଫଳତାର ଖବର ତା'ର କୀର୍ତ୍ତନିଆ ତିଳକ-ଚିତାଧାରୀ ବାପାକୁ ଖୁସି କରୁଥିବ କି ନାହିଁ ଅବଶ୍ୟ ଜେଜେମା'ଙ୍କୁ ଜଣା ନଥିଲା, କିନ୍ତୁ ସେ ଏବେ ଦିନେ ଆସି ଯାହା କହିଲା, ସେଥିରେ ଜେଜେମା'ଙ୍କର ଫାକାସି ଉଡ଼ିଗଲା। ସତରେ ବଅଁଶ ବୁଡିଲାବେଳେ ଘୋଡ଼ାମୁହାଁ ପୁଅ ଜନ୍ମ ହୁଏ।

ଦିନେ ଅନ୍ଧଭକ୍ତ ପୁଅ କହୁଛି - ଆଲୋ ମା', ଝିଅ ତ ଚାକିରି କଲାଣି, କାଳେ ସେ ମାସକୁ ପଚାଶହଜାର ଟଙ୍କା ଉପରକୁ ଦରମା ପାଇବ। ଆଜି ନୁହେଁ ତ ସେ କାଲି ବାହା ହେଇ ତା'ର ଘରଦ୍ୱାର ବସେଇବ। ତୁ ଆଉ କେତେଦିନ ବଞ୍ଚିବୁ। ମୋ କଥା ଛାଡ଼, ହରିକୃଷ୍ଣ ମୋ ଭରସା। ଜୀବନଟା ମଠରେ ନାମଜପ କୀର୍ତ୍ତନରେ କାଟିବି। ମୋ ଗୁରୁ ମହନ୍ତ ମୋ ଭକ୍ତିରେ ଏମିତି ସନ୍ତୁଷ୍ଟ ଯେ ସେ କହନ୍ତି ପରା - ଆରେ ପୁଅ, ଦେଖିବୁ ମୃତ୍ୟୁ ପରେ ତୁ ରାଧା-କୃଷ୍ଣଙ୍କ ନିତ୍ୟଲୀଳାରେ ସ୍ଥାନ ପାଇବୁ।

ଜେଜେମା' ଠଉରେଇ ନେଲେଣି ଯେ ମୋ ଚିତାକଟା ପୁତ୍ରମଣି ଆଜି କିଛି ଗୋଟେ ନୂଆ ରକମର କଥା କହିବ କହିବ ହେଉଛି। ସେ ବିରକ୍ତି ସ୍ୱରରେ କହିଲେ - ଆରେ ଏମିତି ବଙ୍କେଇ ଚୁନେଇ କଥା ହେଉଛୁ କାହିଁକି ? କ'ଣ କହିବା କଥା ସିଧା କହୁନୁ।

ମଠଆଶ୍ରିତ ପୁଅ କହିଲା - ମା' ଲୋ ତୋ ଅନ୍ତେ ଆମ ଜମି କଥା କିଏ ବୁଝିବ ? ଝିଅ ତ ତାର ଶାଶୁ ଘରେ ରହିବ। ଆମ ମହନ୍ତ କହୁଥିଲେ - ତୁମ କୁଳଦେବତା ଶାଳଗ୍ରାମ ରଘୁନାଥଙ୍କୁ ମଠକୁ ଦେଇଦିଅ, ଏଠାରେ ନୀତିକାନ୍ତି ଅନୁସାରେ ପୂଜା ପାଇବେ। ଆଉ ପାଞ୍ଚମାଣ ଜମି ମଠ ନାଁରେ ରେଜିଷ୍ଟ୍ରି କରିଦିଅ। ତୁମ ବଂଶର ଟେକ କାଳ କାଳକୁ ରହିବ।

ଜେଜେମା'ଙ୍କୁ ଆଉ କିଏ ସମ୍ଭାଳେ ! ବାଘୁଣୀ ପରି ଗର୍ଜି ଉଠିଲେ - ଆରେ ବଅଁସବୁଡ଼ା ଘୋଡ଼ାମୁହାଁ ଡାହୁକ ! ହେଇ ମୁଣ୍ଡି ଛାଞ୍ଚୁଣିକୁ ଦେଖୁଛୁନା। ମଠର ଜମିଜୁମା ବିକିଭାଙ୍ଗି ମଠରେ କଳାକନା ବୁଲାଇଲାଣି ସେଇ ଗଞ୍ଜୋଡ଼ ନିଶାଡି ମହନ୍ତ, ପୁଣି ମୋ ସମ୍ପତ୍ତି ଉପରେ ତା'ର ଲୋଲୁପ ଆଖି ? ଗୋଟା ଖାଇଯିବି ତାକୁ ଜାଣିଛୁନା ? ଯା... ଯା... ବାହାର ଘରୁ। ପୋଡ଼ାମୁହାଁ ନିଜ ସ୍ତ୍ରୀ ଘର ସଂସାରକୁ ଜାଳିପୋଡି ଧ୍ୱଂସ କଲୁ, ତୋ ମନ ବୁଝିଲାନି, ଏବେ ଭିଟାମାଟିର ସମ୍ପତ୍ତିକୁ ଖାଇବୁ ?

କୀର୍ତ୍ତନିଆ ପୁଅ ଚୁପ୍‌କିନା ଇତ୍ୟବସରେ କେତେବେଳେ ମା'ର ଚଣ୍ଡୀମୂର୍ତ୍ତି ଦେଖି ଖସିଯାଇଛି, ଜେଜେମା'ଙ୍କୁ ଜଣା ନାହିଁ। ସେ କିନ୍ତୁ ଭୋ ଭୋ କାନ୍ଦି ଠାକୁରଘରେ ରଘୁନାଥଙ୍କ ପାଖରେ ଢ଼ୋ ଢ଼ୋ ମୁଣ୍ଡପିଟି କ'ଣସବୁ କହୁଥିବା ସମୟରେ ଜଣେ ଲେଖାଯୋଖା ନାତି ଦୌଡ଼ିଆସି କହିଲା - ହଇଲୋ ଜେଜେମା' ହେଇ ଦେଖ, ଦାଣ୍ଡ ଆଡକୁ, ତୋ ଟୁଉକୁ ମୂଷି କାରରୁ ଓହ୍ଲାଉଛି ପରା।

ଜେଜେମା' ଅଣ୍ଟାସଳଖି ଉଠି ଠିଆହେଲା କ୍ଷଣି ନାତୁଣୀ ଜେଜେମା'କୁ କୁଣ୍ଢାଇ କହିଲା - ଆଲୋ ଜେଜେମା', ତୋ ଆଖିରେ କ'ଣ ଲୁହ ? କାନ୍ଦୁଥିଲୁ ନା କ'ଣ ? ଜେଜେମା'ର କାନ୍ଦ ବାଡ଼ବତା ମାନିଲାନି,ସେ ଖୁବ୍ ଜୋର୍‌ରେ କାନ୍ଦିଲା।

ରେଖା ନିଜର ଛାତିରେ ତା'କୁ ଜାବୁଡି ଧରିବାରୁ ତା'ର କାନ୍ଦ ବନ୍ଦ ହେଲା କିଛି ମୁହୂର୍ତ୍ତ ଉତ୍ତାରୁ। ଜେଜେମା' ସବୁକଥା ନାତୁଣୀ ଆଗରେ କହିଲେ। ନିଜ ବାପାର ଅନ୍ଧଭକ୍ତି ଓ ମହନ୍ତର କଳା କାରନାମା ସମ୍ବନ୍ଧରେ ଆଗରୁ ତାଙ୍କୁ ସବୁ ଜଣା। ସେ ଜେଜେମା'ଙ୍କୁ ଛୋଟ ଝିଅଭଳି ବୁଝାଇ କହିଲେ - 'ଦେଖ ଲୋ ଜେଜେମା', ଆମ ଠାକୁରଙ୍କ ସହିତ ଘରବାଡ଼ି ଓ ଜମିଜମା କଥା ମୁଁ ଏଣିକି ସବୁ ବୁଝିବି। ଆମ ସମ୍ପତ୍ତି ସୁରକ୍ଷିତ ରହିବ। ସେଥିପାଇଁ ତୁ ଚିନ୍ତା କରନା।'

ରେଖା ଜେଜେମା'ର ମନର ପରିବର୍ତ୍ତନ ଓ ଖୁସି ପାଇଁ କାଳବିଳମ୍ବ ନକରି ତାକୁ ଧରି ମାଇନ୍ସକୁ ନେଇ ଆସିଲେ। ନାତୁଣୀର ଏତେ ବଡ଼ କ୍ୱାର୍ଟର୍ସର ସାଜସଜ୍ଜା ଦେଖି ଜେଜେମା'ଙ୍କ ଛାତି କୁଣ୍ଢେମୋଟ ଗର୍ବ ଓ ସଫଳତାରେ ଉହୁଁକି ଉଠିଲା। ତାଙ୍କର ଜୀବନଯାକ ହାଡ଼ଭଙ୍ଗା ପରିଶ୍ରମ ଆଜି ସଫଳ ହେଇଛି, ମନ ଖୁସିରେ ଉଛୁଳି ପଡିଲା।

ଅଳ୍ପ କେଇଟା ଦିନରେ ଜେଜେମା'ଙ୍କର ସ୍ନେହ ଓ ଆଦରର ଉତ୍ତାଳ ତରଙ୍ଗ କୁଳଲଘି ଅଫିସର୍ସ କଲୋନୀର ପ୍ରାୟ ସମସ୍ତଙ୍କୁ ବାନ୍ଧି ପକାଇଲା। ସେମାନଙ୍କର ଜେଜେମା' ଜେଜେମା' ସମ୍ବୋଧନରେ ସେ ଏବେ ସମସ୍ତଙ୍କର ଜେଜେମା' ପାଲଟିଗଲେଣି। କେବଳ ସେତିକି ନୁହେଁ ମାଇନ୍ସର ପର୍ସନାଲ୍ ଅଫିସର୍ ମିସ୍ ରେଖା ଦାସଙ୍କର ସଭିଙ୍କୁ ଆପଣାର କରିନେବା କଳା ମାଧ୍ୟମରେ ସେ କେବଳ ଜେଜେମା'ଙ୍କର ଅଲିଅଳ 'ଟୁଉକୁ ମୂଷି' ନୁହନ୍ତି ବରଂ ସବୁ ଶ୍ରମିକ ଓ ଅଫିସର୍ସଙ୍କର 'ଟୁଉକୁ ମୂଷି'ରେ ହେଲେ ପରିଣତ। ରେଖା ତାଙ୍କର ସହକର୍ମୀମାନଙ୍କୁ ଛାତି ଫୁଲାଇ କହନ୍ତି - ଆମେ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ଯେଉଁସବୁ ବିଷୟ ପଢ଼ିଛନ୍ତି ତାହାର ଜ୍ୱଳନ୍ତ ପ୍ରୟୋଗଶାଳାର ମୂର୍ତ୍ତିମନ୍ତ ହେଉଛି ମୋ ଜେଜେମା'। ସତରେ କି ତ୍ୟାଗ, କି ସାହସ, କି ଧୈର୍ଯ୍ୟ ତାଙ୍କର ସତେ !

ପ୍ରାୟ ନାତୁଣୀ ପାଖରେ ଛଅମାସ ରହିବା ଉତ୍ତାରୁ ଜେଜେମା ବାହାରିଲେ ଗାଁକୁ। ଘର ଓ ଜମିଜମାର ବୁଝାସୁଝା ଠିକ୍ ଭାବେ ମୂଲିଆ ହରିଆତନ୍ତୀ କରୁଛି କି ନାହିଁ ଓ କୁଳଦେବତା ରଘୁନାଥଙ୍କର ପୂଜା ପୁରୋହିତ ଟିମା ପାଢ଼ୀ ରୀତିନିୟମରେ କରୁଛି କି ନାହିଁ, ସେସବୁ ଦେଖି ଆସିବେ। ଏଇୟା ତାଙ୍କର ଉଦ୍ଦେଶ୍ୟ।

ରେଖା କହିଲେ - ଠିକ୍ ଅଛି ଜେଜେମା'। ତତେ ମୋ ଡ୍ରାଇଭର ନେଇ ଗାଁରେ ଛାଡିଦେଇ ଆସିବ, ଗୋଟିଏ ସର୍ତ୍ତ, ମାସେ କି ଦୁଇମାସ ପରେ ମୁଁ ନିଜେ ଯାଇ ତତେ ନେଇ ଆସିବି। ଜେଜେମା' ନାତୁଣୀକୁ ପ୍ରତିଶ୍ରୁତି ଦେଇ ଗାଁକୁ ଚାଲି ଆସିଲେ।

କିନ୍ତୁ ଜେଜେମା'ଙ୍କ ଅନୁପସ୍ଥିତି ଯୋଗୁ ରେଖାଙ୍କ ମନ ବୁଝୁ ନଥାଏ। ଜେଜେମା'କୁ ନବେ ବର୍ଷ ହେଲାଣି। ଅନେକ ପ୍ରକାର ଦୁଶ୍ଚିନ୍ତାରେ ସେ ଉହଳ ବିକଳ ହେଉଥାନ୍ତି। ମାସେ ବିତିଛି କି ନାହିଁ, ହଠାତ ସକାଳୁ ସକାଳୁ ପୁରୋହିତ ଟିମା ପାଢ଼ୀଙ୍କ ଠାରୁ ଫୋନ୍ ଆସିଲା - ନାନୀ, ଜେଜେମା' ଆଜି ଠାକୁର ବାସନକୁସନ ସଫା କରୁଥିବାବେଳେ ଗୋଡ଼ ଖସିଗଲା। ହଠାତ୍ ତଳେ ପଡିଗଲେ। ଚେତା ଆଉ ଫେରୁନି। ମୁଣ୍ଡରେ ଖୁବ୍ ଜୋର୍‌ରେ ଆଘାତ ଲାଗିଛି।

ରେଖାଙ୍କର ଛାତି ଧଡ଼ପଡ଼ ହେବାକୁ ଲାଗିଲା। ପାଟି ଶୁଖି ଅଠା ହେଇଗଲା। ଆଖିରେ ଆଖିଏ ଲୁହ। ବାଷ୍ପରୁଦ୍ଧ କଣ୍ଠ। ମାଇନ୍ସ ହସପିଟାଲ୍‌ର ଦୁଇଜଣ ସିନିଅର୍ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଆମ୍ବୁଲାନ୍ସରେ ଗାଁକୁ ତୁରନ୍ତ ଚାଲି ଆସିଲେ।

ଜେଜେମା' ଶୋଇଛି। ଡାକ୍ତର ଲାଇଫ୍ ସେଭିଂ ଇଞ୍ଜେକ୍ସନ ଦେଲେ ସତ, କିନ୍ତୁ କୌଣସି ପ୍ରତିକ୍ରିୟା ନାହିଁ। ଡକ୍ଟର କହିଲେ - ମାଡାମ୍, ସିଭିଅର ବ୍ରେନ୍‌ଷ୍ଟ୍ରୋକ୍। ପଲ୍ସ ମିଳୁନି। ନିଃଶ୍ୱାସ ପ୍ରଶ୍ୱାସ ଚାଲୁନି। ଆଉ ସେ ନାହାନ୍ତି ବୋଧେ।

ରେଖା ଖୁବ୍ ଜୋରରେ ବାହୁନି ବାହୁନି କାନ୍ଦି ଜେଜେମା'ର ଛାତିକୁ କୁଣ୍ଢାଇ ଧରିଲେ। ଜୋର୍‌ରେ ଡାକୁଥିଲେ - ଜେଜେମା' ଲୋ... ଉଠ ଟିକେ। ମୋତେ ଚାହାଁନା ଥରେ। ନୋ ରେସ୍‌ପନ୍ସ।

ରେଖା ଶେଷରେ ଦୁଇ ଚାମଚ ରଘୁନାଥଙ୍କର ପାଦୁକା ଜେଜେମା' ପାଟିରେ ଦେଇ ଅତି କରୁଣ ସ୍ୱରରେ କହିବାକୁ ଲାଗିଲେ -'ଟୁଉକୁ ମୂଷି....ଟୁଉକୁ ମୂଷି ଧାନ ଭରଣକ ଖାଉଥା ବସି, ଧାନ ଛଡ଼େଇ ଚାଉଳ ଖାଆ, ଫୁର୍‌କିନା ଉଡି ଯାଆ।'

ବଡ଼ ଆଶ୍ଚର୍ଯ୍ୟ ଘଟଣା। ଇୟେ କ'ଣ ଚମତ୍କାରିତା, ନା ପ୍ରଭୁ ରଘୁନାଥଙ୍କର କୃପା, ନା ଜେଜେମା'ର ରେଖାକୁ ଦେଖିବାର ଶେଷ କାମନାର ଫଳର ଅଭିବ୍ୟକ୍ତି ?

.....ଜେଜେମା'ର ଆଖି ସାମାନ୍ୟ ଖୋଲିଲା, ଓଠରେ ସାମାନ୍ୟ ହସର ରେଖାଟିଏ ଆଙ୍କି ହେଇଗଲା, ନିଷ୍ପ୍ରାଣ ହାତରେ ସଂଚରିତ ହେଲା ପ୍ରାଣ-ଊର୍ଜା, ନାତୁଣୀକୁ ଜାବୁଡି ଧରିଲେ। ମୁହୂର୍ତ୍ତକେ ପୁଣି ଆଖି ଦୁଇଟି ଯେଉଁ ସ୍ଥିରକୁ ସେହି ସ୍ଥିର ହେଇଗଲା।

ପୁରୋହିତ ଟିମା ପାଢ଼ୀ କାନ୍ଦ କାନ୍ଦ ସ୍ୱରରେ କହି ଉଠିଲା - ନାନୀ, ଯାହାହେଉ ଜେଜେମା' ତୁମକୁ ଚିହ୍ନି, ତୁମ ହାତରୁ ପ୍ରଭୁଙ୍କର ପାଦୁକା ପାଇ, ବୈକୁଣ୍ଠବାସୀ ହେଇଗଲେ। ସତରେ ଧନ୍ୟ ତୁମେ ଟୁଉକୁ ମୂଷି।

ମୋ-୯୯୩୭୨୯୭୦୩୯

## ଲାଲରଙ୍ଗର ବରଫ



ସୁରଞ୍ଜନ ପାତ୍ର

ସପନ କଅଁଳିଲା ବେଳକୁ
ଆଖି ଆଗେ ବହିଗଲା ରକ୍ତର ନଈ
ପହଲଗାଁଉ ବରଫ ଆଚ୍ଛାଦିତ ନକ୍ସା
ପାଲଟି ଯାଇଥିଲା ଲାଲ୍ ରଙ୍ଗ।

ଆହାଃ ଆହୁରି ବେଦନା ସିକ୍ତ ଥିଲା
ହଳହଳ ଆଖିରୁ ଝରୁଥିବା ଲୁହର ରକ୍ତ
କିଛି ସମୟ ପାଇଁ ନୀରବି ଯାଇଥିଲା
ପବନର ବେଗ
ପାଇନ୍ ଶାଖାରେ ଝୁଲୁଥିଲା ମୃତ୍ୟୁର ସୂର୍ଯ୍ୟ।

ହିନ୍ଦୁ ହୋଇ ଜନ୍ମ ନେବା କ'ଣ ପାପ
ନିଜମାଟିରେ ଖୁସି ମନାଇବା କ'ଣ ଅପରାଧ
ଛାତି ଖୋଲି ଆକାଶକୁ ଆଲିଙ୍ଗନ କରିବା କ'ଣ ଅଧର୍ମ।

କେଉଁଠି ଶୋଇଗଲା ମାନବପଣିଆ
ସୈତାନ୍ ଇଚ୍ଛାର ଖୋଳପାରେ ନା'
ଦେଶଦ୍ରୋହୀଙ୍କ ଆରୋପ ପ୍ରତ୍ୟାରୋପ ଶବ୍ଦର ପଞ୍ଜାରେ
କେଉଁଠି ପୋଡ଼ିଗଲା ଶତାବ୍ଦୀର ପାପୁଲି
ଅସତ୍ୟ ଆଢୁଆଳରେ ନା'
କୋରାନ୍ ପୃଷ୍ଠାରେ।

ତମେ ଯଦି ଠିକ୍‌ରେ ଦେଖିପାରୁଥିବ
ଦେଖି ନିଅ ଥରେ ମୃତ ପ୍ରଶାନ୍ତର
ଶବାଧାର ଉପରେ କେମିତି ଲୋଟି ପଡୁଛି ପଦ୍ମ ପାଖୁଡ଼ା ପରି

ଦୁଇ ଥରିଲା ଥରିଲା ହାତ
ଦେଖି ନିଅ ସାରା ବିଶ୍ୱକୁ ଥରେଇ
ଦେଇଥିବା ନବ ବିବାହିତାର
କରୁଣ ଦୃଶ୍ୟ।

କୁହ ଏଇ କ'ଣ ତୁମ ଧର୍ମର ପରିଭାଷା
ଭୀରୁପଣେ ନିରସ୍ତ୍ରକୁ ହତ୍ୟାକରିବା
ବିବେକର ବାର୍ତ୍ତା ?

ମନେରଖ ସେ ଦିନ ଆସିବ
ଖାଲି ବରଫ ରଙ୍ଗ ଲାଲ୍ ହେବ ନାହିଁ
ମେହେଗାନି ଆଲ୍ପସ୍ ଶାଖାରେ
ନେସି ହୋଇ ଯିବ ତୁମ ପାପର ଆୟୁଷ
ଶାଗୁଣାଙ୍କ ଥଣ୍ଟରେ କବର ନେବ ତୁମ
ସନ୍ତ୍ରାସୀ ହାଡ଼ ଓ ମାଉଁସ।

**ସଂପାଦକ ନୀହାରକନ୍ୟା ସାହିତ୍ୟ ସଂସଦ**
**ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର**
**ମୋ - ୮୧୧୭୮୦୫୯୫୯**

## ପଦବୀ-ପଦକ



ଅନ୍ତର୍ଯ୍ୟାମୀ ମିଶ୍ର

ତୀର୍ଯ୍ୟକ ଟିପ୍ପଣୀ ଶୁଣେ -ରଜାଲୋକ ଆପଣ !
ଧୋଇ, ମରୁଡ଼ିର ଫରକ ଜାଣିବେ କ'ଣ ?
ଆଦେଶ ମାତ୍ରେ କିରାଣି, ଚପରାସୀ
ହାଜର ହୁଅନ୍ତି ଗୋଡ଼ରେ ଲଗେଇ ଚକ।

କିଏ ବଢେଇ ଦିଏ ପାଣି ବୋତଲ,
ଲଗେଇ ଦିଏ ପଙ୍ଖା, ସଲାମ ଠୁକି
ଫାଇଲ ଥୁଏ ଟେବୁଲରେ, ଯେମିତି ମାଛରଙ୍କା
ଦୂରରୁ ଅନେଇ ରହେ ମୀନର ମତି, ଗତି ।

ଉପରୁ ଆସେ ଅତର୍କ୍କା ଫୋନ୍ –
'କ'ଣ ଚାଲିଚି ସେଠି, ଦରମା ନଉନ ?
ଦଶରୁ ଚାରି ରହୁଚ କେତେଜଣ ?
ଦି' ଘଣ୍ଟାରେ ଦରକାର ତଥ୍ୟ: ଅତ୍ୟନ୍ତ ଜରୁରୀ
ବର୍ଷକର ଆୟ-ବ୍ୟୟ, ଗଲା-ଅଇଲା, ପ୍ରଗତି –
ପ୍ରମାଣ ।'

କୋହଲା ପାଗରେ ବି ବହେ ଝାଳ;
କଲିକତିଆ କବି ରତନଦା'ର ଘନଘନ ମେସେଜ୍
ସତେଇଶରେ ଆନ୍ତର୍ଜାତୀୟ ସାହିତ୍ୟ ମେଳଣ
ମୁଁ ଆସୁଚି, ଆସୁଚ କି ତମେ ?
ନାଛି ଦେଲାଣି ମସ୍ତ ନିମନ୍ତ୍ରଣଟେ ମେଲରେ
ଦେଖାଯିବ ପଛରେ, ଏଇଲେ ନୁହେଁ ।

ଫି' ଦିନ ପାଞ୍ଚ-ସାତଟା ରିପୋର୍ଟ

ଦଶଟା ଚିଠିର ଉତ୍ତର, ପଚାଶଙ୍କ ଉପରେ ନଜର
ନିଘା ରହେନା ପିଲାପିଲିଙ୍କୁ ଯେମିତି ଦର୍କାର।

ନିର୍ଦ୍ଦୟ ଆଦେଶର ଅଧସ୍ଥନ ହେଇଯାଏ
ଜୁଆନ ମଣିଷପଣ
ଟାଆଁସା ଲାଗେ ଚିକ୍କଣ ଚର୍ମ
ସ୍ୱପ୍ନରେ ଜମିଯାଏ ଧୂଳି ପରସ୍ତ ପରସ୍ତ,
ମୁଣ୍ଡେଇ ହେଉନି କି ଓହ୍ଲେଇ ହେଉନି ବୋଝ
ଓଟ ପରି ମୁହଁ ଟେକି ଚାଲିବା କଥା ଧୂ-ଧୂ ବାଲିରେ
(ଅଣନିଃଶ୍ୱାସ ହେଇଯାଉଚି ଜୀବନ ଗାଣିତିକ ପଦ୍ଧତିରେ;)
ତଥାପି କହୁଛ ତୁମେ - ବସିଛି ମୁଁ ରାଜା-ଝୁଲା, ସୁଖ-ପାଲିଙ୍କିରେ ?

କେମିତି ନ ଝୁଣ୍ଟି କହୁଚ କେଜାଣି:
ରଜାଲୋକ ଆପଣ !
ଜାଣିପାରନ୍ତ ହେଲେ
ଏଇ ବଡ଼ ପଦକଟି ପଦବୀର କି ସୁନ୍ଦର ଓଜନ !

**-ପୁରୀ, ଓଡ଼ିଶା**

## ଝିଅ



ପିନାକୀ ମିଶ୍ର

ତୁ ଭାତହାଣ୍ଡିର ଘୋଡଣି
ତୁ ଏରୁଣ୍ଡିବନ୍ଧ ଶୁଭକଳସ
ତୁ ମାଣବସା ଗୁରୁବାରର ସୁଲକ୍ଷଣା
ତୁ ଅଁଧାରରେ ଅଭାବରେ
ଏ ଘରର ଲୁହମୂର୍ତ୍ତି ସୁନୟନା
ତୁ ପ୍ରେମର ସ୍ନିଗ୍ଧ ଅଳକାନନ୍ଦା ।

ତୋ ଛାତିରେ କୋହ
ତୋ ଆକାଶ ବେଦନା ଦୁର୍ବିସହ
ତୋ ଅଗଣାରେ ଆଶଙ୍କାର ଛାଇଛିଟା
ତୋ ଆଖିରେ ତଥାପି ସମ୍ଭାବନାର କଳିକା
ତୋ ହୃଦଥାଳି ସ୍ନେହଛଳ ପୁଷ୍ପମଧୁ ।

ପାପ ନଜର ହଟିବ ନାହିଁରେ ଝିଅ
ବାହାରଟା ବଗଥଣ୍ଟର ହାଟ
ଯେତେ ଭିଡ - ସେତେ ମଳିନ ଏ ମନ,
ଯେତେ ଶାସ୍ତି - ସେତେ ଅଶାନ୍ତି,
କଅଁଳପତ୍ରକୁ ଅଦିନ ଚଡ଼କ
ହଟିବନି ସର୍ପସ୍ୱଭାବ
ହଟିବନି ବାଲିଝଡ କୋପ

ତୋତେ ଚାମୁଚେ ମହୁ କହିବା ବି ପାପ
ତୋତେ ସିଧା ଚାହିଁବା ବି ମୋ ଲାଗି ଅନୁପଯୁକ୍ତ
ତୁ ପା ଶାନ୍ତା ସରସ୍ୱତୀ ହଂସିନୀ

ଇତିହାସ କହୁଛି
ତୁ ଆଖିପତି ଖୋଲିଲେ ବଂଶ ବୁଡ଼ିଯାଏ,
ତୋ ଶାପରୁ ନିସ୍ତାର ନାହିଁ,
ତୋତେ ନିଆଁ ବି ଛୁଏଁନି
ତୋ ମୁଦିଲାଆଖିରେ ଚାଲେ ନୀଳନାଗର ଆଲିଙ୍ଗନ
ତୁ ବି ଆରାଧନାର କଦମ୍ବମୂଳ ମୂର୍ଚ୍ଛିତ ରସକାବ୍ୟ, ଶାନ୍ତ ସମୀରଣ ।

ତୁ ଆଉ ବଂଶୀ - ଏକ ଓ ଅଭିନ୍ନ
ଖାଲି ଦୁନିଆଦେଖିବାକୁ ମିଛବାଦ, ଅଛିଣ୍ଡା ଖିଅ ।

**'ଶୂନ୍ୟନୀଳ'**
**ଚର୍ଚ୍ଚ ପାଖ, ଜେଲ ରୋଡ, କେନ୍ଦୁଝର**
**୯୪୩୮୧୧୮୩୯୭**

# ବିଜ୍ଞାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**କୁଆଖିଆ,୨୬।୪/ଏନ୍‌ଏନ୍‌ଏସ୍:** ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ରସୁଲପୁର ବ୍ଲକର କୃଷ୍ଣପଡ଼ା ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ବାରିକ ଜାତୀୟ, ଆନ୍ତର୍ଜାତୀୟ ଓ ଆଞ୍ଚଳିକ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସର୍ବାଧିକ ୪୨୪ ସାର୍ଟିଫିକେଟ ଅର୍ଜନ କରିଥିବାରୁ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନପାଇ ଟ୍ରଫି, ମେଡାଲ ଓ ପ୍ରମାଣପତ୍ର ପାଇ ଥିବାରୁ ଯାଜପୁର ଜିଲ୍ଲାର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ରସୁଲପୁର ପ୍ରାକ୍ତନ ବିଆର୍‌ସିସି ପ୍ରଦୀପ କୁମାର ସାମଲ, ବୁଢ଼ୀ ଜାଗୁଲାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ରାଉତ, କାଙ୍ଗାଳୀ ଚରଣ ସଂସ୍କୃତ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପଣ୍ଡା, ଅଞ୍ଜନ କୁମାର ପତି, ଜେନାପୁର ଡିଗ୍ରୀ କଲେଜର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ରଥ, ବଡ଼ କଇଞ୍ଚି ଗ୍ରାମର ମୁରବୀ ଦଶରଥ ସ୍ୱାଇଁ ଓ ଉକ୍ତ ଗ୍ରାମବାସୀ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରଥିଲେ।

# ନାବାଳିକା ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୨୬।୪/ଏନ୍‌ଏନ୍‌ଏସ୍: ଧର୍ମଶାଳା ଥାନା ଅଞ୍ଚଳରେ ଗତବର୍ଷ ନାବାଳିକାଙ୍କୁ ଅସଦାଚରଣ କରିଥିବା ଯୁବକକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲଣ କରିଛି। ସୂଚନା ମୁତାବକ ଏହି ଥାନା ଅଞ୍ଚଳର ଜୈନିକା ନାବାଳିକା ଗତ ବର୍ଷ ମେ' ମାଷ ରାତିରେ ଘର ବାହାରକୁ ଯାଇଥିବା ବେଳେ ନୀଳକଣ୍ଠପୁର ଗ୍ରାମର ଯୁଧିଷ୍ଠିର ବେହେରାଙ୍କ ପୁଅ ମୁନା ବେହେରା (୨୦) ତା ସହିତ ଅସଦାଚରଣ କରିଥିବା ନାବାଳିକା ପରିବାର ଲୋକଙ୍କୁ ଜଣାଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଏନେଇ ଧର୍ମଶାଳା ପୁଲିସ ୪୧୦/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ହେଲେ ଅଭିଯୁକ୍ତ ମୁନା ଫେରାର ଥିବାରୁ ତାକୁ ଗିରଫ କରି ପାରିନଥିଲା। ଏବେ ସେ ଗ୍ରାମକୁ ଆସିଥିବା ପୁଲିସ ଖବର ପାଇ ଗିରଫ କରିଥିଲା।

# କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

**ଢେଙ୍କାନାଳ,୨୬।୪/ଏନ୍‌ଏନ୍‌ଏସ୍:** ଆଜି ସନ୍ଧ୍ୟାରେ ଢେଙ୍କାନାଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟ କ୍ଷତି ହୋଇଛି । ପ୍ରବଳ ବିଜୁଳି ଘଡ଼ ଘଡି ସାଙ୍ଗକୁ ବର୍ଷା ହୋଇଛି । ପ୍ରବଳ ବେଗରେ ପବନ ବୋହିବାରୁ ଅନେକ ସ୍ଥାନରେ ବଡ଼ ବଡ଼ ଗଛର ଡ଼ାଳ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । କେତେକ ସ୍ଥାନରେ ଘର ଛପର ଉଡିଯାଇଥିବା ସୂଚନ ମିଳିଛି। ତେବେ ଢେଙ୍କାନାଳ ସହରର କୁଞ୍ଜକାନ୍ତ ପୋଖରୀ ନିକଟରେ ଏକ ଅଶ୍ୱସ୍ତ ଗଛର ବଡ଼ ଡ଼ାଳ ଭାଙ୍ଗି ଯିବାରୁ ଦୁଇଟି କାର ଉପରେ ମାଡ଼ିବସିଛି। ଫଳରେ କାର ଦୁଇଟି ଭାଙ୍ଗି ଚୁରମାର ହୋଇଯାଇଛି । ଗୋଟିଏ ଦୁଇଟି ଜାଗାରେ ରାସ୍ତାରେ ଡ଼ାଳ ପଡି ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ତାର ଛିଣ୍ଡି ଯାଇଥିବାରୁ ସହରରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବିଛିନ୍ନ ହୋଇଯାଇଛି। ଫଳରେ ସମ୍ପୂର୍ଣ୍ଣ ଢେଙ୍କାନାଳ ସହର ଅନ୍ଧାରରେ ବୁଡି ରହିଛି। ଅଗ୍ନିଶମବାହିନୀ ପକ୍ଷରୁ ଗଛକାଟି ରାସ୍ତା ସଫା କରାଯାଇଛି। ତେବେ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡରେ ସାମାନ୍ୟ ପବନ ସାଙ୍ଗକୁ ସାମାନ୍ୟ ବର୍ଷା ହୋଇଥିବାବେଳେ ହିନ୍ଦୋଳ, ଭୁବନ ଓ ପରଜଙ୍ଗ ଆଦି ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ସେତେଟା ଅନୁଭୂତ ହୋଇନଥିବା ସୂଚନମିଳିଛି।

# ମଇ ୨୦ରେ ପୌର ଉପାଧକ୍ଷ ବିଶୋଇଙ୍କ ଭାଗ୍ୟ ପରୀକ୍ଷା

**ଜଗତସିଂହପୁର,୨୬।୪/ଏନ୍‌ଏନ୍‌ଏସ୍:** ଆସନ୍ତା ମଇ ମାସ ୨୦ ତାରିଖରେ ଜଗତସିଂହପୁର ପୌରପରିଷଦର ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇଙ୍କ ଭାଗ୍ୟ ପରୀକ୍ଷା। ଏହି ଦିନ ଶ୍ରୀ ବିଶୋଇ ତାଙ୍କର ଉପାଧକ୍ଷ ପଦବୀ ବଜାୟ ରଖି ପାରିବେ କି ନାହିଁ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ କାର୍ଯ୍ୟାଳୟରୁ ସ୍ପଷ୍ଟ ହେବ ବୋଲି ସୁଚନା ମିଳିଛି। ଗତ ୧ ତାରିଖରେ ଜଗତସିଂହପୁର ପୌରପରିଷଦର ୧୩ଜଣ ପାରିଷଦମାନେ ଉପାଧକ୍ଷ ଶ୍ରୀ ବିଶୋଇଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ପ୍ରକାଶ କରି, ଅନାସ୍ଥା ପ୍ରସ୍ତାବ ଆଣିବା ନିମନ୍ତେ ଜିଲ୍ଲାପାଳ ଜେ ସୋନାଲଙ୍କ ନିକଟରେ ଦାବି କରିଥିଲେ। ଦାବି ମୁତାବକ, ଓଡ଼ିଶା ପୌରପାଳିକା ନିୟମ ୧୮୫୦ ଭାଗ ୫୪ ଅନୁଯାୟୀ ଅର୍ପିତ କ୍ଷମତା ବଳରେ ମଇ ୨୦ ୧୧.୩୦ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ଶ୍ରୀ ସୋନାଲ ଚିଠି ନଂ. ୧୦୩(ଆରଇଏସ୍) ୨୪ ତାରିଖରେ ପାରିଷଦମାନଙ୍କୁ ଜଣାଇଦେବା ପାଇଁ ପୌରନିର୍ବାହୀ ଅଧକାରୀଙ୍କୁ ନିର୍ଦ୍ଦେଶ ହୋଇଛି। ଏହି ଅନାସ୍ଥା ବୈଠକରେ ଉପଜିଲ୍ଲାପାଳ ଶ୍ରୀ ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ। ନିର୍ଦ୍ଧାରିତ ତାରିଖ, ସ୍ଥାନ ଓ ସମୟରେ ପାରିଷଦମାନେ ଉପସ୍ଥିତ ହୋଇ ଅନାସ୍ଥା ପ୍ରସ୍ତାବରେ ଭାଗନେଇ ପାରିବେ ବୋଲି ଚିଠିରେ ସ୍ପଷ୍ଟ କରିଛନ୍ତି। ସୁଚନା ମୁତାବକ, ଜଗତସିଂହପୁର ପୌରପରିଷଦର ୨୧ଟି ୱାର୍ଡର ୨୧ଜଣ ପାରିଷଦ ରହିଛନ୍ତି। ତେବେ ସମସ୍ତ ପାରିଷଦଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ଅର୍ଥାତ୍ ୧୪ଜଣ ପାରିଷଦ ଶ୍ରୀ ବିଶୋଇଙ୍କୁ ସମର୍ଥନ କଲେ, ନୂତନ ଉପାଧକ୍ଷ ଚୟନ କରାଯିବ। ଯାହାକୁ ନେଇ ଶ୍ରୀ ବିଶୋଇ ଆଉ ଏକ ପ୍ରତିଦ୍ୱନ୍ଦିତାରେ ଛନ୍ଦି ହୋଇଯାଇଛନ୍ତି। ନିଜ ପଦବୀ ବଜାୟ ରଖିବା ପାଇଁ ଜୋର୍‌ଦାର୍ ଉଦ୍ୟମ ଚଳାଇ ଥିବା ଦେଖାଯାଇଛି। ଅନ୍ୟପକ୍ଷରେ ୧୩ଜଣ ଅଭିଯୋଗକାରୀ ଏକତ୍ରିତ ହୋଇ ଆଉ ଜଣେ ପାରିଷଦଙ୍କୁ ହାତ ମୁଠାକୁ ଆଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ଦୁଇ କାର୍ ମୁହାଁମୁହିଁ, ୧ ମୃତ

**କେନ୍ଦ୍ରାପଡ଼ା,୨୬।୪/ଏନ୍‌ଏନ୍‌ଏସ୍:** ଦୁଇ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିବା ସୂଚନାମିଳିଛି। ମୃତବ୍ୟକ୍ତି ଜଣଙ୍କ ହେଲେ କେନ୍ଦ୍ରାପଡ଼ା ସଦରଥାନା ଅନ୍ତର୍ଗତ ଦୁତିଆଳ ଗ୍ରାମର ଶାରଦା ପ୍ରସନ୍ନ ରାଉତ(୬୦)।



ଶାରଦା ଏବେ ପାରାଦୀପ ଟ୍ରକ୍ ମାଲିକ ସଙ୍ଘର ସଦସ୍ୟ ଅଛନ୍ତି। ସେହିପରି ଗୁରୁତର ଦ୍ୱୟ ହେଲେ କେନ୍ଦ୍ରାପଡ଼ା ସଦରଥାନା ଅନ୍ତର୍ଗତ ନରଣପୁର ଗ୍ରାମର ସରସ୍ୱତୀ ସେଠୀ(୭୦) ଓ ତାଙ୍କ ପୁଅ ଶ୍ରୀକାନ୍ତ ସେଠୀ(୫୧)। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ାରୁ ଏକ କାର୍‌ଯୋଗେ ଶାରଦା କଟକ ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଅନ୍ୟ ଏକ କାର୍‌ରେ ସରସ୍ୱତୀ ସେଠୀ ଓ ତାଙ୍କ ପୁଅ ଶ୍ରୀକାନ୍ତ କେନ୍ଦ୍ରାପଡ଼ାକୁ ଆସୁଥିଲେ। ସାଲେପୁର ନିକଟସ୍ଥ ନାଳିଆମୁହଁ ନିକଟରେ ଉଭୟ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଗାଡ଼ିରେଥିବା ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଶାରଦାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନାମିଳିଛି।

# ତିନିଦିନିଆ ବାଦ ଦଣ୍ଡଯାତ୍ରା ଆରମ୍ଭ

**ଢେଙ୍କାନାଳ,୨୬।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ଗଁନ୍ଦିଆ ଠାରେ ଜଗତ୍‌ଜନନୀ ଦଣ୍ଡନୃତ୍ୟ କଳା ପରିଷଦ ଆନୁକୂଲ୍ୟରେ ତିନିଦିନିଆ ବାଦ ଦଣ୍ଡ ଯାତ୍ରା ୨୫ତାରିଖ ଦିନ ଗଁନ୍ଦିଆ ଗ୍ରାମର ମଠ ଛକ ଠାରେ ସଭାପତି ପ୍ରକାଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ୧୧ତମ ବାର୍ଷିକ ଉତ୍ସବ ଅବସରରେ ବିଶ୍ୱାବସୁ ବଂଶଜ ଯୁବରାଜ ଶ୍ରୀ ଶ୍ରୀ ଟିକି ବାବା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉକ୍ତ ତିନିଦିନିଆ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ବାବା ନିଜର ବକ୍ତବ୍ୟରେ ଦଣ୍ଡନୃତ୍ୟ ସମ୍ପର୍କରେ ଦେଇଥିବା ପୌରାଣିକ ତଥ୍ୟ ଉପସ୍ଥାପିତ ଜନତାଙ୍କମନକୁ ବେସ୍ ଛୁଇଁଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଆଜୀବନ ସନ୍ୟାସୀ ବନମାଳୀ ଦାସ, ଗଦିଁଆ ଗ୍ରାମର ସଭାପତି ତଥା ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକି, ବିଶିଷ୍ଟ ସମାଜସେବୀ ଉମ୍ବରୁଧର ସେଠୀ, ହରେକୃଷ୍ଣ ବାରିକ, ଭିକାରୀ ବେହେରା ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସମେତ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ।

# ଢ଼ହଢ଼ହ ଖରାରେ କାମ କରୁଛନ୍ତି ଶ୍ରମିକ



**ଢେଙ୍କାନାଳ,୨୬।୪/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଶ୍ରମ ବିଭାଗ ପକ୍ଷରୁ ଅପ୍ରେଲ ୧ ତାରିଖ ଠାରୁ ଜୁନ୍ ମାସ ୧୫ ତାରିଖ ପର୍ଯ୍ୟନ୍ତ ଖରାରେ ଏବଂ ବାହାରେ କାମ କରିବା ପାଇଁ ମଧ୍ୟାହ୍ନ ୧୧ ଠାରୁ ଅପରାହ୍ନ ୩ ଟା ୩୦ ମିନିଟ ସମୟ ପର୍ଯ୍ୟନ୍ତ ବାରଣ କରାଯାଇଛି। ଏହି ସମୟରେ ଶ୍ରମିକ ଏବଂ କର୍ମଚାରୀଙ୍କୁ କାମ କରାଉଥିଲେ ମାଲିକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶନାମା ରହିଛି। ଗ୍ରୀଷ୍ମ ପ୍ରବାହ ପାଇଁ ଶ୍ରମ ବିଭାଗ ପକ୍ଷରୁ ଏସଓପି ମଧ୍ୟ ଜାରି କରାଯାଇଛି। କାମ ହେଉଥିବା ସ୍ଥାନରେ ପର୍ଯ୍ୟାପ୍ତ ଥଣ୍ଡା ପାନୀୟଜଳ ବ୍ୟବସ୍ଥା, ଓଆର୍‌ଏସ୍ ରଖିବାକୁ କୁହାଯାଇଛି। କାମ କରୁଥିବା ସମୟରେ ଅଂଶୁଘାତ ହେଲେ ତୁରନ୍ତ ନିକଟସ୍ଥ ମେଡିକାଲକୁ ନେବାକୁ କୁହାଯାଇଛି। ଢେଙ୍କାନାଳ ଜିଲ୍ଲା ଶୁକ୍ରବାର ଦିନ ସର୍ବାଧିକ ତାପମାତ୍ରା ୩୭.୩ ଡିଗ୍ରୀ ସେଲ୍‌ସିୟସ ହୋଇଛି । ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଥିବାବେଳେ ଟାଣ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଦିନବେଳା ଘରୁ ବାହାରିବା ଅସମ୍ଭବ ହୋଇପଡୁଛି। ଗ୍ରୀଷ୍ମପ୍ରବାହ ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ପ୍ରବଳ ଖରାରେ ଘରୁ ବାହାରିବା କଷ୍ଟକର ଥିବାବେଳେ ଢେଙ୍କାନାଳ ଜିଲ୍ଲାଦେଇ ଯାଇଥିବା ଜାତୀୟ ରାଜପଥର ୫୩ର ଠିକାଦାର ନିର୍ଦ୍ଧାରିତ ମଜୁରୀ ନ ଦେଇ ଦିନ ୧ଟା ବେଳେ କାମାକ୍ଷାନଗର ଥାନା ବଡ଼ମୁକ୍ତାପଶି ଗ୍ରାମ ନିକଟରେ ଜାତୀୟ ରାଜପଥ ୫୩ରେ ଢ଼ହଢ଼ହ ଖରାରେ ଶ୍ରମିକ ମାନେ ତତଲା ପିଚୁ କାମ କରୁଛନ୍ତି । ଘଟଣା ସ୍ଥଳରୁ କାମାକ୍ଷାନଗର ଉପ ଜିଲ୍ଲାପାଳ ଦିନମଣି ନାୟକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା । ଶ୍ରମିକଙ୍କ ଦୁଃଖ ଭରା ଘଟଣାର ଭିଡିଓ ପଠାଯାଇଥିଲା। ଢେଙ୍କାନାଳ ଶ୍ରମ ଅଧିକାରୀ ସଂଗ୍ରାମ ଦଲେଇଙ୍କୁ ମଧ ଘଟଣା ସ୍ଥାନର ଭିଡିଓ ପଠାଯାଇଥିଲା। ଏନେଇ ସାଇବର୍ ଠକେଇ ସମ୍ପର୍କିତ ସଚେତନତା ଶିବିର ଯୋଗ ଦେବାକୁ ଯାଉଥିବା ସିଭିଲ୍ ପ୍ରୋଟେକ୍‌ସନ୍ ଲିଗାଲ୍ ସର୍ଭିସର ରାଜ୍ୟ ସଭାପତି ସନ୍ତୋଷ ହୋତା ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି କି ଶ୍ରମ ବିଭାଗ ତଦାରଖ କରୁନଥିବାରୁ ଅନେକ ସ୍ଥାନରେ ଖରାରେ ଶ୍ରମିକମାନେ ଏହି ଭଳି କାମ କରୁଛନ୍ତି । ତେବେ କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ମହିପାଳ ଗ୍ରାମର ମହିଳା ଶ୍ରମିକ କୁହନ୍ତି ପେଟ ପାଇଁ ଖରାରେ ୩୫୦ ଟଙ୍କା ମଜୁରୀରେ ଖଟୁଛୁ। ଖରା ବେଳେ ଖଟିଲେ ବି ଅଧିକ ଟଙ୍କାଏ ଦେଉନାହାନ୍ତି ବୋଲି କୁହନ୍ତି। ଭୁବନ ବ୍ଲକ ଅନ୍ତର୍ଗତ କଣ୍ଟନବାହାଲୀ ଗ୍ରାମ ବୟସ୍କ ଶ୍ରମିକ ମଧ କୁହନ୍ତି ଦିନ ସାରା ଖଟିଲେ ୪୦୦ ଟଙ୍କା ମିଳେ। ତେବେ ଶ୍ରମବିଭାଗ ଓ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଶ୍ରମିକମାନେ ଏଭଳି ହଇରାଣ ହେଉଛନ୍ତି।

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ



**ଯାଜପୁର,୨୬।୪/ଏନ୍‌ଏନ୍‌ଏସ୍:** ଅଖିଳ ଭାରତୀୟ ସମନ୍ୱିତ ଅନୁସନ୍ଧାନ ପ୍ରକଳ୍ପ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ନୂଆଦିଲ୍ଲୀ, ଓଡ଼ିଶା ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଓୟୁଏଟି ଭୁବନେଶ୍ୱର ଓ ବିଞ୍ଝାରପୁରୀ ଗୋ ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତି ଯାଜପୁର ଆନୁକୁଲ୍ୟରେ ଯାଜପୁର ବ୍ଲକ୍ ଏରବାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନସ୍ଥ କାନପୁର ଗ୍ରାମରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ -୨୦୨୫ ଅବସରରେ ବିଞ୍ଝାରପୁରୀ ଗୋ ପ୍ରଜାତି ପ୍ରାଣୀମାନଙ୍କର ଗୋ ବନ୍ଧ୍ୟା ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ସୁବ୍ରତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଏବଂ ପ୍ରକଳ୍ପର ମୁଖ୍ୟ ତଥା ସହକାରୀ ପ୍ରାଧାପକ ଡ଼ା. କାମଦେବ ସେଠୀ, ସହକାରୀ ପ୍ରାଧାପକ ଡ଼ା. ହିମାଂଶୁ ବେହେରା, ବିଞ୍ଝାରପୁରୀ ଗୋ ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତିର ବୈଷୟିକ ପରାମର୍ଶଦାତା ତଥା ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡକ୍ଟର ଜ୍ୟୋତି ରଞ୍ଜନ ମହାନ୍ତି। ଏବଂ ସ୍ନାତକୋତ୍ତର ଛାତ୍ର ଏହି ଶିବିର ଟିକୁ ପରିଚାଳନା କରିବା ସହିତ ପ୍ରାଣୀମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ପ୍ରକଳ୍ପ ତରଫରୁ ଗୋ ପାଳକମାନଙ୍କୁ ବିନା ଦେୟରେ ମିନେରାଲ ପାଉଡର, କୃମି ନାଶକ ଔଷଧ ଓ କ୍ୟାଲସିୟମ ଆଦି ଭିଟାମିନ ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ୫୦ ରୁ ଅଧିକ ବିଞ୍ଝାରପୁର ଗୋ ପ୍ରଜାତି ପ୍ରାଣୀମାନଙ୍କର ଚିକିତ୍ସା କରାଯାଇଥିଲା। ବିଞ୍ଝାରପୁରୀ ଗୋ ପ୍ରଜାତି ପ୍ରାଣୀମାନଙ୍କର ବନ୍ଧ୍ୟା ନିରାକରଣ ନିମନ୍ତେ ସମିତିର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ ସ୍ଥାନୀୟ ଗ୍ରାମବାସୀମାନଙ୍କ ସହାୟତାରେ ଉକ୍ତ ଶିବିରକୁ ଆୟୋଜନ କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ



**ଜଗତସିଂହପୁର,୨୬।୪/ଏନ୍‌ଏନ୍‌ଏସ୍:** ଶନିବାର ସ୍ଥାନୀୟ ସଦର ମହକୁମା ସ୍ଥିତ ଆଦି କବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଜଗତସିଂହପୁର ଜିଲ୍ଲା ସ୍ତରୀୟ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ଜେନା ଯୋଗଦେଇ, ପ୍ରାଣୀ ସମ୍ପଦ ଜୀବନ ଜୀବିକା ସହିତ ଓତପ୍ରୋତଃ ଭାବେ ଜଡ଼ିତ। ପ୍ରାଣୀସମ୍ପଦ ବିକାଶ ଧାରାରେ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ଜିଲ୍ଲାର ପ୍ରାଣୀ ଚିକିତ୍ସକମାନଙ୍କ ଅବଦାନ ଯୋଗୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ହୋଇ ପାରିଥିବା ସୁଚନା ପ୍ରଦାନ କରିଥିଲେ। ଏଥି ସହିତ ଏହି ଦିବସ ପାଳନ ଉପଲକ୍ଷେ ଥିବା ବାର୍ତ୍ତା 'ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ମିଳିତ ପ୍ରଚେଷ୍ଟା' ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଶଶାଙ୍କ ଶେଖର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣରେ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଯୋଗଦେଇ, ଗ୍ରାମାଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶଧାରାରେ ପ୍ରାଣୀ ସମ୍ପଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ସୁଚନା ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ସରୋଜ କୁମାର ମଲ୍ଲିକ, ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଦ୍ୟାଧର ଶତପଥି ପ୍ରମୁଖ ଯୋଗଦେଇ ପ୍ରାଣୀ ସହାୟତା ସେବା, ପଶୁ ଡାକ୍ତରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷ ପର୍ଯ୍ୟାୟରେ ବୈଷୟିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରୋଗ ନିରୂପଣ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ଡା. ଅଭିଲାଷ ରାଉତରାୟ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ(ପ୍ରାଣୀ ସମ୍ପଦ ଉତ୍ପାଦକ) ଡା. ଭୁବନ ମୋହନ ସାହୁ ଯୋଗଦେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡା. ପ୍ରଭୁଦତ ଦାଶ ସଂଯୋଜନା କରିଥିବା ବେଳେ, ଶେଷରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଯଦୁନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଖଜୁରୀରେ ପୋକ, ଫଟୋ ଭାଇରାଲ

**ରାଜନଗର,୨୬।୪/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଅନିୟମିତତା ହେଉଥିବା ଅଭିଯୋଗ ପୂର୍ବରୁ ହୋଇଆସୁଥିଲା। ଏହି ବ୍ଲକ୍‌ର କେନ୍ଦ୍ରଗୁଡିକୁ ନିମ୍ନମାନର ଛତୁଆ ଯୋଗାଣ ଓ ଆଗେ ବିଲ୍ ପରେ ଛତୁଆ ବଣ୍ଟନ ଭଳି ବିବାଦ ଲାଗି ରହିଛି । ଏବେ ଶୁଖିଲା ଖାଦ୍ୟ(ଟିଏଚ୍‌ଆର୍)ରେ ବଣ୍ଟନ ହେଉଥିବା ଖଜୁରୀରେ ପୋକ ବାହାରିବା ଫଟୋ ଭାଇରାଲ ହେବାରୁ ଲାଗିଛି। ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଏହି ଫଟୋଟି ଏହି ବ୍ଲକ ରଙ୍ଗଣୀ ପଞ୍ଚାୟତ ପଟ୍ଟାପାରିଆ ଗ୍ରାମର ଏସଟି ହାବିଟେସନ ଅଙ୍ଗନବାଡ଼ି କେନ୍ଦ୍ରରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି । ଏହି କେନ୍ଦ୍ରର ହିତାଧିକାରୀ ମମତା ଦାସ ଖଜୁରୀ ନେଇଥିଲେ । ଘରେ ନେଇ ଜରି ଖୋଲିବା ବେଳକୁ ସେଥିରେ ପୋକ ଦେଖିବାକୁ ପାଇଥିଲେ। ଆଖପାଖର ଲୋକମାନେ ଦେଖି ଫଟୋ ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। ଏନେଇ ଅଙ୍ଗନବାଡ଼ିକର୍ମୀ ମମତାଙ୍କୁ ପଚାରିବାରୁ ଫେବୃୟାରୀ ଓ ମାର୍ଚ୍ଚ ମାସର ଛତୁଆ ଓ ଅନ୍ୟାନ୍ୟ ସାମଗ୍ରୀ ଅପ୍ରେଲ ମାସରେ ମିଳିଲା। ମୁଁ ବାଣ୍ଟିଦେଲି ବୋଲି କହିଥିଲେ। ଏହି କେନ୍ଦ୍ର ଅଧିନରେ ଗର୍ଭବତୀ ମହିଳା ୧୦ଜଣ, ପ୍ରସୂତୀ ମହିଳା ୧୨ଜଣ, ୩ରୁ ୬ବର୍ଷ ଶିଶୁ ୩୮ଜଣ ଓ କିଶୋରୀ ବାଳିକା ୪୮ଜଣ ଅଛନ୍ତି। ଏସମ୍ପର୍କରେ ରାଜନଗର ସିଡିପିଓ ଦାୟିତ୍ୱରେ ଥିବା ପଟ୍ଟାମୁଣ୍ଡାଇ ସିଡିପିଓ ଲକ୍ଷ୍ମୀମଣି ସିଂଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବି ବୋଲି କହିଛନ୍ତି ।



ଅପରପକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁଙ୍କୁ ଫୋନ୍‌ଯୋଗେ ଯୋଗାଯୋଗ କରାଯିବାରୁ ସେ ଫୋନ୍ ଉଠାଇନଥିଲେ। ଏହାକୁ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବୀ ହେଉଛି। ସୂଚନାଯୋଗ୍ୟ, ରାଜନଗର ବ୍ଲକରେ ୨୭୪ଟି ଅଙ୍ଗନବାଡି କେନ୍ଦ୍ର ରହିଛି । ଆଳି ବ୍ଲକ ବେଲାରୀର ସ୍ୱୟଂ ସହାୟକ ଗୋଷ୍ଠୀ ୮୩ଟି କେନ୍ଦ୍ରକୁ ଛତୁଆ ଯୋଗାଉଥିବା ବେଳେ ୧୪୯ଟି କେନ୍ଦ୍ରକୁ ମୁଢ଼ି ଓ ଭଜାଶୋଲା ଯୋଗାଣ କରୁଛି। ସେହିପରି ମହାକାଳପଡ଼ା ବ୍ଲକ ବଉଳପଡ଼ାର ଶ୍ରୀଶ୍ରୀ ପୁରୁଷୋତମ ସ୍ୱୟଂ ସହାୟକ ଗୋଷ୍ଠୀ ୧୯୧ଟି କେନ୍ଦ୍ରକୁ ଛତୁଆ ଯୋଗାଉଥିବା ବେଳେ ୧୨୫ଟି କେନ୍ଦ୍ରକୁ ମୁଢ଼ି ଶୋଲା ଯୋଗାଣ କରୁଛି । ଖଜୁରୀ ପ୍ୟାକେଟରେ ପୋକ ବାହାରିବା ଘଟଣା ଯାହାକି ଭାଇରାଲ ହେବାରେ ଲାଗିଛି। ଏହାକୁ ଆଳି ଅଞ୍ଚଳ ବେଲାରୀର ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଣ କରିଥିବା ଜଣାପଡିଛି।

# ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ଢେଙ୍କାନାଳ,୨୬।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଜନ୍ତାରିବୋଲ ଗାଁ ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରର ପଛପଟୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତବ୍ୟକ୍ତି ଜଣଙ୍କ ହେଉଛନ୍ତି କାନପୁରା ପଞ୍ଚାୟତ ଅନ୍ତର୍ଗତ ଏକତାଳି ଗାଁର ସୂର୍ଯ୍ୟକାନ୍ତ ବିଶ୍ୱାଳ। ପ୍ରକାଶ, ଗତକାଲି ଦିନ ୧୦ ଟା ବେଳକୁ ସୂର୍ଯ୍ୟକାନ୍ତ ସାଇକେଲଯୋଗେ କୌଣସି କାମରେ କାମାକ୍ଷାନଗର ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ଆଉ ଫେରି ନଥିଲେ। ପରିବାରଲୋକେ ବହୁ ଖୋଜା ଖୋଜି ପରେ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ତେବେ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କ ମୃତଦେହ ଦକ୍ଷତାବିକାଶ କେନ୍ଦ୍ର ପଛପାଖେ ପଡ଼ିଥିବାର ଖବର ଶୁଣିବାକୁ ପାଇଥିଲେ। ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ମୃତକ ଜଣକ ମୁହମାଡ଼ି ପଡି ରହିଥିବା ଦେଖିବାକୁ ପାଇଥିଲେ। ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟେ ଅତ୍ୟଧିକ ଖରା ଯୋଗୁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ଗହୀରମଥାରୁ ସମୁଦ୍ରମୁହାଁ କଇଁଛ ଛୁଆ

# ତିନିଦିନରେ ୨କୋଟି ୫୮ଲକ୍ଷ ସମୁଦ୍ରକୁ ଗଲେ

**ରାଜନଗର,୨୬।୪/ଏନ୍‌ଏନ୍‌ଏସ୍:** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭରିଡଲେ ମା'କଇଁଛ ବସା ମଧ୍ୟରୁ କ୍ରମଶଃ ଅଣ୍ଡାରୁ ଛୁଆ ବାହାରି ସମୁଦ୍ର ମୁହାଁ ହେବାରେ ଲାଗିଛନ୍ତି। ପ୍ରକୃତିର ନିୟମମାନି ଏହି ଅଲିଭରିଡଲେ ଶାବକମାନେ ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ମଧ୍ୟରେ ସମୁଦ୍ର ଗର୍ଭକୁ ଚାଲି ଯାଇଥାନ୍ତି। ଗହୀରମଥାର ଅଣ୍ଡୁଡ଼ିଶାଳରୁ ତୃତୀୟଦିନ ଶେଷସୁଦ୍ଧା ୨କୋଟି ୫୮ଲକ୍ଷ ଅଲିଭରିଡଲେ କଇଁଛ ଛୁଆ ସମୁଦ୍ର ମଧ୍ୟକୁ ଚାଲି ଯାଇଥିବା ନେଇ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି । ପ୍ରଥମ ଦିନରେ ୮୨ଲକ୍ଷ କଇଁଛ ଛୁଆ ବସାରୁ ବାହାରି ସମୁଦ୍ରକୁ ଚାଲି ଯାଇଥିବା ବେଳେ ଦ୍ୱିତୀୟ ଦିନରେ କୋଟିଏ ଓ ତୃତୀୟ ଦିନରେ ୭୬ଲକ୍ଷ କଇଁଛ ଛୁଆ ଯାଇଥିବା ଜଣାପଡିଛି । ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନାଶୀ-୨ଓ ଏକକୁଳା ନାଶୀରେ ମୁଖ୍ୟତଃ ଗଣ ଅଣ୍ଡାଦାନ କରିଥାନ୍ତି। ଚଳିତ ବର୍ଷ ୬ଲକ୍ଷ ୪ହଜାର ୯୩୩ ମା'କଇଁଛ ଗଣଅଣ୍ଡାଦାନରେ ସାମିଲ ହୋଇଥିବା ନେଇ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଥିଲା। ସାଧାରଣତଃ ମା'କଇଁଛ ସୂର୍ଯ୍ୟାସ୍ତ ପରେ ଓ ସୂର୍ଯ୍ୟୋଦୟ ପୂର୍ବରୁ ଉପରକୁ ଆସି ବାଲି ପଠାରେ ଦେଢ଼ ଫୁଟର ଗାତଖୋଳି ୬୦ ରୁ ୧୦୦ ପର୍ଯ୍ୟନ୍ତ ଅଣ୍ଡାଦେଇ ବାଲି ଘୋଡ଼ାଇ ଦେଇ ସମୁଦ୍ର ମଧ୍ୟକୁ ଚାଲିଯାଇଥାନ୍ତି । ମା' କଇଁଛ ଅଣ୍ଡା ଦେବାର ଦେଢ଼ମାସ ବ୍ୟବଧାନ ପରେ ଅଲିଭରିଡଲେ କଇଁଛ ଛୁଆ ବସାରୁ ବାହାରି ସମୁଦ୍ରମୁହାଁ ହେବାରେ ଲାଗିଛନ୍ତି।




# ବାପା ସମେତ ୫ ଗିରଫ

**ଧର୍ମଶାଳା,୨୬।୪/ଏନ୍‌ଏନ୍‌ଏସ୍:** ଦ୍ୱିତୀୟ ବିବାହ କରିବା ଉଦ୍ଦେଶ୍ୟ ରଖି ୬ ବର୍ଷର ପୁଅକୁ ହତ୍ୟା କରିବା ଘଟଣାରେ ବାପା ସମେତ ପରିବାରର ୫ଜଣଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଦୁଇଦିନ ତଳେ ଜେନାପୁର ଥାନା ଚାରଗୋଠ ଗାଁ ନିକଟ ପଥର ଖାଦାନରୁ ଜଣେ ନାବାଳକର ମୃତଦେହ ଉଦ୍ଧାର ହୋଇଥିଲା। ମୃତ ନାବାଳକର ପରିବାର ଓ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଜେନାପୁର ପୁଲିସ ଘଟଣାର ତଦନ୍ତ କରିଥିଲା। ପାରିବାରିକ ବିବାଦ ଯୋଗୁ ଗାଁର ବାହୁଡ଼ା ରାଉତ(୨୯) ନିଜ ୬ବର୍ଷର ପୁଅକୁ ଅପହରଣ ସହ ହତ୍ୟା କରି ଖାଦାନ ପାଣିରେ ଫିଙ୍ଗିଦେଇଥିବା ଅଭିଯୋଗ ହେବା ପରେ ପୁଲିସ ୧୪୭/୨୫ରେ ଏକ ମାମଲା ରୁଜୁ କରି ବାହୁଡ଼ା ସମେତ ତାଙ୍କ ପରିବାରର ୫ଜଣ ସଦସ୍ୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲା। ହତ୍ୟା ଘଟଣାରେ ପୁଲିସ ମୃତ ଶିଶୁପୁତ୍ରର ବାପା ବାହୁଡା, ଜେଜ, ଜେଜେମା, ବଡ଼ବାପା, ବଡ଼ବୋଉ ସମେତ ୫ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

**୬ ବର୍ଷର ନାବାଳକ ପୁଅକୁ ହତ୍ୟା ଘଟଣା**

**ଆଜିର ମ୍ୟାଚ୍**



ମୁମ୍ବାଇ ଇଣ୍ଡିଆନ୍ସ ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟସ୍
ସମୟ: ଅପରାହ୍ଣ ୩.୩୦, ଭେନ୍ୟୁ: ମୁମ୍ବାଇ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍ୱର୍କ

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଦିଲ୍ଲୀ

ନିତିଦିନ NITIDIN

### ଆଇପିଏଲ୍ ଓ ରଣଜୀ ଖେଳାଳିଙ୍କ ମଧ୍ୟରେ ବଢ଼ୁଛି ପାରିଶ୍ରମିକ ପାର୍ଥକ୍ୟ

# ଅସମାନତାକୁ ଗାଭାସ୍କରଙ୍କ ସମାଲୋଚନା



**ନୂଆଦିଲ୍ଲୀ,୨୬।୪/ଏଜେନ୍ସି:** କିମ୍ବଦନ୍ତୀ କ୍ରିକେଟର ଏବଂ ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏବଂ ରଣଜୀ ଟ୍ରଫି ଭଳି ଘରୋଇ ଟୁର୍ଣ୍ଣାମେଣ୍ଟ ମଧ୍ୟରେ ବଢ଼ୁଥିବା ପାର୍ଥକ୍ୟ ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଘରୋଇ କ୍ରିକେଟରେ ସଂରଚନିକ ସଂସ୍କାର ପାଇଁ ଆହ୍ୱାନ କରିବାକୁ ଯାଇ ଗାଭାସ୍କର ଯଦିଓ ଆଇପିଏଲର ପ୍ରଶଂସା କରିଛନ୍ତି, କିନ୍ତୁ ଆଇପିଏଲରେ ଖେଳୁଥିବା ଖେଳାଳି ଏବଂ ଭାରତରେ ଘରୋଇ କ୍ରିକେଟରେ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ ବଢ଼ୁଥିବା ପାର୍ଥକ୍ୟ ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

ଗାଭାସ୍କର କହିଛନ୍ତି, ଯେତେବେଳେ ଖେଳାଳିଙ୍କ ସ୍ୱୀକୃତି ଏବଂ ଆର୍ଥିକ ପୁରସ୍କାର କଥା ଆସେ ସେତେବେଳେ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଚିନ୍ତା କରାଯିବା ଉଚିତ୍। ଗାଭାସ୍କର ଭାରତୀୟ କ୍ରିକେଟ୍ ଉପରେ ଆଇପିଏଲ୍‌ର ଅସ୍ୱୀକାରଯୋଗ୍ୟ ପ୍ରଭାବକୁ ସ୍ୱୀକାର କରିଛନ୍ତି ଏବଂ ଜସପ୍ରିତ ବୁମରାହ, ହାର୍ଦ୍ଦିକ ପାଣ୍ଡ୍ୟା, କେଏଲ ରାହୁଲ, ମହମ୍ମଦ ସିରାଜ ଏବଂ ଯଶସ୍ୱୀ ଜୟସୱାଲଙ୍କ ଭଳି ପ୍ରତିଭାକୁ ପୋଷଣ କରିବାର ଶ୍ରେୟ ଦେଇଛନ୍ତି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ଲିଗ୍ ଅନେକ କମ୍ ଜଣାଶୁଣା ଖେଳାଳିଙ୍କୁ ଜାତୀୟ ଏବଂ ବିଶ୍ୱସ୍ତରରେ ଖ୍ୟାତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାସତ୍ତ୍ୱେ ଘରୋଇ ସର୍କିଟ ଏବଂ ଆଇପିଏଲରେ ପ୍ରଦର୍ଶନକୁ ପୃଥକ୍ ଭାବେ ସମ୍ମାନିତ କରାଯାଉଥିବା କଥାକୁ ମଧ୍ୟ ସେ ଦର୍ଶାଇଥିଲେ। ବିଶ୍ୱ କ୍ରିକେଟ୍ ଇତିହାସରେ ଲିଟିଲ୍ ମାଷ୍ଟର ଭାବେ ଜଣାଶୁଣା ଗାଭାସ୍କରଙ୍କ କହିବାନୁସାରେ 'ଆଇପିଏଲରେ ପ୍ରଦର୍ଶନ ଜଣେ ଅଜଣା ଖେଳାଳିଙ୍କୁ ଉଚ୍ଚ ସମ୍ମାନ ଦୌଡ଼ରେ ପ୍ରବେଶ କରାଇପାରେ। ଏହା ରଣଜୀ ଟ୍ରଫିର ସମ୍ପୂର୍ଣ୍ଣ ବିପରୀତ, ଯେଉଁଠାରେ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ଲାଇମଲାଇଟରେ ସ୍ଥାନ ପାଇବା ପାଇଁ ସଂଘର୍ଷ କରିଥାଏ। ସେ ଆଇପିଏଲ୍‌ରେ ରାଜସ୍ଥାନ ଦଳ ପାଇଁ ଖେଳୁଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଉଦାହରଣ ଦେଇଛନ୍ତି। ବୈଭବଙ୍କୁ ରାଜସ୍ଥାନ ରୟାଲ୍ସ ୧.୧ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଛି। ଗାଭାସ୍କର ଦର୍ଶାଇଥିଲେ ଯେ ଭାରତର ପାରମ୍ପରିକ ଘରୋଇ ଟୁର୍ଣ୍ଣାମେଣ୍ଟରେ ନିରନ୍ତର ଭଲ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଏପରି ସୁଯୋଗ ବହୁତ କମ୍ ମିଳିଥାଏ। ସେ ଆର୍ଥିକ ଅସନ୍ତୁଳନ ଉପରେ ଆଲୋକପାତ କରି କହିଛନ୍ତି ଯେ ରଣଜୀ, ବିଜୟ ହଜାରେ କିମ୍ବା ସୟଦ ମୁସ୍ତାକ ଅଲି ସିଜନରେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନେ ମଧ୍ୟ ପ୍ରାୟତଃ ଜଣେ ଅଣକ୍ୟାପ୍ ଆଇପିଏଲ ଖେଳାଳିଙ୍କ ମୂଳ ମୂଲ୍ୟ - ୩୦ ଲକ୍ଷ ଟଙ୍କା ସହିତ ସମାନ ଭାବେ ମଧ୍ୟ ପାରିଶ୍ରମିକ ପାଇନଥାନ୍ତି।

ଗାଭାସ୍କର ଘରୋଇ କ୍ଷେତ୍ରରେ କଠିନ ପରିଶ୍ରମ କରୁଥିବା ଲୋକଙ୍କ ପାଇଁ ପରିସ୍ଥିତିକୁ 'ପଙ୍ଗୁ' ବୋଲି ବର୍ଣ୍ଣନା କରିଥିଲେ। ସମାଧାନ ସ୍ୱରୂପ, ଗାଭାସ୍କର ପରାମର୍ଶ ଦେଇ କହିଛନ୍ତି ଯେ, ରାଜ୍ୟ କ୍ରିକେଟ୍ ସଂଘଗୁଡ଼ିକ ଘରୋଇ ଖେଳାଳିଙ୍କ ପାଇଁ ସେମାନଙ୍କର ସମର୍ଥନ ତଥା ସେମାନଙ୍କ ପାରିଶ୍ରମିକ ବୃଦ୍ଧି ଉପରେ ବିଚାର କରିବା ଉଚିତ। 'ଯଦି ମୁମ୍ବାଇ ଭଳି ଅନ୍ୟ ସଂଘଗୁଡ଼ିକ ମଧ୍ୟ ବିସିସିଆଇ ତା'ର ରଣଜୀ ଖେଳାଳିମାନଙ୍କୁ ଦେଉଥିବା ଦରମା ସହିତ ଦେୟ ଦିଅନ୍ତି, ତେବେ ଏହି ଅସନ୍ତୁଳନକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ। ଗାଭାସ୍କରଙ୍କ ମନ୍ତବ୍ୟ କ୍ରିକେଟ୍ ସମ୍ପ୍ରଦାୟ ମଧ୍ୟରେ ଭାରତର ପ୍ରମୁଖ ଘରୋଇ ପ୍ରତିଯୋଗିତାରେ ସନ୍ତୁଳନ ଏବଂ ମୂଲ୍ୟ ଫେରାଇ ଆଣିବା ପାଇଁ ବର୍ଦ୍ଧିତ ଦାବିକୁ ପ୍ରତିଫଳିତ କରେ ଯାହା ନିଶ୍ଚିତ କରିବ ଯେ ସମସ୍ତ ଫର୍ମାଟରେ ସ୍ଥିର ପ୍ରଦର୍ଶନକାରୀମାନଙ୍କୁ ପର୍ଯ୍ୟାପ୍ତ ଭାବରେ ପୁରସ୍କୃତ କରାଯିବ।



# ବର୍ଷା ଧୋଇଦେଲା ୪୪ତମ ମ୍ୟାଚ୍

### ପଏଣ୍ଟ ଭାଗ କଲେ ପଞ୍ଜାବ, କୋଲକାତା



**କୋଲକାତା,୨୬।୪/ଏଜେନ୍ସି:** ଭାରତୀୟ କ୍ରିକେଟ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୪ତମ ମ୍ୟାଚ୍ ବର୍ଷା ଯୋଗୁ ଧୋଇଯାଇଛି। ଶନିବାର କୋଲକାତାର ଇଡେନ ଗାର୍ଡେନ୍ ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ର କୌଣସି ପରିଣାମ ନବାହାରିବାରୁ ଉଭୟ ଦଳ (୧-୧) ପଏଣ୍ଟ ସେୟାର କରିନେଇଛନ୍ତି। ପଞ୍ଜାବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟା ଓ ପ୍ରଭସିମରନ ସିଂହ ଆରମ୍ଭରୁ ହିଁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଏକ ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ପ୍ରିୟାଂଶ ୬୯ ରନ କରିଥିବାବେଳେ ପ୍ରଭସିମରନ ୮୩ ରନ୍ କରିଥିଲେ। ଉଭୟ ପ୍ରଥମ ୱିକେଟ ଯୋଡ଼ିରେ ୧୨୦ ରନ୍ କରିଥିଲେ। ପରେ ପଡ଼ିଆକୁ ଓହ୍ଲାଇଥିବା ଅଧିନାୟକ ଶ୍ରେୟାସ ଆୟର ଅପରାଜିତ ୨୫ ରନ୍ କରିଥିବା ବେଳେ ଜୋସ୍ ଇଂଲିଶ ୧୧ ରନ୍ କରିଥିଲେ। ଫଳରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଆଗରେ ୨୦୨ ରନ୍‌ର ଏକ ବିଶାଳ ଲକ୍ଷ୍ୟ ରଖିଥିଲା ପଞ୍ଜାବ। ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୨୦୧ ରନ କରିଥିଲା। ୨୦୨ ରନ୍‌ର ଲକ୍ଷ୍ୟ ନେଇ ପଡିଆକୁ କୋଲକାତା ବ୍ୟାଟ୍ସମ୍ୟାନ୍ ଓହ୍ଲାଇଥିଲେ। କିନ୍ତୁ ଏହି ସମୟରେ ବର୍ଷା ପୁରା ମ୍ୟାଚ୍‌କୁ ପ୍ରଭାବିତ କରିଦେଇଥିଲା। ମାତ୍ର ଗୋଟିଏ ଓଭର ହିଁ ବଲ୍ ପଡ଼ିଥିଲା। ୬ ବଲ୍‌ରେ କୋଲକାତାର ୨ ଓପ୍ନର ସୁନିଲ ନାରିନ୍ ଏବଂ ଗୁରୁବାଜ୍ ଦଳ ପାଇଁ ୭ ରନ୍ କରିପାରିଥିଲେ। ଦୀର୍ଘ ସମୟ ଧରି ବର୍ଷା ଜାରି ରହିବା ପରେ ମ୍ୟାଚ୍ ଅମୀମାଂସିତ ଘୋଷିତ ହୋଇଥିଲା।

**ଆଇପିଏଲ୍ ୨୦୨୫ ପଏଣ୍ଟ ଟେବଲ୍**

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|
| ଗୁଜରାଟ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ | ୮ | ୬ | ୨ | ୧୨ | +୦.୬୫୭ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ | +୦.୪୮୨ |
| ପଞ୍ଜାବ | ୯ | ୫ | ୩ | ୧୧ | +୦.୧୭୭ |
| ମୁମ୍ବାଇ | ୯ | ୫ | ୪ | ୧୦ | +୦.୬୭୩ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ | -୦.୦୫୪ |
| କୋଲ୍‌କାତା | ୯ | ୩ | ୫ | ୭ | +୦.୨୧୨ |
| ହାଇଦ୍ରାବାଦ | ୯ | ୩ | ୬ | ୬ | -୧.୧୦୩ |
| ରାଜସ୍ଥାନ | ୯ | ୨ | ୭ | ୪ | -୦.୬୨୫ |
| ଚେନ୍ନାଇ | ୯ | ୨ | ୭ | ୪ | -୧.୩୦୨ |

## ଓଡ଼ିଶା କନିଷ୍ଠ ବାଳିକା ଦଳର ମହୀଶୂର ଯାତ୍ରା



**ଭୁବନେଶ୍ୱର,୨୬।୪/ଏଜେନ୍ସି:** ଚଳିତ ଏପ୍ରିଲ ୩୦ରୁ ମେ ୫ ଯାଏ କର୍ଣ୍ଣାଟକର ଶ୍ରୀରଙ୍ଗାପାଟନମ୍ ଠାରେ ହେବାକୁ ଥିବା ୩୯ତମ ଜାତୀୟ କନିଷ୍ଠ ବାଳିକା ଚାମ୍ପିଅନସିପ୍‌ରେ ଭାଗ ନେବାପାଇଁ ୨୭ ତାରିଖରେ ଓଡ଼ିଶା ଦଳ କର୍ଣ୍ଣାଟକା ଯାତ୍ରା କରିବ। ଗତ ୧୭ ତାରିଖରୁ କେନ୍ଦୁଝର ହ୍ୟାଣ୍ଡବଲ୍ ଷ୍ଟାଡିୟମରେ ଓଡ଼ିଶା ଦଳର ପ୍ରଶିକ୍ଷଣ କ୍ୟାମ୍ପ ଆୟୋଜିତ ହୋଇଥିଲା, ଯେଉଁଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ବଛା ବଛା ଖେଳାଳୀ ଭାଗ ନେଇଥିଲେ। ପ୍ରଶିକ୍ଷକ ପ୍ରଣୟ କୁମାର ପାଣି ଓ ସହ ପ୍ରଶିକ୍ଷିକ ଅନିତା ନାଏକ ଦଳକୁ ପ୍ରଶିକ୍ଷଣ ଦେଇଥିଲେ। କ୍ୟାମ୍ପ ଶେଷହେବା ପରେ ରାଜ୍ୟ ମନୋନୟନ କମିଟି ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରିଥିଲେ। ଏହି ଦଳରେ ସାମିଲ ଖେଳାଳିମାନେ ହେଲେ ଅଧିନାୟକ ଶ୍ରେୟଶ୍ରୀ ସୁଜୟା, ଶ୍ରେୟଂଶୀ ପାଣି, ପ୍ରତ୍ୟୁଷା ପଲ୍ଲବୀ, ନିକିତା ମହାନ୍ତ, ସୁଭଦ୍ରା ନାୟକ, ମଧୁସ୍ମିତା ମହାରଣା, ମାମାଲି ଜେନା, ଏସ୍ ପୂରଭି ପୃଷ୍ଟି, ଆରତୀ ସାହୁ, ଲିପ୍ସାରାଣୀ ଖଣ୍ଡୁଆଲ, ଶୁଭଲକ୍ଷ୍ମୀ ସାହୁ, ରୋଜାଲିନ ବାରିକ, ଟ୍ୱିଙ୍କିଲ ବାରିକ, ଶ୍ରୀନିକା ପଣ୍ଡା, ବୈଷ୍ଣବି ପୃଷ୍ଟି। ସେହିପରି କୋଚ୍ ପ୍ରଣୟ କୁମାର ପାଣି, ମ୍ୟାନେଜର ଅନିତା ନାୟକ ମଧ୍ୟ ଦଳ ସହ ଯାତ୍ରା କରିବେ। ଆଜି କଳିଙ୍ଗ ଷ୍ଟାଡ଼ିୟମ ଠାରେ ଓଡିଶା ଦଳକୁ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଓଡିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, ଉପସଭାପତି ରୀତିକ ଅଧିକାରୀ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି।

### ଏସିଆନ୍ ଜୁନିୟର୍ ବକ୍ସିଂ ଚାମ୍ପିଅନ୍‌ଶିପ୍

## ୪୩ ପଦକ ନିଶ୍ଚିତ କଲା ଭାରତ

**ଅମାନ(ଜୋର୍ଡାନ),୨୬।୪/ଏଜେନ୍ସି:** ଜୋର୍ଡାନର ଅମାନ୍ ଠାରେ ଚାଲିଥିବା ୧୫ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଉଦ୍‌ଘାଟନୀ ଏସିଆନ୍ ଜୁନିୟର ବକ୍ସିଂ ଚାମ୍ପୟନଶିପ୍‌ରେ ଭାରତର ଆଉ ୪ଜଣ ବକ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତୀୟ ପ୍ରତିଯୋଗୀମାନେ ବର୍ତ୍ତମାନ ସୁଦ୍ଧା ୪୩ ପଦକ ପକ୍କା କରିଛନ୍ତି। ପ୍ରତ୍ୟେକ ସେମିଫାଇନାଲିଷ୍ଟଙ୍କ ବ୍ରୋଞ୍ଜ୍ ପଦକ ବ୍ୟବସ୍ଥା ଥିବାରୁ ଭାରତ ୧୫ ବର୍ଷରୁ କମ୍ ବିଭାଗରେ ୨୫ ଏବଂ ୧୭ ବର୍ଷରୁ କମ ବିଭାଗରେ ୧୮ ପଦକ ମିଳିବା ନିଶ୍ଚିତ ହୋଇଯାଇଛି।

ରିପୋର୍ଟ ଅନୁସାରେ ୧୭ ବର୍ଷରୁ କମ୍ ବୟସର ବାଳକ ବର୍ଗରେ ଅମନ୍ ସିୱାଚ୍ (୬୩କେଜି) ଓ ଦେବାଂଶ (୮୦କେଜି) ଯଥାକ୍ରମେ ଫିଲିପାଇନ୍ସ ଓ ଜୋର୍ଡାନର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସେମାନଙ୍କ କ୍ୱାର୍ଟରଫାଇନାଲ୍ ବାଉଟ୍ ରେଫରି ଷ୍ଟପ୍‌ଡ କଣ୍ଟେଷ୍ଟ (ଆର୍‌ଏସ୍‌ସି)ରେ ବିଜୟ ଲାଭ କରିଛନ୍ତି। ସେହିପରି ବାଳିକା ବିଭାଗରେ ସିମରନଜିତ୍ କୌର (୬୦କେଜି) ଜୋର୍ଡାନର ଆୟା ଅଲ୍‌ହାସାନତଙ୍କ ବିପକ୍ଷରେ ୫-୦ରେ ଏବଂ ହିମାଂଶି (୭୦କେଜି) ପାଲେଷ୍ଟାଇନ୍‌ର ଫାରାହା ଆବୋ ଲୟୋଲାଙ୍କ ବିପକ୍ଷରେ ଏକ ଆରଏସ୍‌ସି ସହିତ ବିଜୟୀ ହୋଇଛନ୍ତି। ସେ ପାଲେଷ୍ଟାଇନ୍‌ର ଫରାହ୍ ଆବୋ ଲାୟଲାଙ୍କୁ ପରାସ୍ତ କରିଛନ୍ତି।





### ମାଡିଗଲା ପିକ୍‌ଅପ୍, ୬ ମୃତ

**ନୂଆଦିଲ୍ଲୀ,୨୬।୪/ଏଜେନ୍ସି:** ନୁହ୍ ଜିଲ୍ଲା ଅନ୍ତର୍ଗତ ଥାନା ଫିରୋଜପୁର ଝିରକା ସୀମା ଅର୍ନ୍ତଗତ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଶନିବାର ସକାଳେ ଏକ ମର୍ମନ୍ତୁଦ ତଥା ହୃଦୟବିଦାରକ ସଡକ ଦୁର୍ଘଟଣା ଘଟି ୬ ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ସମ୍ବାଦ ମିଳିଛି। ଏହି ଘଟଣାରେ ଅନ୍ୟ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁସାରେ ଇବ୍ରାହିମବାସ୍ ଗାଁ ନିକଟରେ ଦ୍ରୁତ ଗତିରେ ଥିବା ପିକ୍‌ଅପ୍ ଭ୍ୟାନ୍ ସଫେଇ କାମରେ ନିୟୋଜିତ ଥିବା କର୍ମଚାରୀଙ୍କୁ ଧକ୍କା ଦେବା ସହ ସେମାନଙ୍କ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ହିଁ ୬ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତାହତ ପରିଚୟ ଏଯାଏଁ ଅସ୍ପଷ୍ଟ ରହିଛି। ଘଟଣା ପରେ ଫେରାର ହୋଇଯାଇଥିବା ପିକ୍‌ଅପ୍ ଚାଳକ ନାଁରେ ମାମଲା ରୁଜୁ ସହ ପୁଲିସ ତଦନ୍ତ ଆରମ୍ଭ କରିଛି।

### ସାମ୍ନାକୁ ଆସିଲା ୧୪ ଆତଙ୍କବାଦୀଙ୍କ ତାଲିକା

## ହତ୍ୟା କରିବାକୁ ଖୋଜୁଛି ଭାରତୀୟ ସେନା



**ନୂଆଦିଲ୍ଲୀ,୨୬।୪/ଏଜେନ୍ସି:** ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ସମ୍ପ୍ରତି ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ଦେଶର ସ୍ୱର୍ଗ ବିବେଚିତ ହେଉଥିବା ଏହି ପ୍ରାନ୍ତରେ ଏବେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଛି। ତେବେ ଏସବୁ ମଧ୍ୟରେ ଗୁଇନ୍ଦା ସଂସ୍ଥାଗୁଡ଼ିକ କେନ୍ଦ୍ରଶାସିତ ଅଞ୍ଚଳରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା ୧୪ଜଣ ସ୍ଥାନୀୟ ଆତଙ୍କବାଦୀଙ୍କ ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ଗୁଇନ୍ଦା ବିଭାଗ ଦର୍ଶାଇଛନ୍ତି ଯେ, ୨୦ ରୁ ୪୦ ବର୍ଷ ବୟସର ଏହି ବ୍ୟକ୍ତିମାନେ ପାକିସ୍ତାନରୁ ବିଦେଶୀ ଆତଙ୍କବାଦୀଙ୍କୁ ଲଜିଷ୍ଟିକ୍ସ ଏବଂ ଭୂମି ସହାୟତା ଯୋଗାଇ ସକ୍ରିୟ ଭାବରେ ସହାୟତା କରୁଛନ୍ତି। ଚିହ୍ନଟ ହୋଇଥିବା ଏହି ଆତଙ୍କବାଦୀମାନେ ତିନୋଟି ପ୍ରମୁଖ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଯେପରିକି ହିଜବୁଲ ମୁଜାହିଦ୍ଦିନ, ଲଶ୍କର-ଏ-ତୋଇବା (ଏଲଇଟି) ଏବଂ ଜୈଶ-ଏ-ମହମ୍ମଦ (ଜେଏମ୍) ଅନ୍ତର୍ଭୁକ୍ତ। ଏଥିମଧ୍ୟରୁ ୩ ଜଣ ହିଜବୁଲ ମୁଜାହିଦ୍ଦିନ, ୮ଜଣ ଏଲ୍‌ଇଟି ଏବଂ ୩ ଜଣ ଜେଇଏମ ସହିତ ଜଡିତ। ଗୁଇନ୍ଦା ସୂଚନାନୁସାରେ, ଏହି ବ୍ୟକ୍ତିମାନେ ହେଲେ ଆଦିଲ ରେହମାନ ଡାଣ୍ଟୁ (୨୧), ଅସୀଫ ଅହମ୍ମଦ ଶେଖ (୨୮), ଅହସାନ ଅହମ୍ମଦ ଶେଖ (୨୩), ହରିସ ନାଜିର (୨୦), ଆମୀର ନାଜିର ୱାନି (୨୦), ୟାୱାର ଅହମ୍ମଦ ଭଟ, ଅସୀଫ ଅହମ୍ମଦ ଖାନ୍ଦି (୨୪), ନାସିର ଅହମ୍ମଦ ୱାନ (୨୧), ସହିଦ ଅହମ୍ମଦ ଅହମ୍ମଦ (୨୭) ୱାନି (୩୯), ହାରୋନ ରସିଦ ଗଣାଇ (୩୨) ଏବଂ ଜାକିର ଅହମ୍ମଦ ଘାନି (୨୯) ବୋଲି ଲିଷ୍ଟ ଜାରି କରାଯାଇଛି।

# ମୋଦୀ ହୁଁକାରରେ ଆତଙ୍କବାଦୀ ଛାନିଆ




**ପହଲଗାମ ଆକ୍ରମଣରେ ସମ୍ପୃକ୍ତି ନଥିବାର ସଫେଇ ଦେଉଛନ୍ତି ଲସ୍କର୍ ଓ ଟିଆର୍‌ଏଫ୍**

**ଇସଲାମାବାଦ୍,୨୬।୪/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପାଇଁ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆରଏଫ୍) ନାମକ ଏକ ଆତଙ୍କବାଦୀ ସଂଗଠନ ପକ୍ଷରୁ ନିଜକୁ ଉତ୍ତରଦାୟୀ କରାଯାଇଥିଲା। ପରେ ଟିଆରଏଫ୍ ପଛରେ ଲସ୍କର ଏ ତୋଇବା ଭଳି କୁଖ୍ୟାତ ଆତଙ୍କବାଦୀ ସଂଗଠନର ହାତ ରହିଥିବା ସାମ୍ନାକୁ ଆସିଥିଲା। ଅର୍ଥାତ୍ ଲସ୍କର ନିଜର ଏକ ପ୍ରୋକ୍ସି (ଶାଖା) ଭାବେ ଟିଆରଏଫ୍‌କୁ ବ୍ୟବହାର କରିବା ପୂର୍ବକ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟାଇଥିବା ସ୍ପଷ୍ଟ ହୋଇଥିଲା। ତେବେ ଏହାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଏବଂ ମାଟିରେ ମିଶାଇଦିଆଯିବ ଭଳି ଧମକରେ ଟିଆରଏଫ୍ ଏବେ ଭୟଭୀତ ହୋଇପଡିଥିବା ପରି ପ୍ରତୀତ ହେଉଛି।

ରିପୋର୍ଟ ଅନୁସାରେ ପହଲଗାମ୍ ଘଟଣାରେ କୌଣସି ପ୍ରକାର ସମ୍ପୃକ୍ତିକୁ ଲସ୍କର ଅସ୍ୱୀକାର କରିଛି। ଲସ୍କର କମାଣ୍ଡର ସୈଫୁଲ୍ଲା କସୁରୀ ପହଲଗାମ ଆକ୍ରମଣକୁ ନିନ୍ଦା କରିବା ସହ ଏହି ଘଟଣାର ଦୋଷ ନେବାକୁ ମନା କରିଦେଇଛି। କସୁରୀ ଭାରତ ସରକାର ଏବଂ ଭାରତୀୟ ସେନା ଉପରେ ପାଲଟା ଅଭିଯୋଗ ଲଗାଇବାକୁ ହୀନ ଉଦ୍ୟମ କରିଥିବା ମଧ୍ୟ ଦେଖିବାକୁ ମିଳିଛି। କସୁରୀ କହିଛି ପହଲଗାମ ଘଟଣା ପାଇଁ ଭାରତ ସରକାର ଏବଂ ଭାରତୀୟ ଗଣମାଧ୍ୟମ କୌଣସି ପ୍ରମାଣ ବିନା ଆମକୁ ଏବଂ ପାକିସ୍ତାନକୁ ଦୋଷାରୋପ କରୁଛନ୍ତି। ଏହା ଭାରତର ଏକ ଷଡଯନ୍ତ୍ର। ଭାରତ ପାକିସ୍ତାନକୁ ଧ୍ୱଂସ କରିବାକୁ ଚାହୁଁଛି। ଭାରତ କାଶ୍ମୀରକୁ ୧୦ ଲକ୍ଷ ସୈନ୍ୟବଳ ପଠାଇ ଯୁଦ୍ଧର ପରିବେଶ ସୃଷ୍ଟି କରିଛନ୍ତି। ତେବେ କସୁରୀର ଏହି ବୟାନକୁ କ୍ଷତି ନିୟନ୍ତ୍ରଣର ଏକ ପ୍ରୟାସ ଭାବରେ ବିବେଚନା କରାଯାଉଛି, ଯାହାଦ୍ୱାରା ପାକିସ୍ତାନ ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକ ଉପରେ ଅନ୍ତର୍ଜାତୀୟ ଚାପ ହ୍ରାସ କରାଯାଇପାରିବ। କସୁରୀ କହଛି ଯେ ଭାରତ ନିଜେ ପହଲଗାମରେ ଆକ୍ରମଣ କରିଛି। ଏହାର ଭାରତର ଏକ ବଡ଼ ଷଡ଼ଯନ୍ତ୍ର।ଅନ୍ୟପକ୍ଷେ ଟିଆରଏଫ୍ ମଧ୍ୟ ଏକ ବିବୃତ୍ତି ଜାରି କରି ପହଲଗାମ ଆକ୍ରମଣରୁ ନିଜକୁ ଦୂରେଇ ରଖିଛି। ଏହି ଆତଙ୍କବାଦୀ ଗୋଷ୍ଠୀ ଏକ ପୋଷ୍ଟ ଜାରି କରି କହିଛି ଯେ, ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍) ପହଲଗାମ ଘଟଣାରେ କୌଣସି ସମ୍ପୃକ୍ତିକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରୁଛି। ଆକ୍ରମଣ ପାଇଁ ଟିଆରଏଫ୍‌କୁ ଦାୟୀ କରିବା ଭୁଲ୍। ଏହି ଘଟଣାରେ ଟିଆରଏଫ୍‌ର ନାମ୍ ଆସିବା ପାଇଁ ସାଇବର ହ୍ୟାକିଂକୁ ଦାୟୀ କରାଯିବା ଉଚିତ୍। କାରଣ ପହଲଗାମରେ ଆକ୍ରମଣ ପରେ ଆମ ଡିଜିଟାଲ ପ୍ଲାଟଫର୍ମରୁ ଏକ ମିଥ୍ୟା ବାର୍ତ୍ତା ପୋଷ୍ଟ କରାଯାଇଥିବା ପରେ ଜାଣିବାକୁ ମିଳିଥିଲା। ଏହା କାଶ୍ମୀର ପ୍ରତିରୋଧକୁ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ଅଭିଯାନର ଅଂଶ ତଥା ତରବରରେ ନିଆଯାଇଥିବା ଏକ ନିଷ୍ପତ୍ତି। ଟିଆରଏଫ୍ ଏବେ ଏହି ଭୁଲ୍‌ର ତଦନ୍ତ କରୁଛି। ତେବେ ସାଇବର ଆକ୍ରମଣ ପାଇଁ ଟିଆରଏଫ୍ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସନ୍ଦେହ କରୁଥିବା ଦର୍ଶାଇଛି।

## ଗଣମାଧ୍ୟମ ଚ୍ୟାନେଲ୍‌ଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରର ପରାମର୍ଶ

**ନୂଆଦିଲ୍ଲୀ,୨୬।୪/ଏଜେନ୍ସି:** ପହଲଗାମ ଆକ୍ରମଣକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସମସ୍ତ ଗଣମାଧ୍ୟମ ଚ୍ୟାନେଲ ପାଇଁ ଏକ ପରାମର୍ଶ ଜାରି କରିଛି। ମନ୍ତ୍ରଣାଳୟ କହିଛି ଯେ, ଜାତୀୟ ସୁରକ୍ଷାକୁ ଧ୍ୟାନରେ ରଖି ପ୍ରତିରକ୍ଷା ଅଭିଯାନ ଏବଂ ସୁରକ୍ଷା ବାହିନୀର କାର୍ଯ୍ୟକଳାପର ସିଧା ପ୍ରସାରଣ ଏଡାଇବା ପାଇଁ ସମସ୍ତ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକୁ ଏକ ପରାମର୍ଶ ଜାରି କରାଯାଇଛି। ଏଥିରେ ମୁଖ୍ୟତଃ ୯ଟି ନିର୍ଦ୍ଦେଶ ଦିଆଯାଇଥିବା ଦେଖିବାକୁ ମିଳିଛି। ପ୍ରଥମତଃ ସୁରକ୍ଷା ବାହିନୀର ପ୍ରତିରକ୍ଷା ଅଭିଯାନ ଏବଂ କାର୍ଯ୍ୟକଳାପର ସିଧା ପ୍ରସାରଣ କରାଯିବା ଉଚିତ୍ ନୁହେଁ। ଜାତୀୟ ସୁରକ୍ଷା ସ୍ୱାର୍ଥରେ, ସୁରକ୍ଷା ବାହିନୀର ପ୍ରତିରକ୍ଷା ଅଭିଯାନ ଏବଂ କାର୍ଯ୍ୟକଳାପକୁ ସିଧା ପ୍ରସାରଣ ନ କରିବାକୁ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ଚ୍ୟାନେଲଗୁଡ଼ିକ ଲାଇଭ୍ କଭରେଜ୍ କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ, ଏବଂ ବିଦ୍ୟମାନ ଆଇନ ଏବଂ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବା ଉଚିତ୍ ବୋଲି ମନ୍ତ୍ରଣାଳୟ କହିଛି।

ମନ୍ତ୍ରଣାଳୟ ପକ୍ଷରୁ ଜାରି ପରାମର୍ଶନାମାରେ ଦର୍ଶାଯାଇଛି ଯେ, ସମ୍ବେଦନଶୀଳ ସୂଚନାର ଅକାଳ ପ୍ରକାଶ ଶତ୍ରୁତାବାଦୀ ଉପାଦାନଗୁଡ଼ିକୁ ସାହାଯ୍ୟ କରିପାରେ ଏବଂ ସୁରକ୍ଷା ବାହିନୀ କର୍ମଚାରୀଙ୍କ କାର୍ଯ୍ୟକାରିତା ଏବଂ ସୁରକ୍ଷାକୁ ବିପଦରେ ପକାଇପାରେ। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପୂର୍ବରୁ ସମସ୍ତ ଟିଭି ଚ୍ୟାନେଲଗୁଡ଼ିକୁ କେବୁଲ ଟେଲିଭିଜନ ନେଟୱାର୍କ (ସଂଶୋଧନ) ନିୟମ, ୨୦୨୧ର ନିୟମ ୬(୧)(ପି) ପାଳନ କରିବାକୁ ପରାମର୍ଶ ଦେଇସାରିଛି। ନିୟମ ୬(୧)(ପି) ରେ କୁହାଯାଇଛି ଯେ, କୌଣସି ସୁରକ୍ଷା ବାହିନୀ ଦ୍ୱାରା କରାଯାଉଥିବା କୌଣସି ଆତଙ୍କବାଦୀ ବିରୋଧୀ ଅଭିଯାନର ସିଧା ପ୍ରସାରଣ ଧାରଣ କରୁଥିବା କେବୁଲ ସେବାରେ କୌଣସି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ନାହିଁ, ଯେଉଁଠାରେ ଗଣମାଧ୍ୟମ କଭରେଜ୍ କେବଳ ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଧିକାରୀଙ୍କ ଦ୍ୱାରା ସାମୟିକ ବ୍ରିଫିଂ ପର୍ଯ୍ୟନ୍ତ ସୀମିତ ରହିବ, ଯେପର୍ଯ୍ୟନ୍ତ ଏପରି କାର୍ଯ୍ୟ ସମାପ୍ତ ନହୁଏ।

## ଭାରତକୁ ୟୁଏନ୍‌ଏସ୍‌ସିର ସମର୍ଥନ: 'ଆତଙ୍କବାଦର ପୃଷ୍ଠପୋଷକଙ୍କୁ ଦଣ୍ଡ ଜରୁରୀ'

**ନ୍ୟୁୟର୍କ,୨୬।୪/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି), ଭାରତକୁ ସମର୍ଥନ ବ୍ୟକ୍ତ କରିଛି। ଏପ୍ରକାର ଆତଙ୍କୀ ଘଟଣାକୁ ୟୁଏନ୍‌ଏସ୍‌ସି ଦୃଢ଼ ନିନ୍ଦା କରିବା ସହ ଏହି ନିନ୍ଦନୀୟ ଆତଙ୍କବାଦ କାର୍ଯ୍ୟ'ର ଦୋଷୀ ଏବଂ ସେମାନଙ୍କ ସହଯୋଗୀମାନଙ୍କୁ ନ୍ୟାୟର ପରିସରକୁ ଆଣିବା ଆବଶ୍ୟକ ବୋଲି ୧୫ ଦେଶ ସର୍ବସମ୍ମତିକ୍ରମେ କହିଛନ୍ତି। କେବଳ ସେତିକି ନୁହେଁ ପହଲଗାମ୍ ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦିଆଯିବାର ଆବଶ୍ୟକତା ଉପରେ ୟୁଏନ୍‌ଏସ୍‌ସି ଗୁରୁତ୍ୱାରୋପ କରିଛି। ୟୁଏନ୍‌ଏସ୍‌ସି ଗଣମାଧ୍ୟମକୁ ଏକ ବିବୃତି ଜାରି କରି କହିଛି ଯେ, ଆତଙ୍କବାଦ ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପାଇଁ ସବୁଠାରୁ ଗମ୍ଭୀର ବିପଦ ମଧ୍ୟରୁ ଅନ୍ୟତମ। ଏହାର ମୂଳୋତ୍ପାଟନ ହେବା ଜରୁରି। କେବଳ ଆତଙ୍କବାଦୀ ଗୋଷ୍ଠୀଙ୍କୁ ନୁହେଁ ବରଂ ପରଦା ପଛରେ ଲୁଚି ରହୁଥିବା ସେମାନଙ୍କ ପୃଷ୍ଠପୋଷକଙ୍କୁ ମଧ୍ୟ ଦଣ୍ଡିତ କରାଯିବା ଉଚିତ୍। ସୁରକ୍ଷା ପରିଷଦର ସଦସ୍ୟ ରାଷ୍ଟ୍ରଗୁଡ଼ିକ ୨୨ ଏପ୍ରିଲରେ ଜମ୍ମୁ-କାଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୃଢ଼ ନିନ୍ଦା କରିଛନ୍ତି। ଯେଉଁଥିରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। ଗଣମାଧ୍ୟମରେ ଏହି ବିବୃତି ସମସ୍ତ ୧୫ ସଦସ୍ୟ ଦେଶ ପକ୍ଷରୁ ୟୁଏନ୍‌ଏସ୍‌ସି ସଭାପତି ଜିରୋମ୍ ବୋନାଫଣ୍ଟଙ୍କ ଦ୍ୱାରା ଜାରି କରାଯାଇଛି। ୟୁଏନ୍‌ଏସ୍‌ସି ସଦସ୍ୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟମାନେ ପୀଡିତଙ୍କ ପରିବାର ଏବଂ ଭାରତ ସରକାରଙ୍କ ପ୍ରତି ଗଭୀର ସମବେଦନା ଏବଂ ସମବେଦନା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୟୁଏନ୍‌ଏସ୍‌ସି ଏକ ଦୃଢ଼ ବାର୍ତ୍ତା ମଧ୍ୟ ଦେଇଛି। ୟୁଏନ୍‌ଏସ୍‌ସି ସମସ୍ତ ଦେଶଙ୍କୁ ଆନ୍ତର୍ଜାତୀୟ ଆଇନ ଏବଂ ପ୍ରାସଙ୍ଗିକ ସୁରକ୍ଷା ପରିଷଦ ପ୍ରସ୍ତାବ ଅନୁଯାୟୀ ସେମାନଙ୍କର ଦାୟିତ୍ୱ ଅନୁଯାୟୀ ସମସ୍ତ ସକ୍ଷମ କର୍ତ୍ତୃପକ୍ଷଙ୍କ ସହିତ ସକ୍ରିୟ ଭାବରେ ସହଯୋଗ କରିବାକୁ ଅନୁରୋଧ କରିଛି। ପ୍ରକାଶ, ପାକିସ୍ତାନ ବର୍ତ୍ତମାନ ୟୁଏନଏସସିର ଏକ ଅସ୍ଥାୟୀ ସଦସ୍ୟ ରାଷ୍ଟ୍ର ଭାବେ ରହିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra